୬ ଇତିହାସ ରଚିଲା କେପ ଭର୍ଡେ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

• ବର୍ଷ–୩୩ • ସଂଖ୍ୟା–୧୪୮ • ୨୮ ଜୁନ ୨୦୨୬ ରବିବାର • ଭୁବନେଶ୍ୱର • Vol -33 • Issue-148 • 28th June 2026, Sunday • Bhubaneswar

RNI Regd.No. : 52640/94 Postal Regd.No. : BN-60/25-27

## ଉଦ୍ୟମୀ ଓଡ଼ିଶା ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମ

# ସମୃଦ୍ଧ ଓଡ଼ିଶାରେ ଆମର ମା'ମାନେ ବିକାଶର ନେତୃତ୍ୱ ନେବେ




ଭୁବନେଶ୍ୱର, ୨୭।୬

ନ୍ୟୁଜ୍ ବ୍ୟୁରୋ

ମହିଳାମାନଙ୍କୁ ଉଦ୍ୟୋଗ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶା ରାଜ୍ୟ ମହିଳା ଉଦ୍ୟମିତା ପ୍ଲାଟଫର୍ମର ଶୁଭାରମ୍ଭ କରିଛନ୍ତି।

ନୀତି ଆୟୋଗର ସହାୟତାରେ ଆରମ୍ଭ ହୋଇଥିବା ଏହି ପ୍ଲାଟ୍‌ଫର୍ମ (ୱମେନ ଏଣ୍ଟରପ୍ରେନ୍ୟୋରସିପ ପ୍ଲାଟଫର୍ମ ଓଡ଼ିଶା ଚାପ୍ଟର) କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମହିଳାମାନଙ୍କ ଅର୍ଥନୈତିକ ନେତୃତ୍ୱର ଏକ ମହା-ଅଭିଯାନ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସ୍ଥାନୀୟ ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ 'ଉଦ୍ୟମୀ ଓଡ଼ିଶା ଏମଏସଏମଇ କାର୍ଯ୍ୟକ୍ରମ' ତଥା ଅନ୍ତର୍ଜାତୀୟ ଏମଏସଏମଇ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି ।

ସେ କହିଛନ୍ତି ଯେ ଆମର ଲକ୍ଷ୍ୟ ହେଉଛି ଆମେ ଏମିତି ଏକ ଓଡ଼ିଶା ଗଠନ କରିବୁ, ଯେଉଁଠାରେ ମହିଳାମାନେ ଚାକିରି ଖୋଜିବେ ନାହିଁ ବରଂ ଚାକିରି ସୃଷ୍ଟି କରିବେ, ବିଭିନ୍ନ ଉତ୍ପାଦର କେବଳ ଉପଭୋକ୍ତା ହେବେ ନାହିଁ ବରଂ ଉତ୍ପାଦକୁ ନିଜେ ସୃଷ୍ଟି କରିବେ, ସେମାନେ ବିକାଶର କେବଳ ଅଂଶୀଦାର ହେବେ ନାହିଁ, ବରଂ ବିକାଶର ନେତୃତ୍ୱ ନେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହାର ଏକ ବର୍ଷର ଆକ୍ସନ ପ୍ଲାନ୍‌ର ମଧ୍ୟ ଶୁଭାରମ୍ଭ କରିଥିଲେ।

ମୁଖ୍ୟମନ୍ତ୍ରୀ ରାଜ୍ୟର ମହିଳା ସଶକ୍ତିକରଣ କ୍ଷେତ୍ରରେ 'ସୁଭଦ୍ରା ଯୋଜନା'ର ସଫଳତା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଆଜି ଏକ କୋଟିରୁ ଅଧିକ ମହିଳା ଏହି ଯୋଜନାରେ ସଶକ୍ତ ହୋଇ ସ୍ୱାବଲମ୍ବନ ପଥରେ ଅଗ୍ରସର ହେଉଛନ୍ତି।

ଆଇଆଇଏମ ସମ୍ବଲପୁର, ଏସବିଆଇ ଏବଂ ଏଆଇ ଭଏସ୍ ବଟ୍ ସର୍ଭେର ତଥ୍ୟ ଅନୁସାରେ ରାଜ୍ୟରେ ମହିଳା ପରିଚାଳିତ ଉଦ୍ୟୋଗ ସଂଖ୍ୟା ୨୫ ପ୍ରତିଶତରୁ ବୃଦ୍ଧି ପାଇ ୫୩ ପ୍ରତିଶତ, ଅର୍ଥାତ୍ ଦୁଇ ଗୁଣରୁ ଅଧିକ ହୋଇଛି। ଏହା ସହିତ ହିତାଧିକାରୀମାନଙ୍କର ହାରାହାରି ବ୍ୟାଙ୍କ ଜମା ମଧ୍ୟ ୬,୮୮୭ ଟଙ୍କା ବୃଦ୍ଧି ପାଇଛି।

ଏହି ପରିପ୍ରେକ୍ଷୀରେ ନୂତନ ଭାବେ ଗଠିତ ପ୍ଲାଟଫର୍ମ ଜରିଆରେ ମିଶନ ଶକ୍ତି, ଏମଏସଏମଇ, ଷ୍ଟାର୍ଟଅପ୍ ଓଡ଼ିଶା, ବ୍ୟାଙ୍କ ଏବଂ ଶିଳ୍ପ ସଂସ୍ଥା ମଧ୍ୟରେ (ପୃଷ୍ଠା ୭ରେ)

# ଦିନକ ପରେ ସ୍ନାନଯାତ୍ରା : ଶୃଙ୍ଖଳିତ ନୀତିକାନ୍ତି ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

ପୁରୀ, ୨୭।୬

ନ୍ୟୁଜ୍ ବ୍ୟୁରୋ



ଦିନକ ପରେ ଅର୍ଥାତ ସୋମବାର ମହାପ୍ରଭୁଙ୍କ ସ୍ନାନ ଯାତ୍ରା। ଦଇତା ପ୍ରବେଶ ସହ ଦେବସ୍ନାନ ପୂର୍ଣ୍ଣିମା ନୀତି ନେଇ ଚୂଡ଼ାନ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ନୀତିକାନ୍ତିକୁ ଶୃଙ୍ଖଳିତ କରି ଠିକ୍ ସମୟରେ ସ୍ନାନ ଓ ହାତୀବେଶ ସଂପନ୍ନ, ଅନ୍ୟପଟେ ଏସବୁ ଲାଗି ଦିନରାତି ଏକ କରିଦେଇଛି ଶ୍ରୀମନ୍ଦିର ପ୍ରଶାସନ।

ଦିନକ ପରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନ ମଣ୍ଡପରେ ଦିବ୍ୟସ୍ନାନ କରି ଗଜାନନ ବେଶରେ ଦର୍ଶନ ଦେବେ ମହାପ୍ରଭୁ। ଏଥିପାଇଁ ଶନିବାର ସକାଳୁ ସରିଛି ଦଇତା ପ୍ରବେଶ ନୀତି। ପରମ୍ପରା ଅନୁଯାୟୀ ସମସ୍ତ ଦଇତାପତି ଗୋଷ୍ଠୀଗତ ଭାବେ ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି। ମହାପ୍ରଭୁଙ୍କ ବଡ଼ସିଂହାର ବେଶ ସରିବା ପରେ ଭୋଗ ହୋଇ ପହୁଡ଼ ଆଳତି କରାଯାଇଛି। ଏହା ପରେ ଶ୍ରୀମୁଖ ଖଣ୍ଡୁଆ ଓ ବାହୁଟ କଣ୍ଟ ସରିବା ପରେ କୋଠ ସୁଆଁସିଆ ରତ୍ନ ସିଂହାସନରେ ଚାର ବାନ୍ଧିବା ପାଇଁ ପ୍ରବେଶ କରିଛନ୍ତି। ରବିବାର ସଅଳ ସଅଳ କରାଯିବ ସେନାପଟା ଲାଗି ନୀତି।

ନୀତି ନିର୍ଘଣ୍ଟ ଅନୁଯାୟୀ, ସ୍ନାନଯାତ୍ରା ଦିନ ଭୋର୍ ୫ଟାରୁ ୭ଟା ମଧ୍ୟରେ ପହଣ୍ଡି ଏବଂ ଦିନ ୧୨ଟାରୁ ୨ଟା ମଧ୍ୟରେ ଜଳ ବିଜେ ଓ ସ୍ନାନ ନୀତି ରହିଛି। ଅପରାହ୍ନ ୪ଟାରୁ ୫ଟା ମଧ୍ୟରେ ହାତୀ ବେଶ ଏବଂ ସଂଧ୍ୟା ୭ଟା ୩୦ରୁ ୯ଟା ୩୦ ପର୍ଯ୍ୟନ୍ତ ରହିଛି ସାହାଣମେଲା ଦର୍ଶନ। ରାତି ୧୧ରୁ ୨ଟା ମଧ୍ୟରେ ସଂପନ୍ନ ହେବ ବାହୁଡ଼ା ପହଣ୍ଡି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ବରିଷ୍ଠ ଅଧିକାରୀଙ୍କ ସହ ଦେବସ୍ନାନ ନୀତି ପାଇଁ ଗ୍ରହଣ କରାଯାଇଥିବା ସମସ୍ତ ବ୍ୟବସ୍ଥାର ଟିକିନିଖି ସମୀକ୍ଷା କରିଛନ୍ତି। ଶ୍ରୀଜୀଉଙ୍କ ପହଣ୍ଡି, ଜଳ ଲାଗି ନୀତି ନିର୍ଘଣ୍ଟ ଅନୁଯାୟୀ ହେବ, ମହାପ୍ରଭୁଙ୍କ ହାତୀ ବେଶକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ କିଭଳି ଭଲ ଭାବରେ ଦେଖିପାରିବେ ସେ ଦିଗରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଶ୍ରଦ୍ଧାଳୁମାନେ କେବଳ ସିଂହଦ୍ୱାର ଦେଇ ପ୍ରବେଶ କରି ସ୍ନାନ ମଣ୍ଡପରେ ଦର୍ଶନ ପରେ ଶ୍ରୀମନ୍ଦିରର ଅନ୍ୟ ତିନି ଦ୍ୱାର ଦେଇ ପ୍ରସ୍ଥାନ କରିବେ। ଏଥର ମାର୍କେଟ ଛକଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି।

ସେପଟେ ସ୍ନାନଯାତ୍ରା ପାଇଁ ପୁରୀରେ ସୁରକ୍ଷା ଓ ଟ୍ରାଫିକ କଟକଣା ନେଇ କରାଯାଇଛି ବ୍ୟାପକ ବ୍ୟବସ୍ଥା। ଭୁବନେଶ୍ୱର, ବ୍ରହ୍ମଗିରି ଓ କୋଣାର୍କ ପଟୁ ଆସୁଥିବା ୨ ଚକିଆ ଗାଡ଼ିଗୁଡ଼ିକୁ ମାର୍କେଟ୍ ଛକ ପର୍ଯ୍ୟନ୍ତ ଅନୁମତି ପ୍ରଦାନ କରାଯାଇଛି। ଗାଡ଼ିଗୁଡ଼ିକୁ ମ୍ୟୁନିସିପାଲଟି ମାର୍କେଟ୍ କମ୍ପ୍ଲେକ୍ସରେ ରଖିବେ। ସେଠାରେ ପାର୍କିଂ ଫୁଲ୍ ହୋଇଯିବା ପରେ ପୁରୁଣା ଜଗନ୍ନାଥ ବଲ୍ଲଭରେ ପାର୍କିଂ କରିବେ। ସେହିପରି ଭୁବନେଶ୍ୱରପଟୁ ଆସୁଥିବା ଚାରି ଚକିଆ ଗାଡ଼ିଗୁଡ଼ିକ ବାଟଗାଁ, ଶ୍ରୀସେତୁ ଦେଇ ନ୍ୟୁ ଜଗନ୍ନାଥ ବଲ୍ଲଭ ପାର୍କିଂରେ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଦେଶ ବିରୋଧୀ ତତ୍ତ୍ୱଙ୍କ କାର୍ଯ୍ୟକଳାପକୁ ରୋକିବା ପାଇଁ ଉପତ୍ୟକାର ବିଭିନ୍ନ ସ୍ଥାନରେ ତଲାସୀ ଅଭିଯାନ।
- ଗାନ୍ଧୀନଗରରେ 'ଭାରତ ଟ୍ୟାକ୍ସି' ସେବାର ଶୁଭାରମ୍ଭ କଲେ ଅମିତ ଶାହ, କହିଲେ ଦୁଇ ବର୍ଷ ମଧ୍ୟରେ ୫୦୦ ସହର ଓ ଗ୍ରାମରେ ପହଞ୍ଚିବ ସେବା।
- ପୋଟକାରେ ବ୍ରେନ ମ୍ୟାଲେରିଆ ସ୍ଥିତି ଗୁରୁତର, ତିନି ଶିଶୁଙ୍କ ମୃତ୍ୟୁ, ୧୬ ଟି ନୂତନ ସଂକ୍ରମଣ।
- କର୍ଣ୍ଣାଟକର କୋପ୍ପାଲ ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ପାଞ୍ଚ ଜଣଙ୍କର ମୃତ୍ୟୁ।
- ତରାତାଲା ଗୋଦାମ ଦୁର୍ଘଟଣା: ମୃତ୍ୟୁ ସଂଖ୍ୟା ୧୬ କୁ ବୃଦ୍ଧି, ଭଗ୍ନାବଶେଷରେ ଫସି ରହିଥିବା ଲୋକଙ୍କ ପାଇଁ ସନ୍ଧାନ ଜାରି।
- ଫୁଲବାଣୀରେ ଯୌତୁକ ମୃତ୍ୟୁ ମାମଲାରେ ୧୧ ବର୍ଷ ପରେ ସ୍ୱାମୀ ଓ ଶ୍ୱଶୁରଘର ଲୋକଙ୍କୁ ଦଣ୍ଡ।
- ବରଗଡରେ ଧାନ ସଂଗ୍ରହ ଟୋକନକୁ ନେଇ ଚାଷୀଙ୍କ ପ୍ରତିବାଦ ତୀବ୍ର।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୯୫ (+୧୨୦)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୧୯୫ (+୧୧୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୯୬ (+୯୦)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୪୦ (+୦)

# ତ୍ରିଦିବସୀୟ ସେସେଲ୍ସ ଗସ୍ତରେ ପ୍ରଧାନମନ୍ତ୍ରୀ ମୋଦୀ

ଭିକ୍ଟୋରିଆ, ୨୭।୬



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ତିନି ଦିନିଆ ସେସେଲ୍ସ ଗସ୍ତରେ ଯାଇ ରାଜଧାନୀ ଭିକ୍ଟୋରିଆରେ ପହଞ୍ଚିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ସେସେଲ୍ସ ରାଷ୍ଟ୍ରପତି ପାଟ୍ରିକ୍ ହର୍ମିନିଙ୍କ ସହ ଆଲୋଚନା କରିବା ସହ ଦ୍ୱୀପପୁଞ୍ଜ ଜାତୀୟ ଦିବସର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ମୋଦୀ ସେସେଲ୍ସର ଜାତୀୟ ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ରାଷ୍ଟ୍ରପତି ହର୍ମିନିଙ୍କ ଦ୍ୱାରା ନିମନ୍ତ୍ରିତ ହୋଇଥିଲେ। ସେସେଲ୍ସ ଆନ୍ତର୍ଜାତିକ ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରାଷ୍ଟ୍ରପତି ହର୍ମିନି ଓ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଭବ୍ୟ ସ୍ୱାଗତ ଜଣାଇଥିଲେ।

ତାଙ୍କୁ ରାଷ୍ଟ୍ରପତି ହର୍ମିନିଙ୍କ ଉପସ୍ଥିତିରେ ଗାର୍ଡ଼ ଅଫ ଅନର୍ ଦିଆଯାଇଥିଲା। ବିମାନବନ୍ଦରରେ ମୋଦୀଙ୍କୁ ସ୍ୱାଗତ କରିବାକୁ କିଛି ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହି ନୃତ୍ୟ ଭାରତୀୟ ସଂସ୍କୃତିର ମହିମା ଓ ଭାରତୀୟ ବଂଶୋଦ୍ଭବ ସମ୍ପ୍ରଦାୟର ନିଜ ମାତୃଭୂମି ସହିତ ଅତୁଟ ବନ୍ଧନକୁ ପ୍ରଦର୍ଶିତ କରିଥିଲା। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ସେସେଲ୍ସ ଗସ୍ତ ସମ୍ପର୍କରେ (ପୃଷ୍ଠା ୭ରେ)

# ଡାକ୍ତରୀ ଛାତ୍ରୀ ମୃତ୍ୟୁ ମାମଲା: ଭୀମସେନ ଟୁଡୁ ଚାକିରିରୁ ବହିଷ୍କୃତ

କଟକ, ୨୭।୬ : ନ୍ୟୁଜ୍ ବ୍ୟୁରୋ



ବହୁ ଚର୍ଚ୍ଚିତ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତ୍ୟୁ ମାମଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ପ୍ରେମିକ ଭୀମସେନ୍ ଟୁଡୁଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି। ୪୮ ଘଣ୍ଟାରୁ ଅଧିକ ସମୟ ଧରି ଅଟକ ଥିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଭବିଷ୍ୟତରେ ଭୀମସେନ୍ ଟୁଡୁ ଆଉ ସରକାରୀ ଚାକିରି କରିପାରିବେ ନାହିଁ। ସୂଚନାଯୋଗ୍ୟ, ପ୍ରେମିକ ଭୀମସେନ୍ ଟୁଡୁଙ୍କ ପାଇଁ ଚନ୍ଦ୍ରିକାଙ୍କର ମୃତ୍ୟୁ ହୋଇଛି ବୋଲି କଟକ ଡିସିପି ଋଷିକେଶ ଖିଲାରୀ ପ୍ରକାଶ କରିଛନ୍ତି। ତ୍ରିକୋଣୀୟ ପ୍ରେମରେ ଉବୁଟୁବୁ ଯୁବ ଓଏଏସ ଅଧିକାରୀ ପ୍ରେମ ଆଳରେ ଦୀର୍ଘ ୧୫ବର୍ଷ ଧରି ଚନ୍ଦ୍ରିକାଙ୍କ ସହ ସମ୍ପର୍କ ରଖିଆସୁଥିବା ବେଳେ ଶେଷରେ କଳା ବର୍ଣ୍ଣ କହି ତାକୁ ଆକ୍ଷେପ କଲେ। କଥା କଥା କେ ସମ୍ପର୍କ କାଟିବାକୁ ଚନ୍ଦ୍ରିକାଙ୍କୁ (ପୃଷ୍ଠା ୭ରେ)

## ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ମିଳୁ : ଚନ୍ଦ୍ରିକାଙ୍କ ମା'

କଟକ, ୨୭।୬

ନ୍ୟୁଜ୍ ବ୍ୟୁରୋ

ଚନ୍ଦ୍ରିକା ମୃତ୍ୟୁ ମାମଲାରେ ଅଭିଯୁକ୍ତ ଭୀମସେନ ଟୁଡୁଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯିବା ଏବଂ ଭବିଷ୍ୟତରେ କୌଣସି ସରକାରୀ ଚାକିରି ପାଇଁ ଅଯୋଗ୍ୟ ଘୋଷଣା କରାଯିବା ପରେ ଚନ୍ଦ୍ରିକାଙ୍କ ମା' ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ଏହି ପଦକ୍ଷେପ ତାଙ୍କୁ କିଛିଟା ଆଶ୍ୱସ୍ତ କରିଛି । (ପୃଷ୍ଠା ୭ରେ)

## ଆଉ ଜଣେ ଓଡ଼ିଆ ଯୁବତୀଙ୍କ ମୃତ୍ୟୁ ମୃତକଙ୍କ ସଂଖ୍ୟା ୧୨କୁ ବୃଦ୍ଧି

କେନ୍ଦୁଝର, ୨୭।୬

ନ୍ୟୁଜ୍ ବ୍ୟୁରୋ

ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲା ଅନ୍ତର୍ଗତ କାନିଗାଇପେରସ୍ଥିତ ସେଣ୍ଟ ପିଟର୍ ଆଣ୍ଡ ପାଉଲି କମ୍ପାନୀରେ ଚଳିତ ମାସ ୨୧ ତାରିଖ ଦିନ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଆଉ ଜଣେ ଓଡ଼ିଆ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକା ହେଲେ କବିତା ଜୁଆଙ୍ଗ। ସେ ଥିଲେ ତେଲକୋଇ ଅଞ୍ଚଳର ବାସିନ୍ଦା। ଏଥି ସହିତ ଏହି ଦୁର୍ଘଟଣରେ ମୃତ୍ୟୁ ସଂଖ୍ୟା ୧୪କୁ ବୃଦ୍ଧି ପାଇଥିଲା ବେଳେ ଓଡ଼ିଶାରୁ ସାମିଲ ଅଛନ୍ତି ୧୨ ଜଣ।

# ଭୂକମ୍ପ ଝଟ୍‌କାରେ ଥରିଲା ଉତ୍ତର ଭାରତ

ନୂଆଦିଲ୍ଲୀ, ୨୭।୬



ଥରିଲା ଦିଲ୍ଲୀ। ଭୂକମ୍ପରେ ଦିଲ୍ଲୀ ଏନସିଆର ସମେତ ଉତ୍ତର ଭାରତର ଅନେକ ଭାଗରେ ଭୂକମ୍ପର ତୀବ୍ର ଝଟକା ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୬.୨ ଥିଲା। ଏହି ଭୂକମ୍ପ ଭାରତୀୟ ସମୟ ସନ୍ଧ୍ୟା ୭:୦୪ ମିନିଟରେ ଭୂପୃଷ୍ଠରୁ ୨୧୫ କିଲୋମିଟର ଗଭୀରତାରେ ସଂଗଠିତ ହୋଇଥିଲା।ଭୂକମ୍ପର ଝଟକା ଏତେ ଜୋରରେ ଥିଲା ଯେ, ଘର ଓ ଅଫସିରେ ବସିଥିବା ଲୋକେ ଭୟରେ ବାହାରକୁ ଦୌଡ଼ିଥିଲେ। ହେଲେ ଏଥିରେ ଧନଜୀବନ ନଷ୍ଟ ହେବାର ଖବର ଆସି ନାହିଁ। ଉତ୍ତର-ପଶ୍ଚିମ ଭାରତର କିଛି ଅଞ୍ଚଳରେ ମଧ ଅନୁଭୂତ ହୋଇଛି। ଏପଟେ ଭାରତରେ ଦିଲ୍ଲୀ ବ୍ୟତୀତ ଜମ୍ମୁ-କାଶ୍ମୀର ସମେତ ଉତ୍ତର ଭାରତର କିଛି ରାଜ୍ୟରେ ମଧ ଭୂକମ୍ପର ଜୋରଦାର ଝଟକା ଅନୁଭୂତ ହୋଇଛି। ଆଫଗାନିସ୍ତାନ ବ୍ୟତୀତ ପାକିସ୍ତାନ, ଭାରତ, ଚୀନ, ତାଜାକିସ୍ତାନ, ଉଜବେକିସ୍ତାନ , କିର୍ଗିସ୍ତାନ ଓ ତୁର୍କମେନିସ୍ତାନରେ ଏହାର ପ୍ରଭାବ ଦେଖିବାକୁ ମିଳିଛି।




## ଏକାଳ ପଖାଳ



ଆସିଲେ ସିଏ ମିଶିଲେ ଦଳେ
ଅଧା ଖୁସି ଅଧା ଚୁପ୍
ଭାବଭଙ୍ଗୀ ଗୁଡା ଦେଖିବା ବେଳକୁ
ମିଳୁନାହିଁ କିଛି ମାପ
ଚଳିପାରିବେ ଖୁଆଇ ଖାପ ? !
ନା...ପୁଣି କିଛି ହଙ୍ଗମା ହେବ
ବିରୋଧୀଏ ହେବେ ଧପ।

# ଟ୍ରମ୍ପଙ୍କ ତୁଳନାରେ ପୁଟିନଙ୍କୁ ଅଧିକ ଭରସା କରନ୍ତି ଭାରତୀୟ



ନୂଆଦିଲ୍ଲୀ, ୨୭।୬

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉପରେ ବିଶ୍ୱବାସୀଙ୍କ ଭରସା ହ୍ରାସ ପାଇବାରେ ଲାଗିଛି। ପିଉ ରିସର୍ଚ୍ଚ ସେଣ୍ଟର ଦ୍ୱାରା କରାଯାଇଥିବା ଏକ ନୂଆ ସର୍ବେକ୍ଷଣରେ ବିଶ୍ୱରେ ୭୬% ଉତ୍ତରଦାତା ଟ୍ରମ୍ପଙ୍କ ଉପରେ ଅବିଶ୍ୱାସ ପ୍ରକାଶ କରିଛନ୍ତି। ଏକ ସର୍ଭେରୁ ଜଣାପଡିଛି ଯେ, ସର୍ଭେରେ ସାମିଲ ହୋଇଥିବା ଲୋକଙ୍କ ମଧ୍ୟରୁ କେବଳ ୨୩% ଲୋକ କହିଛନ୍ତି ଯେ, ସେମାନେ ଟ୍ରମ୍ପଙ୍କ ଅନ୍ତର୍ଜାତୀୟ ମାମଲା ପରିଚାଳନା କରିବାର କ୍ଷମତା ଉପରେ ବିଶ୍ୱାସ ରଖିଛନ୍ତି।

ପିଉ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ଏହି ସର୍ଭେ ୨୦୨୬ ମସିହା ଫେବୃଆରି ୮ ରୁ ମେ ୧୩ ତାରିଖ ମଧ୍ୟରେ କରାଯାଇଥିଲା ଓ ଏଥିରେ ୩୬ ଟି ଦେଶର ୪୨,୧୫୧ ଜଣ ସାମିଲ ହୋଇଥିଲେ। ଅନ୍ୟ ଏକ ରିପୋର୍ଟ ଅନୁସାରେ ଭାରତୀୟ ଉତ୍ତରଦାତାଙ୍କ ମଧ୍ୟରେ ୫୧ % ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କୁ ପସନ୍ଦ କରିଛନ୍ତି। ପୁଟିନ୍ ବିଶ୍ୱ ବ୍ୟାପାରକୁ ଅଧିକ ସୁଗମ ଭାବେ ପରିଚାଳନା କରି ପାରିବେ ବୋଲି ଭାରତୀୟମାନେ ବିଶ୍ୱାସ କରନ୍ତି। ରିପୋର୍ଟ ଅନୁଯାୟୀ, କେବଳ ୩୯% ଭାରତୀୟ କହିଛନ୍ତି ଯେ, ବିଶ୍ୱ ବ୍ୟାପାରରେ ଟ୍ରମ୍ପ ଠିକ୍ କାମ କରିବେ ବୋଲି ସେମାନଙ୍କର ବିଶ୍ୱାସ। ଟ୍ରାକ୍ କରାଯାଇଥିବା ୨୪ଟି ଦେଶ ମଧ୍ୟରୁ ୧୬ଟିରେ ଟ୍ରମ୍ପଙ୍କ ନେତୃତ୍ୱ ପ୍ରତି ବିଶ୍ୱାସ ହ୍ରାସ ପାଇଛି ଓ (ପୃଷ୍ଠା ୭ରେ)

# କଙ୍ଗୋରେ ଭୟଙ୍କର ରୂପ ନେଉଛି 'ଇବୋଲା'

କଙ୍ଗୋ, ୨୭।୬

କିନଶାସା କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ (ଡିଆରସି) ପୁଣି ଥରେ ଘାତକ ଇବୋଲା ଭାଇରସ କବଳରେ ପଡ଼ିଥିବା ବେଳେ ଦେଶରେ ସଂକ୍ରମିତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇ ୧,୨୦୦ ଅତିକ୍ରମ କରିସାରିଛି। ସରକାରୀ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ୧,୨୦୩ ଜଣ ଏହି ଜୀବାଣୁରେ ଆକ୍ରାନ୍ତ ହୋଇଥିବା ନିଶ୍ଚିତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୨୧ ଜଣଙ୍କର ମୃତ୍ୟୁ ଘଟିଛି। ଜନସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ, ୪୧୯ ଜଣ ରୋଗୀ ବିଭିନ୍ନ ପ୍ରତିଷ୍ଠିତ ହସ୍ପିଟାଲର ଆଇସୋଲେସନରେ ଜୀବନ ପାଇଁ ଲଢୁଛନ୍ତି ଏବଂ ୧୪୮ ଜଣ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହା ବ୍ୟତୀତ ଆଉ ୨୬୫ ଜଣ ସନ୍ଦିଗ୍ଧ ମାମଲା ଚିହ୍ନଟ କରାଯାଇଛି, ଯେଉଁଥିରୁ ୭୭ ଜଣଙ୍କର ମୃତ୍ୟୁ ହୋଇସାରିଥିବାରୁ ପ୍ରକୃତ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ବର୍ତ୍ତମାନ ଇଟୁରି ଅଞ୍ଚଳରେ ଥିବା ଚିକିତ୍ସା କେନ୍ଦ୍ରଗୁଡ଼ିକ ସମ୍ପୂର୍ଣ୍ଣ ଭରିଯାଇଥିବା ବେଳେ ଔଷଧ ଏବଂ ସଂକ୍ରମଣ ପ୍ରତିରୋଧ ସାମଗ୍ରୀର ଘୋର ଅଭାବ ଦେଖାଦେଇଛି। ଏହି ସ୍ଥିତିରେ ଜରୁରୀକାଳୀନ ଭାବେ ପ୍ରାୟ ୨୦ଟି ନୂତନ ଆଇସୋଲେସନ କେନ୍ଦ୍ରର ଆବଶ୍ୟକତା ରହିଛି। ଗତ ମେ' ୧୫ ତାରିଖରେ ଆନୁଷ୍ଠାନିକ ଭାବେ ଘୋଷଣା ହୋଇଥିବା ଏହି ''ବୁଣ୍ଡିବୁଗିଓ ଇବୋଲା ଭାଇରସ'' ପ୍ରକୋପ ୫ ସପ୍ତାହ ପରେ ମଧ୍ୟ (ପୃଷ୍ଠା ୭ରେ)

# ଏମ୍‌କେସିଜିରେ ୨ ପ୍ରଫେସରଙ୍କ ଅନୁପସ୍ଥିତି ଓ ଜଣଙ୍କୁ ବଦଳି ଯୋଗୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଏମ୍‌କେସିଜି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ଶିଶୁ ବିଭାଗରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ବିଭାଗର ୨ ଜଣ ପ୍ରଫେସର ଏକାଧିକ ମାସ ହେବ ଏମ୍‌କେସିଜିକୁ ଆସୁନାହାନ୍ତି। ନିକଟରେ ଆଉ ଜଣେ ସରକାରୀ ପ୍ରଫେସରଙ୍କୁ ଏଠାରୁ କଟକ ବଦଳି କରିଦିଆଯାଇଛି। ଏଭଳି ସ୍ଥିତିରେ ଶିଶୁ ବିଭାଗରେ ପାଠପଢ଼ା ସହ ଚିକିତ୍ସା ସେବା ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ଏମ୍‌କେସିଜି ଶିଶୁ ବିଭାଗର ଇନ୍‌ଡ଼ୋରରେ ଶତାଧିକ ରୋଗୀ ଚିକିତ୍ସିତ ହେଉଥିବା ବେଳେ ଶିଶୁ ବିଭାଗର କାଜୁଆଲଟି ଏବଂ ଆଉଟ୍‌ଡ଼ୋରକୁ ପ୍ରତ୍ୟେକ ଦିନ ଶହ ଶହ ରୋଗୀ ଆସୁଛନ୍ତି। ଏଠାରେ ନିକୁ, ପିକୁ, ଏସ୍‌ଏନ୍‌ସିୟୁ ଭଳି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା ବ୍ୟବସ୍ଥା ରହିଛି। ସେହିପରି ବିଭାଗରେ ୧୧ ଜଣ ପିଜି ଡ଼ାକ୍ତରୀ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଏମ୍‌ବିବିଏସ୍ ଏବଂ ହାଉସ୍ ସର୍ଜନ ତଥା ତାଲିମ୍ ଡ଼ାକ୍ତରଙ୍କୁ ମିଶାଇ ପାଖାପାଖି ୧୫୦୦ ଜଣ ଶିକ୍ଷା ଗ୍ରହଣ କରୁଛନ୍ତି। ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ପ୍ରାକ୍ଟିକାଲ୍, ଗବେଷଣା ଓ ପରୀକ୍ଷା ପରିଚାଳନା ପାଇଁ ବରିଷ୍ଠ ଡ଼ାକ୍ତରଙ୍କୁ ନିଯୁକ୍ତି କରାଯାଇଛି। ବିଭାଗରେ ଜଣେ ପ୍ରଫେସର ରହିଥିବା ବେଳେ ୪ ଜଣ ସହଯୋଗୀ ପ୍ରଫେସର, ୫ ଜଣ ସହକାରୀ ପ୍ରଫେସର, ୭ ରୁ ୮ ଜଣ ସିନିୟର ରେସିଡ଼େଂଟ୍ ଏବଂ ଏକାଧିକ ଟ୍ୟୁଟର ରହିଛନ୍ତି। ତେବେ ଶିଶୁ ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଭାବେ ନିଯୁକ୍ତ ହୋଇଥିବା ବରିଷ୍ଠ ଡ଼ାକ୍ତର ଜଣଙ୍କ ଏଠାରେ ଯୋଗ ଦେବା ଦିନ ଠାରୁ ଛୁଟିରେ ରହିଛନ୍ତି। ବର୍ଷାଧିକ କାଳ ସେ ଛୁଟିରେ ରହିଥିବା ବେଳେ ତାଙ୍କ ବଦଳରେ ବିଭାଗର ଜଣେ ସହଯୋଗୀ ପ୍ରଫେସରଙ୍କୁ ବିଭାଗୀୟ ମୁଖ୍ୟ ଭାବେ ଦାୟିତ୍ୱ ଦିଆଯାଇଥିଲା। ହେଲେ କିଛି ମାସ ତଳେ ସମ୍ପୃକ୍ତ ସହଯୋଗୀ ପ୍ରଫେସରଙ୍କ ବିରୋଧରେ ବିଭାଗର ଡ଼ାକ୍ତରୀ ଛାତ୍ରଛାତ୍ରୀ ବିଭିନ୍ନ ଅଭିଯୋଗ ଆଣିବା ପରେ ସେ ଛୁଟିରେ ଚାଲିଯାଇଥିଲେ। ଏହାପରେ ବିଭାଗର ଆଉ ଜଣେ ସହଯୋଗୀ ପ୍ରଫେସରଙ୍କୁ ବିଭାଗୀୟ ମୁଖ୍ୟ ଭାବେ ଅସ୍ଥାୟୀ ଦାୟିତ୍ୱ ଦିଆଯାଇଛି। ଶିଶୁ ବିଭାଗରେ ବର୍ତ୍ତମାନ କେହି ପ୍ରଫେସର ନାହାନ୍ତି। ୪ ଜଣ ସହଯୋଗୀ ପ୍ରଫେସର ବଦଳରେ ୩ ଜଣ ଅଛନ୍ତି। ବିଭାଗରେ ସ୍ଥାୟୀ ମୁଖିଆ ନଥିବାରୁ ଡ଼ାକ୍ତରୀ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଗବେଷଣା ଓ ପରୀକ୍ଷା ପରିଚାଳନାରେ ସମସ୍ୟା ସହ ଦକ୍ଷିଣ ଓଡ଼ିଶାର ଶିଶୁ ରୋଗୀଙ୍କୁ ଉନ୍ନତ ସେବା ଯୋଗାଇବାରେ ମଧ ଅସୁବିଧା ହେଉଛି। ଦୀର୍ଘ ଦିନ ହେବ ଛୁଟିରେ ଥିବା ସମ୍ପୃକ୍ତ ପ୍ରଫେସର ଏବଂ ସହଯୋଗୀ ପ୍ରଫେସର ସ୍ୱେଚ୍ଛାକୃତ ଅବସର ଆବେଦନ କରିଥିବା ଶୁଣିବାକୁ ମିଳୁଛି। ବିଭାଗର ୨ ଜଣ ଡ଼ାକ୍ତର ନଥିଲେ ମଧ ଏମ୍‌କେସିଜି କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାରଙ୍କ ପକ୍ଷରୁ ଏହା ଉପରେ ପଦକ୍ଷେପ ନିଆଯାଉନଥିବାରୁ ବିଭାଗର ରୋଗୀ ଓ ଛାତ୍ରଛାତ୍ରୀ ବିଭିନ୍ନ ସରକାରୀ ସୁବିଧାରୁ ବଂଚିତ ହେଉଥିବା ଅଭିଯୋଗ ହେଉଛି। ନିକଟରେ ରାଜ୍ୟ ସରକାର ବିଭିନ୍ନ ମେଡ଼ିକାଲ୍ କଲେଜରେ କାର୍ଯ୍ୟରତ ପ୍ରଫେସର ଓ ସହଯୋଗୀ ପ୍ରଫେସରଙ୍କ ଅଦଳବଦଳ କରିଥିଲେ। ଏମ୍‌କେସିଜିରୁ ୫ ଜଣ ଡ଼ାକ୍ତର ବିଭିନ୍ନ ସ୍ଥାନକୁ ବଦଳି ହୋଇ ଯାଇଥିବା ବେଳେ ୭ ଜଣ ଏଠାକୁ ଆସିଛନ୍ତି। ଶିଶୁ ବିଭାଗରେ ପ୍ରଫେସର ନିଯୁକ୍ତ ବଦଳରେ ଜଣେ ସହକାରୀ ପ୍ରଫେସରଙ୍କୁ କଟକ ବଦଳି କରିଦିଆଯାଇଥିବାରୁ ବିଭାଗର ସ୍ଥିତି ଆହୁରି ଜଟିଳ ହୋଇପଡ଼ିଛି।

# ଅନାଥ ଶିଶୁଙ୍କ ସୁରକ୍ଷା ଓ ଥଇଥାନ ନେଇ କୋର୍ଟ କ୍ୟାମ୍ପ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ



ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଉଲୁଣ୍ଡା ବ୍ଲକ ମିଶନ ଶକ୍ତି ସଭାଗୃହ ଠାରେ ପିତୃ ମାତୃହୀନ ଶିଶୁଙ୍କ ପରାମର୍ଶ ଓ କୋର୍ଟ କାମ୍ପ ଅନୁଷ୍ଠିତ ହୋଇଅଛି। ଏହି କାମ୍ପ ରେ ୩୨୬ ଜଣ ଶିଶୁ ଓ ମହିଳା ଉପସ୍ଥିତ ରହି କମିଟି ଆଗରେ ନିଜର ଉପସ୍ଥାପନ କରିଥିଲେ। ଶିଶୁ ମଙ୍ଗଳ କମିଟି, ଦ୍ୱାରା ସମସ୍ତ ଶିଶୁ ଏବଂ ଅଭିଭାବକଙ୍କ ପ୍ରମାଣ ପତ୍ର ଯାଞ୍ଚ କରି ତଥ୍ୟ ସଂଗ୍ରହ କରିଥିଲେ। ଶିଶୁ ମାନଙ୍କ ତଥ୍ୟ ତର୍ଜମା ପରେ ସରକାରଙ୍କ ବିଭିନ୍ନ ଯୋଜନା ରେ ସାମିଲ କରାଯିବା ର ବ୍ୟବସ୍ଥା କରାଯିବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାସ ପରିଚାଳନା କରିଥିବା ବେଳେ ଶିଶୁ ମଙ୍ଗଳ କମିଟି ର ସଭ୍ୟ କେଶବ ଚନ୍ଦ୍ର ମେହେର, ବ୍ରଜେନ୍ଦ୍ର କୁମାର ବିଶି ଉପସ୍ଥିତ ରହି ଉପସ୍ଥାପନା କାର୍ଯ୍ୟ ତୁଲାଇ ଥିଲେ। ଏହି କାମ୍ପ କୁ ଶିଶୁ ସୁରକ୍ଷା ବିଭାଗ ର ଗୌତମ ମହାପାତ୍ର, ରୁଦ୍ର ପ୍ରସନ୍ନ ମିଶ୍ର, ଥବିର କାଲସେ, ମୃତ୍ୟୁଞ୍ଜୟ ସାହୁ, ଜିତେନ୍ଦ୍ର ମଣ୍ଡଳ, ଅନିଲ ମହଲା ଓ ଚାଇଲଡ ହେଲ୍ପ ଲାଇନ ର ଧର୍ମେନ୍ଦ୍ର ଦାସ ତଥା ସ୍ଥାନୀୟ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟା ସହଯୋଗ କରିଥିଲେ।

# ଜନ ସମ୍ପର୍କ ଓ ନାଗରିକ ଭାଗିଦାରି କାର୍ଯ୍ୟକ୍ରମ ଉଦ୍‌ଯାପିତ



ଚୌଦ୍ୱାର,, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶ କ୍ରମେ ଚୌଦ୍ୱାର ପୌରପାଳିକା ତରଫରୁ ଗତ ୧୦ତାରିଖରୁ ଆରମ୍ଭ ହୋଇଥିବା ସହରାଞ୍ଚଳ ଜନ ସମ୍ପର୍କ ଓ ନାଗରିକ ଭାଗିଦାରି ଅଭିଯାନ କାର୍ଯ୍ୟକ୍ରମ ଶନିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ୧୦ ନମ୍ବର ୱାର୍ଡ଼ସ୍ଥିତ ଯଯାତୀ କେଶରୀ କ୍ଲବ୍ ପରିସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପୌରପାଳିକାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ୱାର୍ଡ଼ ନମ୍ବର ୧୭,୧୮ ଓ ୧୯ର ନାଗରିକ ମାନେ ଯୋଗଦେଇ ପୌରପାଳିକାର ଉନ୍ନୟନ ଯୋଜନା , କାର୍ଯ୍ୟକ୍ରମ ଓ ୱାର୍ଡ଼ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଅଧିକାରୀ ମାନଙ୍କ ସହିତ ମତ ବିନିମୟ କରିଥିଲେ । ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ତଥା ଆଖଣ୍ଡଳେଶ୍ୱର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର ବିଜୟ କୁମର ମଲ୍ଲିକ, ଆଶୁତୋଷ ଦାସ, ବିଜୟ କୁମାର ସାହୁ, ନୋଡ଼ାଲ ଅଫିସର ଇଂ ସଞ୍ଜୟ କୁମାର ସାମଲ, ପରିମଳ ବିଶେଷଜ୍ଞ ପିୟୁଷ କୁମାର ସାହୁ, ଦେବାଶୀଷ ମହାପାତ୍ର, ବିମଳ କୁମାର ମହାନ୍ତି, ଅଜିତ୍ ମହାନ୍ତି, ନିର୍ମଳ ଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଜନ ସାଧାରଣଙ୍କ ବିଭିନ୍ନ ଜିଜ୍ଞାସା ଉପରେ ମତବ୍ୟକ୍ତ କରିଥିଲେ। ତପନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ନିର୍ଦ୍ଧାରିତ ସମୟରେ ଜନତାଙ୍କ ସମସ୍ୟା ସମାଧାନ ପାଇଁ ନିର୍ଦ୍ଦେଶ

ସୁବର୍ଣ୍ଣପୁର ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରତାପ କୁମାର ରଣା ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୭୧ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା, ସେଥିମଧ୍ୟରୁ ୫୬ଟି ବ୍ୟକ୍ତିଗତ ଏବଂ ୧୫ଟି ସାମୂହିକ ଦରଖାସ୍ତ ଥିଲା।



ସମସ୍ତ ଦରଖାସ୍ତଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଯାଇଛି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଅଭିଯୋଗ ପାଇଁ ଆସୁଥିବା ଲୋକଙ୍କର ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଛୁଆଠୁ ନେଇ ବୃଦ୍ଧମାନଙ୍କ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ହୋଇଛି। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର ଶ୍ରୀ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ଶ୍ରୀ ସୁରେନ୍ଦ୍ର ମେହେର, ଉଲୁଣ୍ଡା ଅତିରିକ୍ତ ତହସିଲଦାର ଶ୍ରୀ ନିରଞ୍ଜନ ଧଳ ଓ ସରପଞ୍ଚ ଶ୍ରୀ ଯଶୋବନ୍ତ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା ଦିଲ୍ଲୀପ ବାରାଙ୍କ ଦ୍ୱାରା ଆୟୋଜିତ ଏହି ଶିବିରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ, ସହକାରୀ କଲେକ୍ଟର ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବାଲ୍ୟ ବିବାହ ଓ ବୃଦ୍ଧ ବୃଦ୍ଧାଙ୍କୁ ନିର୍ଯାତନା ନ ଦେବା ସମ୍ପର୍କରେ ସଚେତନତା

କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହିତ ବରିଷ୍ଠ ନାଗରିକମାନଙ୍କୁ ଅତ୍ୟାଚାର ଓ ନିର୍ଯ୍ୟାତନା ରୋକିବା ସମ୍ପର୍କରେ ଜନକଲ୍ୟାଣ ସେବା ସମିତି ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାକାଳପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ଜନକଲ୍ୟାଣ ସେବା ସମିତିର ଅଧ୍ୟକ୍ଷ ପବିତ୍ର କୁମାର ପରିଡା, ଜମ୍ବୁ ସାମୁଦ୍ରିକ ଥାନାର ଏସ୍‌ଆଇ ଦୀନବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସମାଜରେ ବରିଷ୍ଠ ନାଗରିକ ତଥା ବୃଦ୍ଧ ବୃଦ୍ଧାଙ୍କୁ ନିର୍ଯ୍ୟାତନା ଘଟଣା ଦିନକୁ ଦିନ ବଢିବାରେ ଲାଗିଥିବାରୁ ଏବଂ ବାଲ୍ୟ ବିବାହକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ କଠୋର ପଦକ୍ଷେପ ନିଆଯିବ। ଏଥିପାଇଁ ଜନସାଧାରଣଙ୍କୁ ସଚେତନ କରିବା ଏକାନ୍ତ ଆବଶ୍ୟକ। ବରିଷ୍ଠ ନାଗରିକମାନଙ୍କୁ ନିର୍ଯ୍ୟାତନା ଦେଉଥିବା ବ୍ୟକ୍ତି ବିଶେଷଙ୍କୁ କଠୋର ଆଇନ୍‌ରେ ମାମଲା ରୁଜୁ କରିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା କରାଯାଇଛି। ବାଲ୍ୟବିବାହ ଏକ ମହାମାରୀ ରୂପ ନେଇ ସମାଜକୁ କଳଙ୍କିତ କରୁଛି। କମ୍ ବୟସରେ ବିବାହ କରିଲେ ମା ଓ ଶିଶୁ ଦୁଇଜଣ ଅସୁସ୍ଥ ହୋଇପଡୁଛନ୍ତି। ଏହି ବାଲ୍ୟବିବାହକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରି ଝିଅମାନଙ୍କୁ ଶିକ୍ଷାରେ ନିୟୋଜିତ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ସମସ୍ତ ପ୍ରକାର ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଉତ୍କଳମଣିଙ୍କ ପ୍ରତିମୂର୍ତ୍ତି ସ୍ଥାପିତ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧଜିଲ୍ଲା ହରଭଙ୍ଗା ବ୍ଲକ କେଳାକଟା ସରକାରୀ ୟୁପିଏସର ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ବାରିକଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ, ବିଦ୍ୟାଳୟ ସଫଳତାର ସହିତ ପ୍ରଖ୍ୟାତ ସମାଜ ସଂସ୍କାରକ, ଶିକ୍ଷାବିତ୍ ଏବଂ ଆଧୁନିକ ଓଡ଼ିଶାର ସ୍ଥପତି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିଛି। ଏହି ପଦକ୍ଷେପ ଛାତ୍ରଛାତ୍ରୀମାନଙ୍କୁ ନିଃସ୍ୱାର୍ଥପର ସେବା, ଦେଶପ୍ରେମ ଏବଂ ଶିକ୍ଷାପ୍ରତି ସମର୍ପଣର ଆଦର୍ଶରେ ଅନୁପ୍ରାଣିତ କରିବାପାଇଁ ନିଆଯାଇଥିଲା। ଶିକ୍ଷକ, ଛାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ଉପସ୍ଥିତିରେ ଏହି ପ୍ରତିଷ୍ଠା ଉତ୍ସବ ଅତି ଉତ୍ସାହର ସହିତ ଆୟୋଜିତ ହୋଇଥିଲା। ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା, ପରେ ସମାଜ ଏବଂ ଶିକ୍ଷା ପ୍ରତି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୀବନ, ଦୃଷ୍ଟିକୋଣ ଏବଂ ଅମୂଲ୍ୟ ଅବଦାନ ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାବେଶକୁ ସମ୍ବୋଧିତ କରି ଶ୍ରୀ ବାରିକ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସଚ୍ଚୋଟତା, କରୁଣା, ଶୃଙ୍ଖଳା ଏବଂ ମାନବତା ପ୍ରତି ସେବାର ମୂଲ୍ୟବୋଧକୁ ଆତ୍ମସାତ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ତାଙ୍କ ଆଦର୍ଶରେ ହେବାକୁ ପରାମର୍ଶ ଦେଇଥିଲେ। ପ୍ରତିମୂର୍ତ୍ତିର ସଫଳ ସ୍ଥାପନ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଏବଂ ଶିକ୍ଷାଗତ ଐତିହ୍ୟକୁ ସଂରକ୍ଷଣ କରିବା ପ୍ରତି ଶ୍ରୀ ପ୍ରବୀଣ କୁମାର ବାରିକଙ୍କ ଉତ୍ସର୍ଗୀକୃତ ନେତୃତ୍ୱ ଏବଂ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି ।

## ମ୍ୟାଲେରିଆ ନିରାକରଣ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ବୈଠକ

# ଶତପ୍ରତିଶତ ଶିଶୁଙ୍କୁ ଟିକାକରଣ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳଙ୍କ ଅଧିକାରୀମାନଙ୍କୁ ପରାମର୍ଶ

ବୌଦ୍ଧ, ନ୍ୟୁଜ ବ୍ୟୁରୋ

ବୌଦ୍ଧ ଜିଲ୍ଲାରେ ମ୍ୟାଲେରିଆ ନିରାକରଣ ଏବଂ ଅନ୍ୟାନ୍ୟ ବାହକଜନିତ ରୋଗ ନିୟନ୍ତ୍ରଣ ସହ ଆଣ୍ଟି ମ୍ୟାଲେରିଆ ମାସ ପାଳନ ଅବସରରେ ଜିଲ୍ଲାସ୍ତରୀୟ ଟେକ୍ନିକାଲ ଟାସ୍କ ଫୋର୍ସ କମିଟି ବୈଠକ ସିଡିଏମ୍ ଏବଂ ପିଏଚ୍‌ଓ କାର୍ଯ୍ୟାଳୟସ୍ଥିତ ଡିଟିୟୁ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥି ସହିତ ମହିଳା ଓ ଶିଶୁ ବିକାଶ ବିଭାଗ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ, ଡାକ୍ତର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଡାକ୍ତର ବି କେ ଆର ସିଂଦେଓ ହେମ୍ବ୍ରମ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ), ଡାକ୍ତର ଅମିତାଭ ଦାସ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା), ଡାକ୍ତର ନାରାୟଣ ପସାୟତ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ମ୍ୟାଲେରିଆ), ଡାକ୍ତର କିଶୋର ଚନ୍ଦ୍ର ପଟ୍ଟନାୟକ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ), ଡାକ୍ତର ଶାନ୍ତା ନିବେଦିତା, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାରେ ମ୍ୟାଲେରିଆ ସଂକ୍ରମଣ ହ୍ରାସ, ମଶା ଓ ଏହାର ଲାର୍ଭା ନିୟନ୍ତ୍ରଣ ଏବଂ ଜନସଚେତନତା ସୃଷ୍ଟି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଜିଲ୍ଲାପାଳ କହିଥିଲେ ଯେ, ମ୍ୟାଲେରିଆ ମୁକ୍ତ ବୌଦ୍ଧ ଗଠନ ପାଇଁ ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏଏନଏମ୍ ଏବଂ ସମସ୍ତ ସମ୍ପୃକ୍ତ ବିଭାଗ ସମନ୍ୱିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ମଶା ଓ ଲାର୍ଭା ନିୟନ୍ତ୍ରଣ ପାଇଁ ରାସାୟନିକ ସ୍ପ୍ରେ ମେସିନ ଏବଂ ଫଗିଂ ମେସିନର ବ୍ୟବହାର ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ସୂଚନା ଦିଆଯାଇଥିଲା ଯେ, ଆସନ୍ତା ୨୮ ଜୁନ୍ ଜାତୀୟ ପଲ୍ସ ପୋଲିଓ ଦିବସ ଅବସରରେ ଜିଲ୍ଲାର ୪,୯୧୪ ଜଣ ଶିଶୁଙ୍କୁ ପୋଲିଓ ଟିକା ପ୍ରଦାନ କରାଯିବ।

# ପିଏମ୍-କିଷାନ ଯୋଜନା ଚାଷୀଙ୍କୁ କରିଛି ଆର୍ଥିକ ସଶକ୍ତିକରଣ

ବୌଦ୍ଧ,, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବୌଦ୍ଧଙ୍କ ଆୟୋଜନରେ ପାଲିଝାର ଫାର୍ମଠାରେ ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ଯୋଜନାର ୨୩ତମ କିସ୍ତି ଅର୍ଥରାଶି ପ୍ରଦାନ ଅବସରରେ ଜିଲ୍ଲାସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କୃଷି ବିଜ୍ଞାନ କେନ୍ଦ୍ର,ବୌଦ୍ଧର ମୁଖ୍ୟ ବୈଜ୍ଞାନିକ ଡଃ ତପନ କୁମାର ଦାସ ଏବଂ ଗବେଷଣା କେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ଡଃ ସତ୍ୟେନ୍ଦ୍ର ସିଂହ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାଶ କାର୍ଯ୍ୟକ୍ରମର ସଂଯୋଜନା କରିବା ସହ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଅତିଥିମାନେ ପିଏମ୍- କିସାନ ଯୋଜନା ଚାଷୀମାନଙ୍କ ଆର୍ଥିକ ସଶକ୍ତିକରଣ ଓ କୃଷି ବିକାଶରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଥିବା ଉଲ୍ଲେଖ କରିଥିଲେ। ସେମାନେ ଚାଷୀମାନଙ୍କୁ ଆଧୁନିକ କୃଷି ପ୍ରଯୁକ୍ତି ଆପଣାଇବା ଏବଂ ସରକାରୀ ଯୋଜନାର ସୁଫଳ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ୨୩ତମ କିସ୍ତିରେ ବୌଦ୍ଧ ଜିଲ୍ଲାର ୪୯,୩୪୨ ଜଣ ପିଏମ୍-କିସାନ ହିତାଧିକାରୀ ଉପକୃତ ହୋଇଥିବା ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଚାଷୀ, କୃଷି ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ।

# ବୌଦ୍ଧ ଜିଲ୍ଲାରେ ବିକାଶ ଧାରା, ଓଡ଼ିଶା ସାରା କାର୍ଯ୍ୟକ୍ରମ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧବ୍ଲକ ଲକ୍ଷ୍ମୀପ୍ରସାଦ ପଂଚାୟତ କଲ୍ୟାଣ ମଣ୍ଡପଠାରେ ବିକାଶର ଧାରା ଓଡିଶା ସାରା ସରପଞ୍ଚ ଭାରତୀ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ଏବିଡିଓ ସୁଦାମ ଚରଣ ସାମଲ, କନିଷ୍ଠ ଯନ୍ତ୍ରୀ ସୁଜାତା ବେହେରା, ପୁର୍ବତନ ସରପଞ୍ଚଭୋଳାଗିରି ସାହୁ ଯୋଗଦେଇ ୨ ବର୍ଷ ବିକାଶ ସଂମ୍ପର୍କରେ କହିଥିଲେ। ପଂଚାୟତ ନିର୍ବାହୀ ଅଧିକାରୀ ଶରତ କୁମାର ପୁରୋହିତ ସ୍ୱାଗତ ଭାଷଣ ଦେବା ସହିତ ପରିଚାଳନା କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ନୂତନ ରାସନ କାର୍ଡ ଓ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡ କରାଯାଇଥିଲା। ଶେଷରେ ଯୋଗାଣ ସହାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ପଦ୍ମପୁର ପଞ୍ଚାୟତ ପରିସରରେ ବିକାଶର ଧାରା ଓଡିଶା ସାରା ସରପଞ୍ଚସୌଦାମିନୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ସହକାରୀ ଯନ୍ତ୍ରୀ ପ୍ରାଚୀ ପରମିତା ସାବତ, ସମ୍ମାନୀତ ଅତିଥି ଭାବେ କନିଷ୍ଠ ଯନ୍ତ୍ରୀ ମନୋଜ ବେହେରା, ସୁପ୍ରିୟା ସାହୁ, ଯୋଗାଣ ନିରୀକ୍ଷକ ନିବେଦିତା ଜାନୀ, ପ୍ରଭାସିନୀ ରଣଭଇସା ଯୋଗ ଦେଇ ସରକାରଙ୍କ ୨ ବର୍ଷର ଉନ୍ନୟନ ମୂଳକ କାର୍ଯ୍ୟ ସଂପର୍କରେ କହିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ରାସନ କାର୍ଡ କରାଯାଇଥିଲା। କାର୍ଯ୍ୟକ୍ରମରେ ସମିତି ସଭ୍ୟା ରଶ୍ମିତା ତରିଆ, ନିରୁପମା ସାହୁ, ଯୋଗାଣ ସହାୟକ ରଶ୍ମିତା ପ୍ରଧାନ ଉପସ୍ଥିତ ଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ସ୍ଥିତ ପିଏମଶ୍ରୀ କଳିଙ୍ଗ ନୋଡାଲ ହାଇସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରାତନ ଛାତ୍ର ପ୍ରଶାନ୍ତ ବରାଳଙ୍କ ତତ୍ତ୍ୱାବଧାନରେ କଟକ କ୍ଲବ ରିସର୍ଟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ବିଦ୍ୟାଳୟରେ ମୌଳିକ ବାତାବରଣ ସୃଷ୍ଟି କରିବା, ପରିବେଶ ସୁରକ୍ଷା ଓ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଦିଗରେ ଆଲୋଚନା କରିଥିଲେ। ଦୂର ଦୂରାନ୍ତରରେ ରହୁଥିବା ବହୁ ଛାତ୍ରଛାତ୍ରୀ ଆଭାସୀ ମାଧ୍ୟମରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଯାଜପୁର ଜିଲ୍ଲା କୋର୍ଟ ପରିସରରେ ଯୋଗ ଦିବସ ପାଳିତ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ଉଚ୍ଚ ନ୍ୟାୟାଳୟ, ଓଡିଶାଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ଜିଲ୍ଲା କୋର୍ଟ ପରିସରରେ ବିଶ୍ୱ ଯୋଗ ଦିବସ ଉପଲକ୍ଷେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଲ୍ଲା ଦୌରା ଜର୍ଜ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଅମୃତ ରଞ୍ଜନ ନନ୍ଦ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜିଲ୍ଲା କୋର୍ଟର ସମସ୍ତ ବିଚାରପତି ବୃନ୍ଦ ଏବଂ କର୍ମଚାରୀମାନେ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ଦୈନିକ ଦିନଚର୍ଯ୍ୟାରେ କିପରି ଯୋଗାଭ୍ୟାସ, ଆସନ ଓ ପ୍ରାଣାୟାମକୁ ସାମିଲ କରି ନିଜକୁ ସୁସ୍ଥ ରଖିପାରିବେ, ସେ ସମ୍ପର୍କରେ ଯୋଗଗୁରୁ ବିକାଶ ଚନ୍ଦ୍ର ସାହୁଙ୍କଠାରୁ ଶିକ୍ଷା ନେଇଥିଲେ। ଏହି ଶିବିରକୁ ଜିଲ୍ଲା କୋର୍ଟର ରେଜିଷ୍ଟାର ପଲ୍ଲବୀ ରାଣୀ ସାହୁ ଏବଂ ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ।

# ଜଳେଶ୍ୱରରେ ୧୮୨ ଅଭିଯୋଗ ଫର୍ଦ୍ଦ ଦାଖଲ

ବାଲେଶ୍ୱର, ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୮୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୬୪ ଗୋଟି ବ୍ୟକ୍ତିଗତ ଓ ୧୨ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୬ ଗୋଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୧୮ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ଓ ଏହି




କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ, ସୂର୍ଯ୍ୟବଂଶୀ ମୟୂର ବିକାଶ, ଆରକ୍ଷୀ ଅଧିକ୍ଷକ, ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ, ଉପ ଜିଲ୍ଲାପାଳ, ଶିବ ମାଲବ୍ୟ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ, ଜିଲ୍ଲା ପରିଷଦ ଡଃ ମଧୁସ୍ମିତା ସାମନ୍ତରାୟ, ବିଡିଓ, ଜଳେଶ୍ୱର ଗୌରାଙ୍ଗ ଘୋଷ, ତହସିଲଦାର, ସତ୍ୟଜିତ୍ ମହାନ୍ତି, ନିର୍ବାହୀ ଅଧିକାରୀ, ଜଳେଶ୍ୱର ମ୍ୟୁନିସିପାଲଟି ହେମନ୍ତ ସିଂହଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଦୁର୍ଗମ ଅଞ୍ଚଳର ସମସ୍ତ ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦେବା ଉପରେ ଗୁରୁତ୍ୱାରୋପ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲାରେ ଚଳିତ ଜୁନ୍ ୨୮.୦୬.୨୦୨୬ ରୁ ୩୦.୦୬.୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପଲ୍ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ କହିଥିଲେ ଯେ, ଆଗାମୀ ଜୁନ୍ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଲ୍ସ ପୋଲିଓ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ଦୁର୍ଗମ ଅଞ୍ଚଳରେ କିପରି ସମସ୍ତ ଶିଶୁ ପୋଲିଓ ବୁନ୍ଦା ପାଇବେ ସେଥିପ୍ରତି ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଲ୍ସ ପୋଲିଓ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିବା ଜିଲ୍ଲାର ସମସ୍ତ ସୁପରଭାଇଜରମାନଙ୍କୁ ସଠିକ୍ ରୂପେ ତଦାରଖ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଦେଶକୁ ପୋଲିଓ ମୁକ୍ତ କରିବା ପାଇଁ ଜନ୍ମରୁ ୫ ବର୍ଷର ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧର୍ମେନ୍ଦ୍ର ସେଠୀ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସମଗ୍ର ଜିଲ୍ଲାରେ ୧,୭୬,୬୫୯ ଜଣ ଶିଶୁଙ୍କୁ ଟିକାକରଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଏଥିପାଇଁ ସମଗ୍ର ଜିଲ୍ଲାରେ ୮୬୦ ଟି ପୋଲିଓ ବୁଥ୍ ଖୋଲାଯାଇଛି। ତା ୨୮.୦୬.୨୦୨୬ ରବିବାର ଦିନ ଜିଲ୍ଲାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଓ ଏ.ଏନ୍.ଏମ୍. ସେଣ୍ଟରମାନଙ୍କରେ ଟୀକାକରଣ ଚାଲୁ ରହିବ ଏବଂ ଯେଉଁ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଯଥେଷ୍ଟ ସୁବିଧା ନଥିବ ସେଠାରେ ନିକଟସ୍ଥ ବିଦ୍ୟାଳୟ ପ୍ରକୋଷ୍ଠ ବ୍ୟବହୃତ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ, ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ବିଭିନ୍ନ ଅନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ସାମିଲ୍ କରି ଏ ସଂପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଡାକ୍ତର ପୁରୁଷୋତ୍ତମ ମହାନ୍ତି, ଡାକ୍ତର ନିଲମ ମହାନ୍ତି, ଡାକ୍ତର ବସନ୍ତ କୁମାର ପାତ୍ର, ଡାକ୍ତର ପୁଷ୍ପାରାଣୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ବାସନ୍ତି ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହାନ୍ତି, ଏନ୍.ଏଚ୍.ଏମ୍. ନିତ୍ୟରଞ୍ଜନ ବରାଳ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟର ଇ.ଓ. ମାଧବ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜ୍ୟୋର୍ତିମୟୀ ନାଏକ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ଡିଭିଏଲଏମ୍ ଗୋବିନ୍ଦ ଚନ୍ଦ୍ର ମିଶ୍ର ପାୱାରପଏଂଟ୍ ପ୍ରେଜେଣ୍ଟେସନ୍ ମାଧ୍ୟମରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏଚସିଓ ଭରତ କୁମାର ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ପ୍ରମୋଦ କୁମାର ପଟ୍ଟନାୟକ, ପି.ଏଚ୍. କନ୍‌ସଲଟାଣ୍ଟ ଡାକ୍ତର ହିମାଂଶୁ ଶେଖର ସାହୁ, ଡି.ଏମ୍.ଆର୍.ସି.ଏଚ. ବିଶ୍ୱରଞ୍ଜନ ରାଉତ, ଏ.ପି.ଏମ୍. ହେନାନୀ ଆନନ୍ଦ, ଏ.ଏମ୍. ଏଲ୍‌ଏଆଇଏସ୍ ସୂର୍ଯ୍ୟ ପ୍ରକାଶ ପଣ୍ଡା ଏବଂ ଆଇ.ସି.ଏ. ଚିତରଞ୍ଜନ ଜେନା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।




//////////// ବାହୁଦା ମୁହାଣରେ ବଢୁଛି ହେନ୍ତାଳ ଗଛ ////////////

# ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ପାଇବେ ଉପକୂଳବର୍ତ୍ତୀ ବାସିନ୍ଦା



**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବାହୁଦା ମୁହାଣରେ ହେନ୍ତାଳ ଗଛ ବୃଦ୍ଧି ପାଉଛି । ଯାହାକି ଆଗାମୀ ଦିନରେ ଉକ୍ତ ଅଞ୍ଚଳର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ଜିଲ୍ଲାକୁ ମଧ୍ୟ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିବ। ଏନେଇ ବ୍ରହ୍ମପୁର ବନ ବିଭାଗ ଅଧୀନରେ ଥିବା ଭାରତୀୟ ଉପକୂଳବର୍ତ୍ତୀ ଅଧିବାସୀଙ୍କ ଜଳବାୟୁ ସହନଶୀଳତା ଓ ଅଭିବୃଦ୍ଧି ପକ୍ଷରୁ ୨୦୨୫ ମସିହାରେ ହେନ୍ତାଳ ଚାରା ରୋପଣ କରାଯାଇଥିଲା । ବର୍ତ୍ତମାନ ତାହା କାଦୁଆ ଏବଂ ସନ୍ତସନ୍ତିଆ ଜାଗାରେ ଉନ୍ନତ ଭାବେ ୩ ଫୁଟ ଉଚ୍ଚତା ଯାଏଁ ବଢୁଛି । ଯାହାକି ଆଗାମୀ ୫ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ବୃଦ୍ଧି ପାଇବ ବୋଲି ଇସିଆର୍‌ଆଇସିସିର ଜିଲ୍ଲା କୋଡ଼ିନେଟର୍ ରଞ୍ଜନ କୁମାର ଭୋଇ ସୂଚନା ଦେଇଛନ୍ତି । ଅତୀତରେ ଗଞ୍ଜାମ ଜିଲ୍ଲାକୁ ୧୯୯୯ ମସିହା ମହାବାତ୍ୟା ବଡ଼ ବିପର୍ଯ୍ୟୟ ଆଣିଥିଲା । ଏହାପରେ ୨୦୧୩ ମସିହାରେ ଫାଇଲିନ୍ ବାତ୍ୟା ଜିଲ୍ଲାବାସୀଙ୍କ ପାଇଁ ପୁଣି ଦାଉ ସାଜିଥିଲା। ଯେଉଁଥିରେ ଗଞ୍ଜାମ ଜିଲ୍ଲାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ସହ ଜୀବନହାନୀ ମଧ୍ୟ ଘଟିଥିଲା। କିନ୍ତୁ ବର୍ତ୍ତମାନ ବିଭାଗ ପକ୍ଷରୁ ଉପକୂଳବର୍ତ୍ତୀ ବାସିନ୍ଦାଙ୍କୁ ସୁରକ୍ଷିତ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଆଗାମୀ ଦିନରେ ଜିଲ୍ଲା ପାଇଁ ବଡ଼ ଧରଣର ସୁରକ୍ଷା ପାଚେରୀ ସାଜିବ ବୋଲି ବହୁ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଇସିଆର୍‌ଆଇସିସି ପକ୍ଷରୁ ୨୦୨୫ରେ କେନ୍ଦ୍ରାପଡ଼ାର ରାଜନଗରରୁ ହେନ୍ତାଳର ଚାରା ଅଣାଯାଇଥିଲା। ଏହାକୁ ରୋପଣ ପାଇଁ ରାଜ୍ୟ ଇସିଆର୍‌ଆଇସିସି ପକ୍ଷରୁ ଏକ ଟିମ୍ ଆସି ଅନ୍ତରାଇପୁର, ପାତି ସୋନାପୁର ଗ୍ରାମବାସୀ ସମେତ ଓ ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ପ୍ରଶିକ୍ଷଣ ଦେଇଥିଲେ । ପ୍ରଶିକ୍ଷାର୍ଥୀମାନେ ହେନ୍ତାଳର ଚାରା ରୋପଣ କିଭଳି ରୋପଣ କରାଯିବ ସେ ନେଇ ୧୦ ଦିନିଆ ପ୍ରଶିକ୍ଷଣ ଦେଇଥିଲେ । ଏହାପରେ ବିଭାଗର ସହଯୋଗରେ ଗାଁ ବାସିନ୍ଦା ଓ ବନ ସୁରକ୍ଷା ସମିତି ସଦସ୍ୟଙ୍କ ଦ୍ୱାରା ୨୦୨୫ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ରୋପଣ କରାଯାଇଥିଲା। ବାହୁଦା ମୁହାଣରେ ଲୁଣି ପାଣି ଯିବା ଆସିବା କରୁଥିବା ସମତୁଲ ଜାଗାରେ ରୋପଣ ଆରମ୍ଭ କରାଯାଇଥିଲା । ମୁହାଣରେ ରହିଥିବା ୬ ଏକର ସମତୁଲ ଜାଗାରେ ସିନ୍ଧୁକା, ରାଇ, ବନ୍ଦାରୀ, ଗରରି ଓ କାଳିଆଚୁଆ ପ୍ରଜାତିର ୧୫ ହଜାର ହେନ୍ତାଳ ଚାରା ରୋପଣ କରାଯାଇଛି। ଏଥିପାଇଁ ୨ ଲକ୍ଷ ୯୨ ହଜାର ୮୬୦ ଟଙ୍କା ଖର୍ଚ୍ଚ ହୋଇଛି । ଏଥିମଧ୍ୟରୁ ରାଇ ଓ ସିନ୍ଧୁକା ପ୍ରଜାତିର ହେନ୍ତାଳ ଶୀଘ୍ର ବୃଦ୍ଧି ପାଉଛି । ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସହଯୋଗକ୍ରମେ ବ୍ରହ୍ମପୁର ବନ ବିଭାଗ ଅଧୀନସ୍ଥ ଇସିଆର୍‌ଆଇସିସି, ଗ୍ରୀନ୍ କ୍ଲାଇମେଟ୍ ଫଣ୍ଡ ଓ ୟୁଏନ୍‌ଡ଼ିପି ସହାୟତାରେ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ଜିଲ୍ଲା କୋଡ଼ିନେଟର ସୂଚନା ଦେଇଛନ୍ତି । ଆଗାମୀ ଦିନରେ ଏହା ବୃଦ୍ଧି ପାଇଲେ ପାର୍ଶ୍ୱବର୍ତ୍ତୀ ଗାଁକୁ ସୁରକ୍ଷା ସହ ସମୁଦ୍ର କୂଳ ଖାଇବାରେ ସୁରକ୍ଷା ଯୋଗାଇବ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ବିଭାଗ ପକ୍ଷରୁ ଖଲ୍ଲିକୋଟ ରେଞ୍ଜ ଅଧୀନସ୍ଥ ପୁରୁଣାବନ୍ଧ ଓ ଗୋଖରକୁଦା ଅଞ୍ଚଳରେ ପ୍ରାୟ ୧୦ ଏକର ଜାଗାରେ ହେନ୍ତାଳ ଚାରା ୨୦୨୪ ମସିହାରେ ରୋପଣ କରାଯାଇଥିଲା । ଫିସିଂ କେନାଲ୍ ମାଧ୍ୟମରେ ୪ ହେକ୍ଟର ଓ ସମୁଦ୍ର ମୁହାଣ ତଟବର୍ତ୍ତୀ ୬ ହେକ୍ଟର ସମତୁଲ ଜାଗାରେ ହେନ୍ତାଳ ଚାରା ରୋପଣ କରାଯାଇଥିଲା। କିନ୍ତୁ ବାତ୍ୟା ଦାନାର ପ୍ରଭାବରେ ସମୁଦ୍ର ପାଣି ମାଡ଼ିଯାଇ ସମସ୍ତ ଚାରା ନଷ୍ଟ ହୋଇଯାଇଥିଲା । ଫଳରେ ସେଠାରେ ହେନ୍ତାଳ ଅଭିଯାନ ସମ୍ପୂର୍ଣ୍ଣ ରୂପେ ଫେଲ୍ ମାରିଛି । କିନ୍ତୁ ବାହୁଦା ମୁହାଣରେ ଯଦି ହେନ୍ତାଳ ବଣ ବୃଦ୍ଧି ପାଏ ତେବେ ଆଗାମୀ ଦିନରେ ଉକ୍ତ ଉପକୂଳବର୍ତ୍ତୀ ସଂଲଗ୍ନ ଅଞ୍ଚଳଗୁଡ଼ିକରେ ହେନ୍ତାଳ ଚାରା ରୋପଣ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ଶିଘ୍ର ଆରମ୍ଭ କରାଯିବ:ସ୍ୱାସ୍ଥ୍ୟ ମନ୍ତ୍ରୀ



**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚୁଡାପାଲି ଠାରେ ଥିବା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ନିର୍ମାଣ ନିମନ୍ତେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରୁ ପ୍ରାୟ ୧୮ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦନ ହୋଇଛି ଏବଂ ଟେଣ୍ଡର କାର୍ଯ୍ୟ ମଧ୍ୟ ସରିଛି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗଙ୍କୁ ଜିଲ୍ଲା ସର୍କିଟ୍ ହାଉସ୍ ଠାରେ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଆଲୋଚନା କରିଛନ୍ତି ଏବଂ ପ୍ରତିଶୃତି ଦେଇଛନ୍ତି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରାୟ ୧୦ ଏକର ଜାଗାରେ ବଲାଙ୍ଗିର ପାଟଣାଗଡ ରାସ୍ତା କଡ଼ରେ ତଥା ଦାଉପାଲି ଠାରେ ନିର୍ମାଣ ହେବ । ତେଣୁ ବଲାଙ୍ଗିର ଜିଲ୍ଲାର ଅନେକ ଲୋକ ଚିକିତ୍ସା ପାଇବା ଅଧିକ ସୁଯୋଗ ପାଇବେ ତଥା ଅନେକ ବିଭାଗ ଖୋଲିବା ନେଇ ଅଞ୍ଚଳବାସୀଙ୍କ ମନରେ ଆଶା ବାନ୍ଧିଛି । ଏହି ସାକ୍ଷାତରେ ଗୋଷ୍ଠୀ କେନ୍ଦ୍ର ଚିକିତ୍ସାଧିକାରୀ ଡା. ତରୁଣ କୁମାର ଭୋଇ, ଗୌନ୍ତିଆ ଲୋକନାଥ କୁମୁରା, ବରିଷ୍ଠ ବିଜେପି ନେତା ଗୋପାଳଜୀ ପାଣିଗ୍ରାହୀ, ସୁଶିଲ କୁମାର ବେହେରା, ଗିରିଧାରୀ ପୁଟା, ଜଗଦୀଶ ନାଥ, ସଂଗଠକ ଜୟକୃଷ୍ଣ ମିଶ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଶୁଭ ଶିଳାନ୍ୟାସ କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିବା ସହ ବିଧାୟକ, ସାଂସଦ ସମସ୍ତଙ୍କ ଉପସ୍ଥିତି ସହଯୋଗ ଲୋଡ଼ିଥିଲେ।

# ନିଶା ଅପବ୍ୟବହାର ଓ ଅବୈଧ କାରବାର ରୋକିବା ଉପରେ ଗୁରୁତ୍ୱ



**କଟକ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଅବକାରୀ ବିଭାଗର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ନିଶା ଅପବ୍ୟବହାର ଏବଂ ଅବୈଧ କାରବାର ନିରୋଧ ଦିବସ, ୨୦୨୬ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ, ଏକ ନିଶା ମୁକ୍ତି ରଥ, ଦିବ୍ୟୋଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପ-ଜିଲ୍ଲାପାଳ, ସଦର କଟକ ଏବଂ ଅନ୍ୟାନ୍ୟ ଅତିଥିମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ଏହାପରେ ଜିଲ୍ଲାପାଳଙ୍କ ନୂତନ ସଭାଗୃହରେ ନିଶାରୁ ମୁକ୍ତି ନିମନ୍ତେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲ୍ଲାରେ କାର୍ଯ୍ୟରତ ଚାରିଗୋଟି ନିଶାମୁକ୍ତି କେନ୍ଦ୍ରର ଅନ୍ତେବାସୀ ଯଥା: PECUC, ଦେହଳିଆବାଗ/ଗ୍ରାମ୍ୟ ସହାୟ, ହରିରାଜପୁର/ OKVIA, ମଧୁପୁରିଆ / NICCD, ବାଙ୍କୀ / ପରିବର୍ତ୍ତନ, ଚୌଦ୍ୱାର ଏବଂ ଅବକାରୀ ବିଭାଗ ଓ ପ୍ରଜାପିତା ବ୍ରହ୍ମାକୁମାରୀ ଝାଞ୍ଜିରମଙ୍ଗଳାର ସଦସ୍ୟ ବୃନ୍ଦ ଉକ୍ତ ସଭାରେ ଭାଗ ନେଇଥିଲେ। ଭେଷଜ ବିଶେଷଜ୍ଞ ଡାକ୍ତର ପ୍ରଫେସର ଜୟନ୍ତ କୁମାର ପଣ୍ଡା, ବ୍ରହ୍ମ କୁମାରୀର ଗୀତା ଭଉଣୀ, ଅବକାରୀ ଅଧୀକ୍ଷକ, କଟକ କରୁଣାକର ସିଂହ ତିୱାରୀ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ, ମନୋଜ କୁମାର ରଥ ଏବଂ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, କଟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରି ସଭାକାର୍ଯ୍ୟ ପରିଚାଳନା କରିଥିଲେ । ତତ୍ ସହିତ ନିଶାରୁ ମୁକ୍ତି ରହିବା ନିମନ୍ତେ ଏକ 'ଶପଥ ପାଠ' ଗ୍ରହଣ କରାଯାଇଥିଲା । ଏହାପରେ 'ରକ୍ତ ଚରିତ୍ର' ନାମରେ, ଏକ ନୃତ୍ୟ ପରିବର୍ତ୍ତନ ନିଶାମୁକ୍ତି କେନ୍ଦ୍ର, ଚୌଦ୍ୱାର ପିଲାମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ସର୍ବଶେଷରେ ଅବକାରୀ ବିଭାଗରେ କାର୍ଯ୍ୟରତ କମଳ ଲୋଚନ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ରେଳ ଧରଣାରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଇଷ୍ଟକୋଷ୍ଟ ରେଳପଥର ମଙ୍ଗୁଳି ଷ୍ଟେସନ୍ ସନ୍ନିକଟ ଓଭର ବ୍ରିଜ୍ ଉପରେ ରେଳଧାରଣା ଉପରୁ ଜଣେ ଅଜଣା ଯୁବକଙ୍କ ଝୁଲନ୍ତା ମୃତଦେହକୁ ଉଦ୍ଧାର କରିଛି ରେଳବାଇ ପୋଲିସ। ସେ ଟ୍ରେନ୍‌ରୁ ଖସିପଡ଼ି ମୃତ୍ୟୁବରଣ କରିଛନ୍ତି କିମ୍ବା ଅନ୍ୟକିଛି କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ଜଣାପଡ଼ିନାହିଁ । ଖବରପାଇ ଚୌଦ୍ୱାର ଦମକଳ ବାହିନୀ, ଚୌଦ୍ୱାର ପୋଲିସ ଓ ଜିଆରପି ପୋଲିସ ମିଳିତ ଭାବେ ପୋଲ ଭିତରୁ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି । ମୃତକଙ୍କ ପରିଚୟ ଜଣାପଡ଼ିନାହିଁ ।

# 'ଷ୍ଟାର୍ ସ୍କୁଲ୍' ପ୍ରକଳ୍ପ ଶିକ୍ଷାର ଗୁଣାତ୍ମକ ବିକାଶରେ ହେବ ଏକ ମାଇଲଖୁଣ୍ଟ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଦ୍‌ଭାବନା ସମ୍ମିଳନୀ କକ୍ଷ ଠାରେ ୱାଇସିଡିଏ ଓଏଚ୍‌ସିଏଲ୍ ଫାଉଣ୍ଡେସନ୍ ତରଫରୁ ଷ୍ଟାର୍ ସ୍କୁଲ୍ ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବୌଦ୍ଧ ବ୍ଲକର ୫ଟି ପଞ୍ଚାୟତରେ ୫୩ଟି ବିଦ୍ୟାଳୟରେ କାର୍ଯ୍ୟକାରୀ ହେବ ଏବଂ ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ଉନ୍ନତି ପାଇଁ ଏହା ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। କାର୍ଯ୍ୟକ୍ରମକୁ ୱାଇସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମହେର ସଭାପତିତ୍ୱ କରି ପରିଚାଳନା କରିଥିବାବେଳେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୁତିଭୂଷଣ ନାୟକ ଯୋଗଦେଇ ପ୍ରକଳ୍ପର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲାଶିକ୍ଷା ଅଧିକାରୀ ଟେମଲାଲ ଦୁବେ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷଣ ପରିବେଶର ଉନ୍ନତି, ଶିଶୁମାନଙ୍କ ପାଇଁ ଆନନ୍ଦଦାୟକ ଓ ଆକର୍ଷଣୀୟ ଶିକ୍ଷା ସୁନିଶ୍ଚିତ କରିବା, ଅଭିଭାବକ ଓ ସମୁଦାୟର ବିଦ୍ୟାଳୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ ବୃଦ୍ଧି କରିବା, ଶିକ୍ଷକମାନଙ୍କ ଶିକ୍ଷାଦାନ କୌଶଳକୁ ସୁଦୃଢ଼କରି ପ୍ରଭାବଶାଳୀ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ସହିତ ବିଦ୍ୟାଳୟ ପରିଚାଳନା କମିଟିର ଦକ୍ଷତା ବୃଦ୍ଧି ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥିମାନେ ନିଜ ବକ୍ତବ୍ୟରେ କହିଥିଲେ ଯେ, ବିଦ୍ୟାଳୟ, ଅଭିଭାବକ, ସମୁଦାୟ ଏବଂ ପ୍ରଶାସନର ସମନ୍ୱିତ ପ୍ରୟାସ ଦ୍ୱାରା ଶିକ୍ଷାର ଗୁଣବତ୍ତା ବୃଦ୍ଧି ସମ୍ଭବ। ଷ୍ଟାର୍ ସ୍କୁଲ୍ ଭଳି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଶିଶୁମାନଙ୍କ ଶିକ୍ଷାଗତ ଦକ୍ଷତା, ସୃଜନଶୀଳତା ଏବଂ ନେତୃତ୍ୱ କ୍ଷମତାର ବିକାଶରେ ସହାୟକ ହେବ। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ପ୍ରାୟ ୧୨୦ ଜଣ ଶିକ୍ଷକ-ଶିକ୍ଷୟିତ୍ରୀ, ଅଭିଭାବକ, ପଞ୍ଚାୟତିରାଜ ପ୍ରତିନିଧି, ପିଅରଲିଡର, ଛାତ୍ରଛାତ୍ରୀ ଓ ଯୁବ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରକଳ୍ପର ଲକ୍ଷ୍ୟ, କାର୍ଯ୍ୟପଦ୍ଧତି ଏବଂ ଆଗାମୀ କାର୍ଯ୍ୟ ଯୋଜନା ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରାଯାଇଥିଲା।



# ନିଶା ନିବାରଣ ପାଇଁ ଜିଲ୍ଲାରେ ବୁଲିଲା 'ନିଶାମୁକ୍ତ ରଥ'

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଅନ୍ତର୍ଜାତୀୟ ନିଶାଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ଚାଲାଣ ବିରୋଧୀ ଦିବସ ଉପଲକ୍ଷେ ଏକ ସଚେତନତା ରଥକୁ ଆମ ସଂକଳ୍ପ ନିଶା ନୁହେଁ ଜୀବନ ସଚେତନତା ରଥକୁ ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ବିଭିନ୍ନ ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରରକୁ ପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା ସହିତ ଅପମିଶ୍ରିତ ବିଷାକ୍ତ ଏବଂ ଚୋରା ମଦ ସମ୍ପୂର୍ଣ୍ଣ ରୋକିବା ଲାଗି ଏହି ରଥଟି ଜିଲ୍ଲାର ପ୍ରତ୍ୟେକ ବ୍ଲକ ଓ ପଞ୍ଚାୟତ ଗୁଡିକ ବୁଲି ଜନସାଧାରଣ ଓ ଯୁବପିଢିଙ୍କୁ ନିଶା ଠାରୁ ଦୂରେଇ ରହିବା ପାଇଁ ସଚେତନ କରିବ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବକାରୀ ଇନିସ୍ପେକ୍ଟର ହିମାଂଶୁ ଶେଖର ମଲ୍ଲିକ, ପଦ୍ମଲୋଚନ ନାୟକ, ଏସ୍.ଆଇ.ପି ପି.ଆର୍ ମନ୍‌ସା ମିଶ୍ର, ରତ୍ନପ୍ରଭା ସ୍ୱାଇଁଙ୍କ ସମେତ ସମସ୍ତ ଅବକାରୀ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

//////////// ଶ୍ରୀ ଜଗନ୍ନାଥ ଭକ୍ତ ସମାଜର ୩ୟ ବାର୍ଷିକ ଉତ୍ସବ ସମ୍ପନ୍ନ ////////////

# ଶାସ୍ତ୍ରୀୟ ପରମ୍ପରାରେ ହେଉ ରଥଯାତ୍ରା:ବରିଷ୍ଠ ଦଇତାପତି ଦୁର୍ଗାପ୍ରସାଦ ଦାସମହାପାତ୍ର



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଶ୍ରୀ ଜଗନ୍ନାଥ ଭକ୍ତ ସମାଜର ତୃତୀୟ ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ରକ୍ଷଣାବେକ୍ଷଣ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବରିଷ୍ଠ ଦଇତାପତି ଦୁର୍ଗାପ୍ରସାଦ ଦାସମହାପାତ୍ର ନିଜର ଅଭିଭାଷଣରେ କହିଥିଲେ ଯେ, ଶ୍ରୀଜୀଉମାନଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ସର୍ବଦା ଶାସ୍ତ୍ରୀୟ ପରମ୍ପରା ଅନୁଯାୟୀ ହିଁ ଅନୁଷ୍ଠିତ ହେବା ଉଚିତ୍। ପରମ୍ପରାରେ କୌଣସି ପ୍ରକାର ସାଲିସ୍ ଗ୍ରହଣୀୟ ନୁହେଁ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଭବ୍ୟ ସମାରୋହରେ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ (ଇଣ୍ଡିଆ)ର ପ୍ରତିନିଧିମାନେ ମଧ୍ୟ ପ୍ରମୁଖ ଭାବେ ଯୋଗଦେଇଥିଲେ। ପ୍ରତିଭାଧାରୀଙ୍କୁ ସମ୍ମାନ ପ୍ରଦାନ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଏହି ଅବସରରେ କିଛି ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ଆନୁଷ୍ଠାନିକ ଭାବେ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଶଙ୍କର୍ଷଣ ମଙ୍ଗରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଏବଂ ସାଧୁସନ୍ଥ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ରାମଚରଣ ଦାସଜୀ ମହାରାଜ, ଭବାନୀ ସୁଆର, ଓଡ଼ିଆ ମଠର ମହନ୍ତ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ, ଡ. ଶଶିକାନ୍ତ ରଥ, ଡ. ପ୍ରଦୀପ ଆଚାର୍ଯ୍ୟ ଏବଂ ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ନିଜର ମୂଲ୍ୟବାନ ସୁଚିନ୍ତିତ ମତ ରଖିଥିଲେ। ଉତ୍ସବକୁ ସଫଳ କରିବାରେ ଡ. ନାରାୟଣ ମହାପାତ୍ର, ସୁରେଶ ମିଶ୍ର, ତ୍ରିଲୋଚନ ନାୟକ, ଭାରତୀ ଭୂଷଣ ପଟ୍ଟନାୟକ, ବିଜୟ ମୋହନ ପଣ୍ଡା, ମୃତ୍ୟୁଞ୍ଜୟ ମାହାନ୍ତି, ପ୍ରଫୁଲ୍ଲ ଦାସ, ଆନାମିକ ସ୍ୱାଇଁ ପଟ୍ଟନାୟକ, ଅନୁପମା ମିଶ୍ର, ଶ୍ରୀନିବାସ ରାଓ ଏବଂ ଚକ୍ରଧର ମାଝି ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରିଥିଲେ। ଶେଷରେ ସମସ୍ତ ଭକ୍ତ ଓ ସଭ୍ୟଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଗ୍ୟାସ୍ ପାଇପ୍ ଲାଇନ୍ ପାଇଁ ରାସ୍ତାନଷ୍ଟ:ଦୁର୍ଘଟଣା ଘଟୁଛି

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ବ୍ଲକ ଅଧୀନରେ ଥିବା ୧୬ନଂ ଜାତୀୟ ରାଜପଥ, ବାଇପାସ୍ ରାସ୍ତା ଓ ଅନ୍ୟ ରାସ୍ତା କଡରେ ନୂଆ ଗ୍ୟାସ୍ ପାଇପ୍ ଲାଇନ୍ ବିଛା କାର୍ଯ୍ୟ ଚାଲିଛି। ଏଥିପାଇଁ ରାସ୍ତା କଡରେ ବଡ଼ବଡ଼ ଗର୍ତ୍ତ ଖୋଳି ଫାଙ୍କା ଛାଡ଼ିଦେବା ଫଳରେ ଦୁର୍ଘଟଣାମାନ ଘଟୁଛି। କାମ ସରିଗଲା ଗର୍ତ୍ତକୁ ନପୋତିବା କିମ୍ବା ମରାମତି ନକରିବା ଦ୍ୱାରା ସେସବୁ ସ୍ଥାନରେ ଦୁର୍ଘଟଣାମାନ ଘଟୁଛି। ବୁଲା ଗୋରୁଗାଈ, ବାଇକ୍ ଆରୋହୀ ପ୍ରତିଦିନ ଗଡ଼ରେ ପଡି ଆହତ ହେଉଛନ୍ତି। ମନଇଚ୍ଛା ରାସ୍ତା ଖୋଳୁଥିବାବେଳେ କହିବାକୁ କେହିନାହିଁ। ଖାଲକୁ କିଏ ପୋତିବ ତାହା ତଦନ୍ତ ସାପେକ୍ଷ। ଜିଲ୍ଲା ପ୍ରଶାସନ, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଓ ଆରଡ଼ି ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଦୁର୍ଗମ ଅଞ୍ଚଳର ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ପ୍ରଦାନ ପାଇଁ ନିର୍ଦ୍ଦେଶ



**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାରେ ଚଳିତ ଜୁନ୍ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁଥିବା ପଲ୍ସ ପୋଲିଓ କାର୍ଯ୍ୟକ୍ରମ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ, ଜିଲ୍ଲାପାଳ ବିଶାଳ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ କହିଥିଲେ ଯେ, ଆଗାମୀ ଜୁନ୍ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବାକୁଥିବା ପଲ୍ସ ପୋଲିଓ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ଉପସ୍ଥିତ ଥିବା ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ଅଧିକାରୀ ଓ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାର ସମସ୍ତ ଦୁର୍ଗମ ଅଞ୍ଚଳରେ କିପରି ସମସ୍ତ ଶିଶୁ ପୋଲିଓ ବୁନ୍ଦା ପାଇବେ ସେଥିପ୍ରତି ପଦକ୍ଷେପ ନେବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପଲ୍ସ ପୋଲିଓ କାର୍ଯ୍ୟକ୍ରମରେ ନିୟୋଜିତ ହୋଇଥିବା ଜିଲ୍ଲାର ସମସ୍ତ ସୁପରଭାଇଜର ମାନଙ୍କୁ ସଠିକ୍ ରୂପେ ତଦାରଖ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଦେଶକୁ ପୋଲିଓ ମୁକ୍ତ କରିବା ପାଇଁ ଜନ୍ମରୁ ୫ ବର୍ଷର ସମସ୍ତ ଶିଶୁଙ୍କୁ ପୋଲିଓ ବୁନ୍ଦା ଖୁଆଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧର୍ମେନ୍ଦ୍ର ସେଠୀ ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ସମଗ୍ର ଜିଲ୍ଲାରେ ୧,୭୬,୬୫୯ ଜଣ ଶିଶୁଙ୍କୁ ଟିକାକରଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ଏଥିପାଇଁ ସମଗ୍ର ଜିଲ୍ଲାରେ ୮୬୦ଟି ପୋଲିଓ ବୁଥ୍ ଖୋଲାଯାଇଛି। ୨୮ ତାରିଖ ରବିବାର ଦିନ ଜିଲ୍ଲାର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ଓ ଏ.ଏନ୍.ଏମ୍. ସେଣ୍ଟର ମାନଙ୍କରେ ଟୀକାକରଣ ଚାଲୁ ରହିବ ଏବଂ ଯେଉଁ ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଯଥେଷ୍ଟ ସୁବିଧା ନଥିବ ସେଠାରେ ସଂଲଗ୍ନ / ନିକଟସ୍ଥ ବିଦ୍ୟାଳୟ ପ୍ରକୋଷ୍ଠ ବ୍ୟବହୃତ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ କର୍ମଚାରୀ, ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ବିଭିନ୍ନ ଅନୁଷ୍ଠାନ ଓ ଧାର୍ମିକ ଅନୁଷ୍ଠାନର କର୍ମକର୍ତ୍ତାମାନଙ୍କୁ ସାମିଲ୍ କରି ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ଡିପିଏଚ୍‌ଓ ଡାକ୍ତର ପୁରୁଷୋତ୍ତମ ମହାନ୍ତ, ଏଡିପିଏଚ୍‌ଓ (ଟିବି) ଡାକ୍ତର ନିଲମ ମହାନ୍ତି, ଏଡିପିଏଚ୍‌ଓ (ଡିସି) ଡାକ୍ତର ବସନ୍ତ କୁମାର ପାତ୍ର, ଏଡିପିଏଚ୍‌ଓ (ଭିବିଡି) ଡାକ୍ତର ପୁଷ୍ପାରାଣୀ ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ବାସନ୍ତି ମହାନ୍ତ, ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲ୍ଲା କଲ୍ୟାଣ ଅଧିକାରୀ ବିକାଶ କୁମାର ମହାନ୍ତି, ଡି.ପି.ଏମ୍. ଏନ୍.ଏଚ୍.ଏମ୍. ନିତ୍ୟରଞ୍ଜନ ବରାଳ, ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟର ଇ.ଓ. ମାଧବ ଚନ୍ଦ୍ର ସେଠୀ, ଅତିରିକ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋର୍ତିମୟୀ ନାଏକ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। ଡିଭିଏଲ୍‌ଏମ୍ ଗୋବିନ୍ଦ ଚନ୍ଦ୍ର ମିଶ୍ର ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡିପିଏଚ୍‌ସିଓ ଭରତ କୁମାର ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ପ୍ରମୋଦ କୁମାର ପଟ୍ଟନାୟକ, ପି.ଏଚ୍. କନ୍‌ସଲଟାଣ୍ଟ ଡାକ୍ତର ହିମାଂଶୁ ଶେଖର ସାହୁ, ଡି.ଏମ୍.ଆର୍.ସି.ଏଚ୍. ବିଶ୍ୱରଞ୍ଜନ ରାଉତ, ଏ.ପି.ଏମ୍. ହେନାନୀ ଆନନ୍ଦ, ଏ.ଏମ୍.ଏଲ୍ ଏଆଇଏସ୍ ସୂର୍ଯ୍ୟ ପ୍ରକାଶ ପଣ୍ଡା ଏବଂ ଆଇ.ସି.ଏ. ଚିତରଞ୍ଜନ ଜେନା ପ୍ରମୁଖ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।



## ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଟିଟିଲାଗଡ-ମୁନିଗୁଡ଼ା ସେକ୍ସନ୍ ନିରୀକ୍ଷଣ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଟିଟିଲାଗଡ-ମୁନିଗୁଡ଼ା ସେକ୍ସନ୍‌କୁ ବିସ୍ତୃତ ଭାବେ ନିରୀକ୍ଷଣ କରିଛନ୍ତି । ଏହି ନିରୀକ୍ଷଣ ସମୟରେ ରେଳ ସେକ୍ସନ୍‌ର ବିଭିନ୍ନ ଷ୍ଟେସନ୍‌ରେ ନିରାପତ୍ତା ବ୍ୟବସ୍ଥା, ଟ୍ରାଫିକ୍ ସୁବିଧା, ଯାତ୍ରୀଙ୍କ ସୁବିଧା ଏବଂ ଚାଲୁରହିଥିବା ଭିତ୍ତିଭୂମି କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା। ମହାପ୍ରବନ୍ଧକ ମଧ୍ୟ, ନିରାପଦ ଏବଂ ସୁଗମ ଟ୍ରେନ୍ ଚଳାଚଳ କାର୍ଯ୍ୟ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯାତ୍ରୀ ସୁବିଧା ବୃଦ୍ଧି ପାଇଁ ଲକ୍ଷ୍ୟ ରଖାଯାଇଥିବା ଅନେକ ଭିତ୍ତିଭୂମି ପ୍ରକଳ୍ପର ଅଗ୍ରଗତି ଉପରେ ମଧ୍ୟ ଶ୍ରୀ ଫୁଙ୍କୱାଲ ସମୀକ୍ଷା କରିଛନ୍ତି। ଏଥିମଧ୍ୟରେ ପାର୍କିଂ କ୍ଷେତ୍ରରେ ଉନ୍ନତି, ସର୍କୁଲଟିଂ ଏରିଆ ବା ଚଳପ୍ରଚଳ କ୍ଷେତ୍ର ଏବଂ ଷ୍ଟେସନ୍‌ରେ ଲ୍ୟାଣ୍ଡସ୍କେପ୍ ଅନ୍ତର୍ଭୁକ୍ତ । ଏଥିସହ ସମଗ୍ର ନେଟ୍‌ୱାର୍କରେ ଯାତ୍ରୀଙ୍କ ଅନୁଭୂତିକୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ 'ଅମୃତ ଭାରତ ଷ୍ଟେସନ୍ ଯୋଜନା' ଅଧୀନରେ ଚାଲିଥିବା ଷ୍ଟେସନ୍ ପୁନଃବିକାଶ କାର୍ଯ୍ୟର ଅଗ୍ରଗତି ଉପରେ ସେ ବିଶେଷ ଧ୍ୟାନ ଦେଇଥିଲେ। ଯାତ୍ରୀମାନଙ୍କ ପାଇଁ ସାମଗ୍ରିକ ସେବା ଗୁଣବତ୍ତାରେ ଉନ୍ନତି ଆଣିବା ଦିଗରେ ଏହିସବୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ମହତ୍ତ୍ୱକୁ ରେଖାଙ୍କିତ କରି ମହାପ୍ରବନ୍ଧକ ଏଗୁଡ଼ିକୁ ସମୟସୀମା ମଧ୍ୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମହାପ୍ରବନ୍ଧକଙ୍କ ନିରୀକ୍ଷଣ ସମୟରେ ସମ୍ବଲପୁର ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ଏବଂ ପ୍ରକଳ୍ପ ସମୟସୀମା ଏବଂ ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନାରେ ସହଯୋଗ କରିଥିଲେ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୮।୦୬।୨୦୨୬, ଜ୍ୟେଷ୍ଠ ଦ୧୪ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୩୩ ଚନ୍ଦ୍ରୋଦୟ- ସଂଘ ୫।୨୪।୧୭**

ଚତୁର୍ଦ୍ଦଶୀ ରାଘ ୩।୦୮ ପର୍ଯ୍ୟନ୍ତ, ଜ୍ୟେଷ୍ଠା ନକ୍ଷତ୍ର ରାଘ ୧।୧୦ ପର୍ଯ୍ୟନ୍ତ। **ବିଛା ଚନ୍ଦ୍ର-** ରାଘ୧।୧୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର । ରାଘ୧।୧୦ ଗତେ ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର । **ଘାତଚନ୍ଦ୍ର-** ରାଘ୧।୧୦ ଗତେ ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୩।୦୬ ଗତେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୬।୫୯ ଗତେ ଦିଘ ୯।୪୦ ମଧ୍ୟେ। ଦିଘ ୧।୩୦ ଗତେ ଦିଘ ୨।୫୫ ମଧ୍ୟେ । **ପର୍ବୋତ୍ସବ-** ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା।



**ମେଷ:** ବ୍ୟବସାୟରେ କ୍ଷତି ଦେଖାଦେଇପାରେ। ଭ୍ରମଣ ଯୋଗ ମଧ୍ୟ ରହିଛି। ଆୟର ପରିମାଣ ବଢ଼ିବ। ଘରେ ଆନନ୍ଦ ଦେଖାଦେବାର ସୂଚନା। ଦେବ ଦର୍ଶନ ସହ ଧର୍ମ କାର୍ଯ୍ୟ କରିପାରନ୍ତି।



**ବୃଷ:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଖର୍ଚ୍ଚର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେଇପାରେ । ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** ଶତ୍ରୁ ନାଶ ହେବେ। ସାଧନାରେ ସିଦ୍ଧି ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ସାମାଜିକ କ୍ଷେତ୍ରରେ ଲୋକସମ୍ପର୍କ ବଢ଼ିବ।



**କର୍କଟ:** କର୍ମକ୍ଷେତ୍ରରୁ ଅର୍ଥ ପ୍ରାପ୍ତିର ସୁଯୋଗ ରହିଛି। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ ଅସନ୍ତୋଷ ଦେଖାଦେବ। ମନ ଅସ୍ଥିର ରହିବ । ଦୂରଯାତ୍ରା କରି ସଫଳତା ହାସଲ କରିପାରନ୍ତି ।



**ସିଂହ:** ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। କୁଭୋଜନ କରି ଉଦର ପୀଡ଼ା ଦେଖାଦେବ। ଖର୍ଚ୍ଚର ମାତ୍ରା ବୃଦ୍ଧି ପାଇବ। ପାରିବାରିକ ଅସହଯୋଗ ଦେଖାଦେବ। ବନ୍ଧୁଙ୍କ ସହ ମତାନ୍ତର ହେବ ।



**କନ୍ୟା:** ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରୁହନ୍ତୁ। ସତକଥା କହି ପ୍ରିୟଜନଙ୍କ ପାଖରେ ଅପ୍ରିୟ ହେବେ। ରୋଜଗାର ସ୍ଥିର ରହିବ। ଘରେ କଳହ ଓ ଅଶାନ୍ତି ଦେଖାଦେବ। ମନ ଅସ୍ଥିର ରହିବ ।



**ତୁଳା:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ପାରିବାରିକ ଜୀବନରେ ଆନନ୍ଦ ଦେଖାଦେବ। ବନ୍ଧୁ ଦର୍ଶନ ସହ ଆମୋଦ ପ୍ରମୋଦରେ ଦିନଟି ଅତିବାହିତ ହେବ ।



**ବିଛା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦେହ ଓ ମନ ଭଲ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଆୟ ଓ ବ୍ୟୟର ପରିମାଣ ସମାନ ରହିବ। ପାରିବାରିକ ଜୀବନ ସୁଖମୟ ହେବ।



**ଧନୁ:** ଦୂର ସ୍ଥାନକୁ ଯାତ୍ରା କରି ସଫଳତା ଅର୍ଜନ କରିବେ। ସାମାଜିକ କ୍ଷେତ୍ରରେ ସମ୍ମାନିତ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ନୂତନ ବନ୍ଧୁ ଦର୍ଶନର ସୁଯୋଗ ସୃଷ୍ଟି ହେବ । ଗୃହେ ଶାନ୍ତି ଲାଭ କରିବେ ।



**ମକର:** ଯଶସ୍ୱୀ ହେବେ। ଲୋକପ୍ରିୟତା ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ଉନ୍ନତି ଦେଖାଦେବ। ଆଶା କରୁଥିବା ଦିଗରୁ ଅର୍ଥ ଆସିପାରେ। ଘରେ ସୁଖ ଲାଭ ହେବ। ନୂତନ ଦ୍ରବ୍ୟ କ୍ରୟ କରିବାର ସୁଯୋଗ।



**କୁମ୍ଭ:** ବ୍ୟବସାୟରୁ ଆଶାନୁରୂପକ ସଫଳତା ଲାଭ ହେବ। ଦେହ ଓ ମନ ଭଲ ରହିବ। ଶୁଭ ଖବର ପାଇ ଆନନ୍ଦିତ ହେବେ। ଆୟର ପରିମାଣ ବଢ଼ିବ। ଘରେ ଖୁସିର ଲହରୀ ଖେଳିବ। ଶତ୍ରୁ ନାଶ ହେବେ।



**ମୀନ:** ଦୂର ସ୍ଥାନକୁ ଯାତ୍ରା କରି ସଫଳତା ହାସଲ କରିବେ। ଆୟ ଓ ବ୍ୟୟ ସମାନ ରହିବ। ପାରିବାରକ ଆନନ୍ଦ ଦେଖାଦେବ। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ଦେବ ଦର୍ଶନର ସୁଯୋଗ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୨୯।୦୬।୨୦୨୬, ଜ୍ୟେଷ୍ଠ ଦ୧୫ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୧୧।୪୯ ଚନ୍ଦ୍ରୋଦୟ- ସଂଘ ୬।୧୫।୨୩**

ପୂର୍ଣ୍ଣମା ଅହୋରାତ୍ର, ମୂଳା ନକ୍ଷତ୍ର ରାଘ ୪।୦୫ ପର୍ଯ୍ୟନ୍ତ। **ଧନୁ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ବିଛା, ଧନୁ, ମୀନ ରାଶିର । **ଘାତଚନ୍ଦ୍ର-** ତୁଳା ଓ କୁମ୍ଭ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୫ ଗତେ ଦିଘ ୧୦।୩୨ ମଧ୍ୟେ। **ପର୍ବୋତ୍ସବ-** ଶ୍ରୀମନ୍ଦିରରେ ସ୍ନାନଯାତ୍ରା, ଚନ୍ଦ୍ରପୂଜା, ଦେବସ୍ନାନ ପୂର୍ଣ୍ଣିମା, ଜ୍ୟେଷ୍ଠ ପୂର୍ଣ୍ଣିମା ।

32 YEARS
ସମ୍ବାଦ କଳିକା

## ମେଟା ଏବଂ ଟେସ୍‌ଲାକୁ ପଛରେ ପକାଇଲା ମାଇକ୍ରୋନ

ବିଶ୍ୱ ବଜାରରେ ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଦବଦବା ଦେଖିବାକୁ ମିଳୁଛି । ଏଆଇ ଭିତ୍ତିଭୂମି ଏବଂ ଆଧୁନିକ ମେମୋରୀ ଚିପ୍‌ର ଚାହିଦା ଆକାଶଛୁଆଁ ହେବା ସହିତ ଆମେରିକାର ପ୍ରତିଷ୍ଠିତ ସେମିକଣ୍ଡକ୍ଟର କମ୍ପାନି 'ମାଇକ୍ରୋନ ଟେକ୍ନୋଲୋଜି' ର ସେୟାର ମୂଲ୍ୟରେ ଏକ ଅଭୂତପୂର୍ବ ତଥା ଐତିହାସିକ ବୃଦ୍ଧି ଘଟିଛି । ଗୁରୁବାର ବଜାର କାରବାର ସମୟରେ କମ୍ପାନି ଏଭଳି ଏକ ସଫଳତା ପାଇଥିଲା, ଯାହା ସମଗ୍ର ବିଶ୍ୱର ନିବେଶକମାନଙ୍କୁ ଚକିତ କରିଦେଇଛି । କାରବାର ମଝିରେ ମାଇକ୍ରୋନର ମାର୍କେଟ କ୍ୟାପ୍ (ବଜାର ମୂଲ୍ୟ) କିଛି ସମୟ ପାଇଁ ବିଶ୍ୱର ଦୁଇ ପ୍ରମୁଖ ଟେକ୍ ଜାଏଣ୍ଟ 'ମେଟା ପ୍ଲାଟ୍‌ଫର୍ମସ' ଏବଂ ଏଲନ୍ ମସ୍କଙ୍କ 'ଟେସ୍‌ଲାକୁ ମଧ୍ୟ ଟପି ଯାଇଥିଲା । କମ୍ପାନି ପକ୍ଷରୁ ଆଗାମୀ ଦିନ ପାଇଁ ଜାରି କରାଯାଇଥିବା ମଜଭୁତ ତ୍ରୟମାସିକ ଆକଳନ ନିବେଶକଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ଏହି ସକାରାତ୍ମକ ରିପୋର୍ଟ ପରେ ମାଇକ୍ରୋନ ଉପରେ ନିବେଶକଙ୍କ ଭରସା ବେଶ୍ ବୃଦ୍ଧି ପାଇଥିଲା, ଯାହାଫଳରେ କାରବାର ଚାଲିଥିବା ସମୟରେ କମ୍ପାନିର ସେୟାର ମୂଲ୍ୟ ପ୍ରାୟ ୧୮.୪% ପର୍ଯ୍ୟନ୍ତ ଉପରକୁ ଉଠିଯାଇଥିଲା । ଆନ୍ତର୍ଜାତୀୟ ସମ୍ବାଦ ସଂସ୍ଥା ରୟଟର୍ସର ରିପୋର୍ଟ ଅନୁଯାୟୀ, ଗୁରୁବାର ବଜାର ବନ୍ଦ ହେବା ବେଳକୁ ମାଇକ୍ରୋନ ଟେକ୍ନୋଲୋଜିର ସେୟାର ୧୫.୮% ବୃଦ୍ଧି ସହ ଗ୍ରୀନ୍ ମାର୍କରେ ବନ୍ଦ ହୋଇଥିଲା । ବଜାର ସମାପ୍ତ ହେବା ପରେ କମ୍ପାନିର ମୋଟ୍ ବଜାର ମୂଲ୍ୟ ୧.୩୭ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ଯଦିଓ କାରବାର ମଝିରେ ମାଇକ୍ରୋନ ସବୁଠୁ ଆଗକୁ ଚାଲିଯାଇଥିଲା, ତେବେ ବଜାର ବନ୍ଦ ହେବା ବେଳକୁ ଏହା ମେଟା ଏବଂ ଟେସ୍?ଲାର ସାମାନ୍ୟ ପଛରେ ରହିଥିଲା । ବର୍ତ୍ତମାନ ବିଶ୍ୱ ବଜାରରେ ଏହି ତିନି କମ୍ପାନିର ମାର୍କେଟ କ୍ୟାପ୍ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳୁଛି । ମାଇକ୍ରୋନ ଟେକ୍ନୋଲୋଜି ୧.୩୭ ଟ୍ରିଲିୟନ ଡଲାର, ମେଟା ପ୍ଲାଟ୍ ଫର୍ମସ ୧.୩୮ ଟ୍ରିଲିୟନ ଡଲାର, ଟେସ୍‌ଲା ୧.୪୧ ଟ୍ରିଲିୟନ ଡଲାର ଥିଲା । ମାଇକ୍ରୋନର ଏହି ଆଶ୍ଚର୍ଯ୍ୟଜନକ ଅଭିବୃଦ୍ଧି ପଛରେ ରହିଛି କମ୍ପାନିର ଚତୁର୍ଥ ତ୍ରୟମାସିକର ଦମଦାର ଆଭିମୁଖ୍ୟ । ଆକଳନ କରାଯାଉଛି ଯେ ଚଳିତ ଚତୁର୍ଥ ତ୍ରୟମାସରେ କମ୍ପାନି ପ୍ରାୟ ୫୦ ବିଲିୟନ ଡଲାରର ବେଶ୍ ମୋଟା ଅଙ୍କର ରାଜସ୍ୱ ହାସଲ କରିବାକୁ ଯାଉଛି । ବିଶେଷଜ୍ଞଙ୍କ ମତରେ, ଆଗାମୀ ଦିନରେ ଏଆଇ ସେକ୍ଟରର ଅଭିବୃଦ୍ଧି ସହିତ ମାଇକ୍ରୋନ ଭଳି ଚିପ୍ ନିର୍ମାତା କମ୍ପାନିଗୁଡ଼ିକର ଆଧିପତ୍ୟ ବଜାରରେ ଆହୁରି ବଢ଼ିବାର ସମ୍ଭାବନା ରହିଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଉଦୟ ଅସ୍ତ

ଶ୍ରଦ୍ଧେୟ ଭକ୍ତବୃନ୍ଦ ବିଜ୍ଞ ବ୍ୟକ୍ତି ପାଖରେ ରହିଲେ ଜ୍ଞାନର ଉଦୟ ହୁଏ । କିନ୍ତୁ ଗୋଟେ ଅଜ୍ଞ୍ୟ ଲୋକ ପାଖରେ ରହିଲେ ଜ୍ଞାନ ଯାହାଥାଏ ତାହା ଅସ୍ତ ହୋଇଯାଏ । ତେଣୁ ତୁମେ ଶିଷ୍ୟ ହୁଅ କି ଭକ୍ତ ହୁଅ ତୁମେ ପ୍ରଥମେ ସ୍ଥାନ ନିରୁପଣ କର ବସିବା ପାଇଁ ଆଉ ଯେଉଁ ସ୍ଥାନରେ ବସୁଛ ସେ ସ୍ଥାନରେ ଯେଉଁ ବ୍ୟକ୍ତି ବସିଛି ତାକୁ ବି ନିରୁପଣ କର ପ୍ରକୃତରେ ସେ ଜ୍ଞାନୀ କି ଅଜ୍ଞାନୀ । ସେ ବିଜ୍ଞ କି ଅଜ୍ଞ । ସେହି ବିଜ୍ଞ ବ୍ୟକ୍ତି ପାଖରେ ବସିବା ପୂର୍ବରୁ ତୁମ ଆତ୍ମାର ସନ୍ତୋଷ ଆସୁଛି ନା ନାହିଁ । ଯଦି ଆସୁଥାଏ ତାହେଲେ ସେଠାରେ ବସ ଶିକ୍ଷା ନିଅ, ଜ୍ଞାନ ଉପାର୍ଜନ କର ସେଥିରେ ଉଭୟଙ୍କ ଶୁଭ ହେବ ଏବଂ ଲାଭ ବି ହେବ ।

କିନ୍ତୁ ଯଦି ତୁମେ ଅଜ୍ଞ ବ୍ୟକ୍ତି ପାଖରେ ବସିଥାଅ ବା ଅଂହକାରୀ ପାଖରେ ବସିଥାଅ ସେତେବେଳେ ତୁମ ଅନ୍ତର ଆତ୍ମାର ଗତିକୁ ଲକ୍ଷ କର ସେ ଗତିଶୀଳ ହେଉଛି ନା ବିରକ୍ତ ଭାବ ପୋଷଣ କରୁଛି,ଯଦି ତୁମକୁ ବିଚଳିତ ଲାଗୁଛି ସେ ସ୍ଥାନରୁ ଯେତେ ଶିଘ୍ର ପାରୁଛ ଉଠି କରି ଚାଲିଯାଅ ।ନଚେତ୍ ବାଇଡଙ୍କ ଚୂର୍ଣ୍ଣ ଯେତେ ଦୂର ଉଡିବ ଏବଂ ଯାହା ଦେହରେ ଲାଗିବ ସେ ଯେପରି କୁଣ୍ଡାଇ ହୁଏ ସେହିପରି ସକଳ ଜ୍ଞାନ, ବୁଦ୍ଧି ତୁମର ଲୋପ ପାଇ ଯାଇ ଶେଷକୁ ତୁମେ ନିରାଶ ହୋଇପଡିବ । ◆◆

# ହେତୁବାଦ ସଭ୍ୟତାର ମାର୍ଗଦର୍ଶକ



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ଗୁମ୍ଫା ଓ ବୃକ୍ଷ କୋରଡରେ ବସବାସ କରୁଥିବା ମନୁଷ୍ୟ ଦୀର୍ଘ ପଥ ଅତିକ୍ରମ କରି ଆଜି ଆଧୁନିକ ସଭ୍ୟତାରେ ପହଞ୍ଚିଛି । ତାକୁ ଆଜି ସୁସଭ୍ୟ ବୋଲି କୁହାଯାଉଛି । ଏହି ସୋପାନରେ ପହଁଞ୍ଚିବା ପାଇଁ ତାକୁ ବହୁ ବୌଦ୍ଧିକ ସଂଘର୍ଷର ସମ୍ମୁଖୀନ ହେବାକୁ ପଡିଛି । ଏ ସଂଘର୍ଷ ଘଟିଛି ହେତୁବାଦୀ ଧାରଣା ଓ ଅନ୍ଧବିଶ୍ୱାସ ମଧ୍ୟରେ । ଆଦିମାନବ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ଥିଲା । ତା ମନରେ କ୍ରମେ ଜିଜ୍ଞାସାଭାବ ଜାଗ୍ରତ ହୋଇଛି । ନିଜସ୍ୱ ବିଶ୍ୱାସ ଉପରେ ସନ୍ଦେହ ଜାତ ହୋଇଛି । ପ୍ରତ୍ୟେକ ଜାଗତିକ ଘଟଣା ଯାହାକୁ ସେ ଦିନେ କୌଣସି ଅଦୃଶ୍ୟ ଶକ୍ତିର ଇଚ୍ଛାବୋଲି ବିଶ୍ୱାସ କରୁଥିଲା, ତା ଉପରେ ପ୍ରଶ୍ନ କରିବା ଆରମ୍ଭ କଲା । ଘଟଣା ପଛର କାରଣକୁ ସେ ଖୋଜିବାକୁ ଲାଗିଲା । କ୍ରମେ ତାର ବୌଦ୍ଧିକତାର ବିକାଶ ହେଲା । ଅଭିଜ୍ଞତା ତାକୁ କାରଣୀକତା ସମ୍ବନ୍ଧରେ ଅବଗତ କରାଇଲା । ସେ ଲକ୍ଷ୍ୟ କଲା ଗୋଟିଏ ଘଟଣା ଘଟିବା ପରେ ଅନ୍ୟ ଏକ ଘଟଣା ଘଟୁଛି । ପୂର୍ବ ଘଟଣା ଘଟିଲେ ପର ଘଟଣା ଘଟିବ ବୋଲି ତାର ଧାରଣା ଜାତ ହେଲା । ତେଣୁ ସେ ପ୍ରତ୍ୟେକ ଘଟଣା ପୂର୍ବର ଘଟଣା ସମ୍ବନ୍ଧରେ ଅବଗତ ହେବାକୁ ଚେଷ୍ଟା କଲା । ତାର ଏହି କରଣୀକତା ସମ୍ବନ୍ଧୀୟ ଅନୁଧ୍ୟାନରୁ ଓ ଏଥିରୁ ମିଳୁଥିବା ଜ୍ଞାନରୁ ଜନ୍ମନେଲା ବିଜ୍ଞାନ । କାରଣବାଦ ହିଁ ହେତୁବାଦ । ହେତୁବାଦ ହେଉଛି ବିଜ୍ଞାନର କେନ୍ଦ୍ରୀୟ ତତ୍ତ୍ୱ । ଏହା ବିନା ବିଜ୍ଞାନ ଅକଳ୍ପନୀୟ ।

କୁହାଯାଉଛି ଆଧୁନିକ ସଭ୍ୟତା ବିଜ୍ଞାନ ଉପରେ ପର୍ଯ୍ୟବେଶିତ । ଏହାର ଅର୍ଥ ହେତୁବାଦ ଏହା ପଛର ମୁଖ୍ୟ ଆଧାର । କାରଣ ବିଜ୍ଞାନ ଯେଉଁଠାରେ ଅଛି ହେତୁବାଦ ସେହିଠାରେ ଅଛି । ବିଜ୍ଞାନ କୌଣସି ଘଟଣାକୁ କାରଣ ରହିତ ବୋଲି ଗ୍ରହଣ କରେନାହିଁ । ଏହି ଅବଧାରଣା ଉପରେ ବିଜ୍ଞାନ ପର୍ଯ୍ୟବେଶିତ । କାରଣ ନଥାଇ କାର୍ଯ୍ୟ ସଂଗଠିତ ହେବାକୁ ଗ୍ରହଣ କରିନେଲେ ଏହା ଆଉ ବିଜ୍ଞାନ ହୋଇରହିବ ନାହିଁ । ରୋଗୀକୁ ଡାକ୍ତରଙ୍କ ପାଖକୁ ନେଲେ ପ୍ରଥମେ ସେ ଏହାର କାରଣ ଖୋଜୁଛି । ବିନା କାରଣରେ ରୋଗ ହୋଇଛି ବୋଲି ସେ ଗ୍ରହଣ କରୁନାହିଁ । କୌଣସିଠାରେ ବିମାନ ଦୁର୍ଘଟଣା ହେଲେ ବୈମାନିକମାନେ ଏହାର କାରଣ ଖୋଜୁଛନ୍ତି । ଏହା କୌଣସି ଅଦୃଶ୍ୟଶକ୍ତି ଯୋଗୁଁ ହୋଇଛି ବୋଲି ଗ୍ରହଣୀୟ ହେଉନାହିଁ । ପୋଲ ଧସିପଡିଲେ ଇଞ୍ଜିନିୟମାନେ କାରଣ ଖୋଜୁଛନ୍ତି । କୌଣସି କ୍ଷେତ୍ରରେ ଏହା କାରଣରହିତ ବୋଲି ମନ ଗ୍ରହଣ କରୁନାହିଁ । ଏହାହିଁ ହେତୁବାଦ । ଅତୀତରେ ଲୋକେ ଅନ୍ଧବିଶ୍ୱାସକୁ ସତ୍ୟବୋଲି ଭାବି ନେଉଥିଲେ । କୌଣସି ପ୍ରକାର ପ୍ରଶ୍ନ କରୁନଥିଲେ । ଏବେ କିନ୍ତୁ ସେ ସମୟ ଆଉ ନାହିଁ ।

କେବଳ ଭଲ ପିନ୍ଧିବା, ଭଲ ଖାଇବା, ଭଲ ଘରେ ରହିବା ସଭ୍ୟତା ନୁହେଁ । ଏହା ସହିତ ତୁମ ଭିତରେ କେତେ ବୈଜ୍ଞାନିକ ଚେତନାର ବିକାଶ ଘଟିଛି, ତୁମେ କେତେ ଅନ୍ଧବିଶ୍ୱାସକୁ ଛାଡ଼ି ହେତୁବାଦକୁ ସ୍ୱୀକାର କରିଛ ତାହା ମଧ୍ୟ ସଭ୍ୟତାର ମାନଦଣ୍ଡ ଅଟେ । ସଭ୍ୟତା ସେହି ମାନସିକ ସୃଜନା ଯାହା ମନୁଷ୍ୟକୁ ଶ୍ରେଷ୍ଠତା ପ୍ରଦାନ କରେ । ବିକଶିତ ମାନସିକତା ତାକୁ ଶ୍ରେଷ୍ଠତା ପାଇଁ ପ୍ରେରିତ କରେ । ଜଣେ ସଭ୍ୟ ମନୁଷ୍ୟ ହେତୁବାଦୀ ହେବାକୁ ବାଧ୍ୟ । କାରଣ ବିଜ୍ଞାନ ଉପରେ ଆସ୍ଥା ବିନା ସେ ଏହି ମାନ୍ୟତା ପାଇ ପାରିବ ନାହିଁ । ଆରିଷ୍ଟୋଟଲଙ୍କ ମତରେ ମନୁଷ୍ୟ ହେଉଛି ବିଚାରବୁଦ୍ଧି ସମ୍ପନ୍ନ ପ୍ରାଣୀ । ଏଥିରୁ ତର୍କଶୀଳତା, ନ୍ୟାୟଶୀତଳା, ସମତା ଓ ଭ୍ରାତୃତ୍ୱଭାବ ଜନିତ ଅବଧାରଣା ଜାତ ହୁଏ । ଏହି ଗୁଣସମ୍ପନ୍ନ ବିନା ଜଣେ ସଭ୍ୟତାବାନ ହୋଇପାରିବ ନାହିଁ । ବିଚାରବୁଦ୍ଧି ସମ୍ପନ୍ନ ହେବା ହେତୁବାଦୀ ଧାରଣା ବିନା ସ୍ୱୟଂସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ ।

ହେତୁବାଦ କେବଳ ଏକ ବିଚାର ନୁହେଁ । ଏହା ବିକାଶର ବାହକ ମଧ୍ୟ । ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡିକର ପ୍ରଗତି ହେତୁବାଦୀ ଚେତନାର ବିକାଶ ଯୋଗୁଁ ସମ୍ଭବପର ହୋଇଛି । ସେମାନେ ବିଜ୍ଞାନକୁ ଗୁରୁତ୍ୱ ଦେଇଛନ୍ତି । ଦୈନନ୍ଦିନ ଜୀବନରେ ଏହାକୁ ପ୍ରୟୋଗ କରିଛନ୍ତି । ସେମାନେ ବିଜ୍ଞାନକୁ ପାଠ୍ୟକ୍ରମ କିମ୍ବା ପୁସ୍ତକ ମଧ୍ୟରେ ସୀମିତ ରଖିନାହାଁନ୍ତି । ବିଜ୍ଞାନରୁ ମିଳୁଥିବା ହେତୁବାଦୀ ଚେତନା ତାଙ୍କୁ ତାଙ୍କର ବ୍ୟକ୍ତିତ୍ୱର ବିକାଶ ଦିଗରେ ସହାୟକ ହୋଇଛି । ହେତୁବାଦୀ ସାମାଜିକ ଦୃଷ୍ଟିଭଙ୍ଗି ଅନେକଗୁଡ଼ିଏ ଅନାବଶ୍ୟକ କାର୍ଯ୍ୟକ୍ରମରୁ ନିବୃତ ରଖିଛି । ଦୈନନ୍ଦିନ ଜୀବନରେ ତଥାକଥିତ ଧର୍ମର ଆବଶ୍ୟକତାକୁ ସୀମିତ କରିଛି । ତେଣୁ ସମସ୍ତ ସମୟ, ଶ୍ରମ ଓ ଅର୍ଥକୁ ପ୍ରଗତିପାଇଁ ବିନିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଯେଉଁ ରାଷ୍ଟ୍ରମାନଙ୍କରେ ଶିକ୍ଷାର ବିକାଶ ଠିକ୍ ଭାବରେ ହୋଇନାହିଁ ଓ ବୈଜ୍ଞାନିକ ଶିକ୍ଷା ଉପରେ ଗୁରୁତ୍ୱ ଦିଆଯାଇ ନାହିଁ ସେହି ରାଷ୍ଟ୍ରମାନଙ୍କରେ ଅନ୍ଧବିଶ୍ୱାସର ପ୍ରଭାବ ଅଧିକ ଓ ଏହି ରାଷ୍ଟ୍ରମାନେ ବିକାଶର ଦୌଡରେ ବହୁ ପଛରେ ପଡିଯାଇଛନ୍ତି । ଯେଉଁଠାରେ ଅନ୍ଧବିଶ୍ୱାସ ଅଛି ସେଠାରେ ନାନା କର୍ମକାଣ୍ଡ ଅଛି । ଏ ଦିଗରେ ଅନାବଶ୍ୟକଭାବେ ସମୟ, ଅର୍ଥ ଓ ଶ୍ରମର ବିନିଯୋଗ ମଧ୍ୟ ଅଛି । ଅନ୍ଧବିଶ୍ୱାସର ମୁଖ୍ୟ ପୃଷ୍ଠପୋଷକ ହେଉଛି ଧାର୍ମିକ ମୌଳବାଦ । ଏମାନେ ସଦାସର୍ବଦା ଧର୍ମଭିତ୍ତିକ ହିଂସା ସୃଷ୍ଟି ଓ ମାତ୍ରାଧିକଭାବେ ଧାର୍ମିକ ରୀତିନୀତି ସମ୍ପାଦନରେ ନିଜର ଶ୍ରେଷ୍ଠ ଉଦ୍ୟମକୁ ବିନିଯୋଗ କରନ୍ତି । ଫଳରେ ନିଜର ବ୍ୟକ୍ତିତ୍ୱର ବିକାଶ ଓ ଆର୍ଥିକ ବିକାଶ ଦିଗଟି ପ୍ରତି ପୂର୍ଣ୍ଣ ଧ୍ୟାନ ଦେଇପାରନ୍ତି ନାହିଁ । ଏମାନଙ୍କ ସାମଗ୍ରୀକ ସାମାଜିକ ଚେତନା ମଧ୍ୟ ଅନ୍ଧବିଶ୍ୱାସ ଉପରେ ପ୍ରତିଷ୍ଠିତ ହୋଇଥାଏ ।

ସଭ୍ୟତା ବୌଦ୍ଧିକତା ଉପରେ ପ୍ରତିଷ୍ଠିତ ଏକ ପ୍ରକାର ଉନ୍ନତ ସମାଜ ବ୍ୟବସ୍ଥାକୁ ବୁଝାଏ । ହେତୁବାଦୀ ଚେତନାର ବିକାଶ ବିନା ଏହା ସମ୍ଭବ ନୁହେଁ । ଗୋଟିଏ ହେତୁବାଦୀ ସମାଜର ପ୍ରତିଷ୍ଠା ଦୀର୍ଘ ଶତାବ୍ଦୀର ବୌଦ୍ଧିକ ସଂଘର୍ଷର ପରିଣାମ ସୂତ୍ରରେ ମିଳେ । ପାଶ୍ଚାତ୍ୟ ବିକଶିତ ରାଷ୍ଟ୍ରମାନଙ୍କରେ ହେତୁବାଦର ଭିତ୍ତିଭୂମି ଆପେ ତିଆରି ହୋଇନାହିଁ । ଏଥିପାଇଁ ତାଙ୍କୁ ଦୀର୍ଘ ସଂଘର୍ଷ କରିବାକୁ ପଡିଛି । ବିଶେଷକରି ଇଉରୋପରେ ଏ ସଂଘର୍ଷ ରେନାସା ନାମରେ ସୁପ୍ରସିଦ୍ଧ । ଏହା ଏକ ବୌଦ୍ଧିକ ସଂଘର୍ଷ ଥିଲା । ହେତୁବାଦ ଓ ପରମ୍ପରାବାଦ ମଧ୍ୟରେ ସଂଘର୍ଷ, ବିଜ୍ଞାନ ଓ ଅନ୍ଧବିଶ୍ୱାସ ମଧ୍ୟରେ ସଂଘର୍ଷ, ମାନବବାଦ ଓ ଧାର୍ମିକ ମୌଳବାଦ ମଧ୍ୟରେ ସଂଘର୍ଷ, ସଂସ୍କାର ଓ କୁସଂସ୍କାର ମଧ୍ୟରେ ସଂଘର୍ଷ ତଥା ନୀରବତା ଓ ପ୍ରତିକ୍ରିୟାଶୀଳତା ମଧ୍ୟରେ ଏ ସଂଘର୍ଷ ଥିଲା । ଏ ସଂଘର୍ଷ ଥିଲା ଶାନ୍ତିପୂର୍ଣ୍ଣ ବିଚାରମନ୍ଥନ । ଏହା ରକ୍ତାକ୍ତ ସଂଘର୍ଷ ନଥିଲା । ଗୋଡାଗୋଡି, ମାଡ଼ଗୋଳ, ପଥର ଫିଙ୍ଗାଫିଙ୍ଗି, ହଣାକଟାର ସଂଘର୍ଷ ଏହା ନଥିଲା । ସଂଘର୍ଷ ଭିତରେ ବି ସହନଶୀଳତା ଥିଲା ।

ସଭ୍ୟତା ଏକ ପ୍ରବାହମାନ ପ୍ରକ୍ରିୟା । ଏହା ଶ୍ରେଷ୍ଠରୁ ଶ୍ରେଷ୍ଠତମକୁ ଖୋଜେ । ଯାହା ଅନ୍ଧବିଶ୍ୱାସ, ଯାହା ଅହେତୁକ, ଯାହା କୁସଂସ୍କାର ତାକୁ ମନୁଷ୍ୟର ବୁଦ୍ଧିମତ୍ତା କିପରି ଶ୍ରେଷ୍ଠ ବୋଲି ମାନିନେବ । ମନୁଷ୍ୟର ବୌଦ୍ଧିକତାର ବିକାଶ ଯେତେ ହେବ ଏଗୁଡ଼ିକ ଉପରୁ ଆସ୍ଥା ସେତେ କମି କମି ଯିବ । ପରିବର୍ତ୍ତନ ଅବସମ୍ଭାବୀ । ରେନାସା ଆସିବହିଁ ଆସିବ । ତେବେ ସମାଜରେ ହେତୁବାଦୀ ଧାରଣା ଯେତେ ପ୍ରଖର ହେବ ପରିବର୍ତ୍ତନର କ୍ଷୀପ୍ରତା ସେତେ ଅଧିକ ହେବ । ଏ ପରିବର୍ତ୍ତନ ଆନ୍ଦୋଳନର ନେତୃତ୍ୱ ନେବ ବିଜ୍ଞାନ ।

# ମାଟି ସହ ଯୁଦ୍ଧ କରୁଥିବା ମଣିଷର ନୀରବ ବେଦନା



ସୁବ୍ରତ କୁମାର ଦାସ
(ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ ।)
ମୋ:୯୪୩୭୭୩୧୯୦୩

ଆମ ଦେଶ ଏକ କୃଷିପ୍ରଧାନ ଦେଶ । ଭାରତର ଅର୍ଥନୀତି, ସଂସ୍କୃତି ଓ ଜୀବନଶୈଳୀ ସହ କୃଷିର ସମ୍ପର୍କ ଅତ୍ୟନ୍ତ ନିବିଡ଼ । ଚାଷୀ ହେଉଛି ସେହି ମହାନ ବ୍ୟକ୍ତି, ଯିଏ ନିଜ ଶ୍ରମ, ସ୍ୱେଦ ଓ ତ୍ୟାଗ ଦ୍ୱାରା ସମଗ୍ର ଦେଶର ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରେ । ସେ ମାଟି ସହିତ ଲଢ଼ି ଅନ୍ନ ଉତ୍ପାଦନ କରେ ଏବଂ ଆମ ଥାଳି ରେ ଭାତ ପରଶେ । ତଥାପି ଆଜିର ସମାଜରେ ଚାଷୀର ପରିଚୟ ଓ ମର୍ଯ୍ୟାଦା ସେତେଟା ପ୍ରତିଷ୍ଠା ପାଉନାହିଁ, ଯେତିକି ଅନ୍ୟାନ୍ୟ ବୃତ୍ତି ପାଉଛି । ଏହାର ପ୍ରମୁଖ କାରଣ ହେଉଛି ସମାଜର ବଦଳୁଥିବା ମାନସିକତା । ଆଜିର ଅଭିଭାବକମାନେ ନିଜ ସନ୍ତାନଙ୍କୁ ଉଚ୍ଚଶିକ୍ଷିତ କରି ଏକ ସମ୍ମାନଜନକ ଓ ନିରାପଦ ଚାକିରିରେ ଦେଖିବାକୁ ଚାହାନ୍ତି । ସେମାନଙ୍କ ମତରେ ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ କିମ୍ବା ସରକାରୀ ଅଧିକାରୀ ହେବା ସଫଳତାର ପ୍ରତୀକ । ଅନ୍ୟପକ୍ଷରେ ଚାଷ କାର୍ଯ୍ୟକୁ ଏକ କଷ୍ଟସାଧ୍ୟ, ଅନିଶ୍ଚିତ ଓ କମ୍ ଲାଭଜନକ ବୃତ୍ତି ଭାବରେ ଦେଖାଯାଏ । ଫଳରେ ପିଲାମାନଙ୍କ ମନରେ ମଧ୍ୟ ଚାଷୀ ହେବାର ସ୍ୱପ୍ନ ଜନ୍ମ ନିଏ ନାହିଁ । ଅଧିକାଂଶ ସହରୀ ପାଠୁଆ ପିଲା ବାପା ଚାଷ କାମ କରି ଜୀବିକା ନିର୍ବାହ କରୁଛନ୍ତି କହିବାକୁ ସଂକୋଚ ବୋଧ କରନ୍ତି । କାରଣ ସତେ ଯେମିତି ଚାଷ କଥା କହିଲେ ସମ୍ମାନ ହାନି ହୋଇଯାଏ ସେଭଳି ମନେ କରନ୍ତି । ବାସ୍ତବରେ ଚାଷୀର ଜୀବନ ସହଜ ନୁହେଁ । ଅନିୟମିତ ବର୍ଷା, ବନ୍ୟା, ମରୁଡ଼ି, କୀଟ, ପତଙ୍ଗ ଆକ୍ରମଣ, ବଜାରରେ ଉତ୍ପାଦର ଦର ହ୍ରାସ ଓ ବଢୁଥିବା ଉତ୍ପାଦନ ଖର୍ଚ୍ଚ ଚାଷୀଙ୍କୁ ସର୍ବଦା ଚିନ୍ତାରେ ରଖିଥାଏ । ବର୍ଷସାରା ପରିଶ୍ରମ କରିବା ପରେ ମଧ୍ୟ ସେ ଉପଯୁକ୍ତ ମୂଲ୍ୟ ପାଏ ନାହିଁ । ଏହି ଅନିଶ୍ଚିତତା ଯୁବପିଢ଼ିକୁ କୃଷି କ୍ଷେତ୍ରରୁ ଦୂରେଇ ଦେଉଛି । କିନ୍ତୁ ଆମେ ଭୁଲିଯିବା ଉଚିତ୍ ନୁହେଁ ଯେ, ଯଦି ଚାଷୀ ନ ଥାଆନ୍ତେ, ତେବେ ଡାକ୍ତର, ଇଞ୍ଜିନିୟର, ଶିକ୍ଷକ କିମ୍ବା ଅନ୍ୟ କୌଣସି ପେଶା ମଧ୍ୟ ତିଷ୍ଠି ପାରିବ ନାହିଁ ନାହିଁ । କାରଣ ମଣିଷର ପ୍ରଥମ ଆବଶ୍ୟକତା ହେଉଛି ଖାଦ୍ୟ । ଖାଦ୍ୟ ଥିଲେ ହିଁ ଜୀବନ ଅଛି, ଜୀବନ ଥିଲେ ହିଁ ସମାଜ ଓ ସଭ୍ୟତା ଅଛି । ତେଣୁ ଚାଷୀ କେବଳ ଏକ ବୃତ୍ତି ନୁହେଁ, ସେ ଜାତିର ଜୀବନଦାତା । ଛୋଟ ବେଳେ ଯେତେବେଳେ ପିଲାମାନଙ୍କୁ ପଚରାଯାଏ, ତୁମେ ବଡ଼ ହେଲେ କ'ଣ ହେବ?" ସେତେବେଳେ ବିଭିନ୍ନ ଉତ୍ତର ଶୁଣିବାକୁ ମିଳେ । କିଏ କୁହେ ଡାକ୍ତର ହେବ, କିଏ ଇଞ୍ଜିନିୟର, କିଏ ଶିକ୍ଷକ, କିଏ ପୋଲିସ ଅଧିକାରୀ, କିଏ ବୈଜ୍ଞାନିକ କିମ୍ବା ପ୍ରଶାସନିକ ଅଧିକାରୀ ହେବ । ସମସ୍ତଙ୍କର ନିଜ ନିଜ ସ୍ୱପ୍ନ ଓ ଲକ୍ଷ୍ୟ ଭିନ୍ନ ଥାଏ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ବହୁତ କମ୍ ପିଲା କିମ୍ବା ଯୁବକ ଦୃଢ଼ତାର ସହ କୁହନ୍ତି, ମୁଁ ଜଣେ ଚାଷୀ ହେବି । ଯେଉଁ ବୃତ୍ତି ଆମ ଜୀବନର ମୂଳ ଆଧାର, ଯେଉଁ ପେଶା ବିନା ମଣିଷର ଅସ୍ତିତ୍ୱ କଳ୍ପନା କରାଯାଇପାରେ ନାହିଁ, ସେହି ଚାଷ ବୃତ୍ତି ଆଜି କାହିଁକି ଯୁବପିଢ଼ିର ସ୍ୱପ୍ନ ତାଲିକାରେ ସ୍ଥାନ ପାଉନାହିଁ ? ଏହା ନିଶ୍ଚୟ ଚିନ୍ତାର ବିଷୟ । ଆଜିର ଯୁଗରେ କୃଷି ଆଉ ପୁରୁଣା ଢଙ୍ଗରେ ସୀମିତ ନାହିଁ । ଆଧୁନିକ ପ୍ରଯୁକ୍ତି, ବୈଜ୍ଞାନିକ ପଦ୍ଧତି, ଡ୍ରିପ୍ ସିଞ୍ଚନ, ଜୈବିକ ଚାଷ, ଗ୍ରୀନ୍‌ହାଉସ୍ କୃଷି, ଡ୍ରୋନ୍ ବ୍ୟବହାର ଓ ଡିଜିଟାଲ୍ ବଜାର ବ୍ୟବସ୍ଥା କୃଷିକୁ ଏକ ନୂଆ ଦିଗ ଦେଇଛି । ଶିକ୍ଷିତ ଯୁବକମାନେ ଯଦି କୃଷିକୁ ପେଶା ଭାବରେ ଗ୍ରହଣ କରନ୍ତି, ତେବେ ଏହା ଅଧିକ ଲାଭଜନକ ଓ ସମ୍ମାନଜନକ ହୋଇପାରିବ । ଅନେକ ଯୁବ ଉଦ୍ୟୋଗୀ ଆଜି ଆଧୁନିକ କୃଷି ମାଧ୍ୟମରେ ସଫଳତାର ନୂଆ ଇତିହାସ ରଚନା କରୁଛନ୍ତି । ସମାଜରେ ଚାଷୀଙ୍କ ପ୍ରତି ଦୃଷ୍ଟିଭଙ୍ଗୀ ବଦଳିବା ଆବଶ୍ୟକ । ଯେପରି ଜଣେ ଡାକ୍ତର ରୋଗୀର ଜୀବନ ବଞ୍ଚାନ୍ତି, ସେପରି ଜଣେ ଚାଷୀ କୋଟି କୋଟି ଲୋକଙ୍କୁ ଖାଦ୍ୟ ଯୋଗାଇ ଜୀବନ ବଞ୍ଚାନ୍ତି । ଯେପରି ଜଣେ ଶିକ୍ଷକ ଜ୍ଞାନ ଦିଅନ୍ତି, ସେପରି ଚାଷୀ ଅନ୍ନ ଦିଅନ୍ତି । ଉଭୟଙ୍କ ଅବଦାନ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ । ଆମ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ କୃଷି ପ୍ରତି ସମ୍ମାନ ଓ ଆଗ୍ରହ ସୃଷ୍ଟି କରିବା ଦରକାର । ତେବେ,ଭବିଷ୍ୟତରେ କିଏ କ'ଣ ହେବ, ତାହା ତାଙ୍କର ବ୍ୟକ୍ତିଗତ ପସନ୍ଦ । କିନ୍ତୁ ଯେଉଁ ବୃତ୍ତି ମାନବ ସଭ୍ୟତାର ମୂଳ ଆଧାର, ସେହି ଚାଷୀ ବୃତ୍ତିକୁ ଅବହେଳା କରିବା ଉଚିତ୍ ନୁହେଁ । ଯେଉଁଦିନ ଜଣେ ପିଲା ଗର୍ବର ସହ କହିବ, "ମୁଁ ଜଣେ ଚାଷୀ ହେବି," ସେଦିନ ଆମ ସମାଜ କୃଷି ଓ ଚାଷୀଙ୍କ ପ୍ରକୃତ ମର୍ଯ୍ୟାଦାକୁ ବୁଝିପାରିଛି ବୋଲି କୁହାଯିବ । କାରଣ ଚାଷୀ କେବଳ ଜଣେ ବ୍ୟକ୍ତି ନୁହେଁ, ସେ ହେଉଛି ଜାତିର ଅନ୍ନଦାତା, ଜୀବନଦାତା ଓ ଦେଶର ପ୍ରକୃତ ମେରୁଦଣ୍ଡ । ତେଣୁ, ପିଲାମାନଙ୍କୁ ଶିଖାଇବା ଆବଶ୍ୟକ ଯେ, ଚାଷ କେବଳ ଏକ ପେଶା ନୁହେଁ, ଏହା ଜାତି ସେବାର ଏକ ମହାନ ମାଧ୍ୟମ । ଯେତେବେଳେ ସମାଜ ଚାଷୀଙ୍କୁ ସମ୍ମାନ ଦେବ, ସେତେବେଳେ ଅନେକ ଯୁବକ ଗର୍ବର ସହ କହିବେ, ମୁଁ ଜଣେ ଚାଷୀ ହେବି ।

# ଭାରତର ସେବା ଓ ମାନବିକତାର ଏକ ନୂତନ ଅଧ୍ୟାୟ : ୫ଲକ୍ଷ ଅଙ୍ଗଦାନ ସଂକଳ୍ପର ଏକ ଐତିହାସିକ ମାଇଲଖୁଣ୍ଟ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ସାମ୍ପ୍ରତିକ ସମୟରେ ଭାରତବର୍ଷରେ ମାନବିକତା, ସେବା ଏବଂ ସାମାଜିକ ଦାୟିତ୍ୱବୋଧର ଏକ ଅଭୂତପୂର୍ବ ଉଦାହରଣ ଦେଖିବାକୁ ମିଳିଛି ଯେଉଁଠାରେ ଦେଶର ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଆଗେଇ ଆସି ଅଙ୍ଗଦାନ ଭଳି ଏକ ମହତ କାର୍ଯ୍ୟରେ ନିଜକୁ ସାମିଲ କରିଛନ୍ତି ଏବଂ ଏହି କ୍ରମରେ ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ସୂଚନା ଅନୁଯାୟୀ ଦେଶରେ ଅଙ୍ଗଦାନ ସଂକଳ୍ପ ବା ଅଙ୍ଗଦାନ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିବା ନାଗରିକଙ୍କ ସଂଖ୍ୟା ୫ଲକ୍ଷର ସୀମା ପାର କରି ଏକ ଐତିହାସିକ ମାଇଲଖୁଣ୍ଟ ସ୍ଥାପନ କରିଛି ଯାହା କେବଳ ଏକ ସଂଖ୍ୟା ନୁହେଁ ବରଂ ବଦଳୁଥିବା ଭାରତର ଚିନ୍ତାଧାରା ଓ ସାମୂହିକ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ପ୍ରମାଣ ଅଟେ । ଏହି ବିପୁଳ ସଫଳତା ସ୍ପଷ୍ଟ କରୁଛି ଯେ ଆମ ଦେଶର ନାଗରିକମାନଙ୍କ ମଧ୍ୟରେ ଅଙ୍ଗ ଏବଂ ଟିସୁ (ତନ୍ତୁ) ଦାନର ଜୀବନ ରକ୍ଷାକାରୀ ମହତ୍ୱ ବିଷୟରେ ସଚେତନତା କ୍ରମାଗତ ଭାବେ ବୃଦ୍ଧି ପାଉଛି ଏବଂ ସମାଜରେ ପରୋପକାରର ଏକ ନୂଆ ବାତାବରଣ ସୃଷ୍ଟି ହେଉଛି । ମୃତ୍ୟୁ ପରେ ମଧ୍ୟ ଅନ୍ୟ ଜଣଙ୍କ ଜୀବନରେ ଆଲୋକ ଭରିଦେବା କିମ୍ବା କାହାକୁ ଏକ ନୂଆ ଜୀବନଦାନ ଦେବା ଭଳି କାମ ମାନବୀୟ କାର୍ଯ୍ୟକୁ ଆଜିର ସମାଜ ଗ୍ରହଣ କରୁଛି ଏବଂ ଯେଉଁ ରୋଗୀମାନେ ବର୍ଷ ବର୍ଷ ଧରି ଅଙ୍ଗ ପ୍ରତିରୋପଣ ପାଇଁ ଅପେକ୍ଷା କରି କହିଛନ୍ତି ସେମାନଙ୍କ ପାଇଁ ଏହି ୫ଲକ୍ଷ ସଂକଳ୍ପ ଆଶାର ଏକ ନୂତନ କିରଣ ସାଜିଛି । ଭାରତ ସରକାରଙ୍କ ନିରନ୍ତର ପ୍ରୟାସ, ବ୍ୟାପକ ସଚେତନତା ଜେନେରେସନ୍ କାର୍ଯ୍ୟକ୍ରମ ଏବଂ ସ୍ୱେଚ୍ଛାକୃତ ଅଙ୍ଗଦାନକୁ ପ୍ରୋତ୍ସାହନ ଦେବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଯୋଗୁଁ ହିଁ ଜନସାଧାରଣଙ୍କ ମଧ୍ୟରେ ଏହିପରି ସୂଚନାପୂର୍ଣ୍ଣ ଅଂଶଗ୍ରହଣ ଏବଂ ସାମାଜିକ ଦାୟିତ୍ୱବୋଧର ମନୋଭାବ ଜାଗ୍ରତ ହୋଇପାରିଛି । ଏହି ସଫଳ ଅବସରରେ ଜାତୀୟ ଅଙ୍ଗ ଏବଂ ଟିସୁ ପ୍ରତିରୋପଣ ସଂଗଠନ ବା ନାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ (NOTTO) ର ନିର୍ଦ୍ଦେଶକ ଡାକ୍ତର ଅନିଲ୍ କୁମାର ସମଗ୍ର ଦେଶର ନାଗରିକମାନଙ୍କୁ ସେମାନଙ୍କର ଏହି ଅକୁଣ୍ଠ ସମର୍ଥନ ଏବଂ ମହାନତା ପାଇଁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହା ସହିତ ସେ ବିଭିନ୍ନ ସରକାରୀ ଓ ବେସରକାରୀ ସଂଗଠନ, ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ କାର୍ଯ୍ୟରତ ଡାକ୍ତର ଓ ପାରାମେଡିକାଲ କର୍ମଚାରୀ, ଶିକ୍ଷାନୁଷ୍ଠାନ, ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ସହଯୋଗୀମାନଙ୍କର ମୂଲ୍ୟବାନ ଅବଦାନକୁ ସ୍ୱୀକାର କରିଛନ୍ତି ଯେଉଁମାନେ ଦିନରାତି ଏହି ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କୁ ସଂଗଠିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ସେ ସମସ୍ତ ରାଜ୍ୟ ସରକାର ଏବଂ କେନ୍ଦ୍ରଶାସିତ ଅଂଚଳର ପ୍ରଶାସନଗୁଡିକର ନିରନ୍ତର ସହଯୋଗ ଏବଂ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି ଯେଉଁମାନଙ୍କ ବିନା ଏହି ବୃହତ ମାଇଲଖୁଣ୍ଟ ହାସଲ କରିବା ସମ୍ଭବପର ହୋଇନଥାନ୍ତା । ବର୍ତ୍ତମାନ ସମୟରେ ଅଙ୍ଗର ଆବଶ୍ୟକତା ଏବଂ ଏହାର ଉପଲବ୍ଧତା ମଧ୍ୟରେ ଥିବା ବଡ ବ୍ୟବଧାନକୁ ଦୂର କରିବା ପାଇଁ ଭାରତ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରତିଶ୍ରୁତିବଦ୍ଧ ଅଟନ୍ତି ଏବଂ ଏଥିପାଇଁ ସଂସ୍ଥାଗତ ଦକ୍ଷତାର ବିକାଶ ସହିତ ପ୍ରତିରୋପଣ ପ୍ରଣାଳୀକୁ ଆହୁରି ସୁଦୃଢ କରାଯାଉଛି । ସରକାରଙ୍କର ମୁଖ୍ୟ ଲକ୍ଷ୍ୟ ହେଉଛି ସମଗ୍ର ଦେଶରେ ଅଙ୍ଗ ପ୍ରତିରୋପଣ ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ନୈତିକ, ସମାନ, ସ୍ୱଚ୍ଛ ଏବଂ ରୋଗୀ-କୈନ୍ଦ୍ରିକ ହୋଇ ରହିବ ତାହା ନିଶ୍ଚିତ କରିବା । ଭାରତରେ ଅଙ୍ଗଦାନ ଆନ୍ଦୋଳନ ନିକଟ ଅତୀତରେ ଏକ ନୂତନ ଗତି ସେତେବେଳେ ପ୍ରାପ୍ତ କଲା ଯେତେବେଳେ ଦେଶର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିଜର ପ୍ରସିଦ୍ଧ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍' ମାଧ୍ୟମରେ ଦେଶବାସୀଙ୍କୁ ଏହି ନୋବେଲ୍ କାର୍ଯ୍ୟ ପାଇଁ ଅନୁପ୍ରାଣୀତ କଲେ । ପ୍ରଧାନମନ୍ତ୍ରୀ ବିଭିନ୍ନ ସମୟରେ ଅଙ୍ଗଦାନର ଜୀବନ ବଦଳାଇବା ଦେବା ଭଳି ସକାରାତ୍ମକ ପ୍ରଭାବ ବିଷୟରେ ଆଲୋଚନା କରିଛନ୍ତି ଏବଂ ପ୍ରତ୍ୟେକ ନାଗରିକଙ୍କୁ ଏହି ଜାତୀୟ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ଯାହାଦ୍ୱାରା ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ । ଏହି ସାମୂହିକ ପ୍ରୟାସକୁ ଅଧିକ ସହଜ ଏବଂ ବ୍ୟବହାରିକ କରିବା ପାଇଁ ସରକାରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଆଧାରଭିତିକ ଅଙ୍ଗଦାନ ସଂକଳ୍ପ ପଞ୍ଜୀକରଣ ପୋର୍ଟାଲ ଯାହାର ୱେବସାଇଟ୍ notto.abdm.gov.in ଅଟେ, ତାହା ସମଗ୍ର ପ୍ରକ୍ରିୟାକୁ ଅତ୍ୟନ୍ତ ସରଳ, ସୁରକ୍ଷିତ ଏବଂ ସ୍ୱଚ୍ଛ କରିଦେଇଛି । ଜଣେ ବ୍ୟକ୍ତି ଘରେ ବସି ନିଜ ଆଧାର କାର୍ଡ ସାହାଯ୍ୟରେ ଅତି ସହଜରେ ଅଙ୍ଗଦାନ ପାଇଁ ନିଜର ନାମ ପଞ୍ଜୀକରଣ କରି ସଂକଳ୍ପ ପତ୍ର ହାସଲ କରିପାରୁଛନ୍ତି ଯାହାଫଳରେ ସାଧାରଣ ଜନତାଙ୍କ ମଧ୍ୟରେ ଡିଜିଟାଲ ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବଂ ଅଙ୍ଗଦାନ ଇକୋସିଷ୍ଟମ୍ ପ୍ରତି ବିଶ୍ୱାସ ଆହୁରି ଦୃଢ ହୋଇଛି । ଓଡିଶା ପ୍ରେକ୍ଷାପଟ୍ଟରେ ମଧ୍ୟ ଏହାର ପ୍ରଭାବ ବହୁଳ ଭାବେ ଦେଖିବାକୁ ମିଳୁଛି ଯେଉଁଠାରେ ରାଜ୍ୟ ସରକାର ଏବଂ ସ୍ଥାନୀୟ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନେ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସ ଓ ମାନସିକ ସଂକୋଚକୁ ଦୂର କରି ସେମାନଙ୍କ ପଞ୍ଜୀକରଣ କରିବା ପାଇଁ ଉତ୍ସାହିତ କରୁଛନ୍ତି । ଓଡିଶାର ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଲୋକମାନେ ଏହି ଜାତୀୟ ଅଭିଯାନର ମହତ୍ତ୍ୱ ବୁଝିପରିଛନ୍ତି ଏବଂ ବିଶେଷ କରି ଯୁବପିଢି ଏହି ଅନଲାଇନ୍ ପୋର୍ଟାଲ ମାଧ୍ୟମରେ ସଂକଳ୍ପ ନେବାରେ ଆଗଧାଡିରେ ରହିଛନ୍ତି । ଏହି ମାଇଲଖୁଣ୍ଟ ଆଗାମୀ ଦିନରେ ଦେଶରେ ଅଙ୍ଗ ଅଭାବ ଜନିତ ସମସ୍ୟାର ସମାଧାନ ପାଇଁ ଏକ ଦୃଢ ମୂଳଦୁଆ ପକାଇବା ଏବଂ ସମାଜରେ ପରୋପକାର ଓ ଭ୍ରାତୃଭାବର ଏକ ନୂତନ ପରମ୍ପରା ସୃଷ୍ଟି କରିବାରେ ସହାୟକ ହେବ ଏଥିରେ କୌଣସି ସନ୍ଦେହ ନାହିଁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଦ୍ୱିତୀୟ ଟି-୨୦ରେ ଖେଳିବେ ବୈଭବ ସୂର୍ଯ୍ୟବଂଶୀ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଦଳ ଶୁକ୍ରବାର ଆୟର୍ଲାଣ୍ଡ ବିପକ୍ଷରେ ପ୍ରଥମ ଟି-୨୦ ମ୍ୟାଚ ହାରିଗଲା, ବୈଭବ ସୂର୍ଯ୍ୟବଂଶୀଙ୍କୁ ସ୍ଥାନ ନ ଦେବା ନିଷ୍ପତ୍ତିକୁ ନେଇ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଲା। ଏହି ପଦକ୍ଷେପ ପାଇଁ ଅଧିନାୟକ ଶ୍ରେୟସ ଆୟର ଏବଂ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ସମାଲୋଚନାର ସମ୍ମୁଖୀନ ହେଉଛନ୍ତି। ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ୧୮୨ ରନର ଏକ ବିରାଟ ସ୍କୋର କରିଥିଲା, ଯେତେବେଳେ ଟିମ ଇଣ୍ଡିଆ ଜବାବରେ ୧୪୮ ରନରେ ଅଲଆଉଟ ହୋଇଗଲା। ଶୁକ୍ରବାର ବେଲଫାଷ୍ଟରେ ଆୟର୍ଲାଣ୍ଡ ଇତିହାସ ରଚିଥିଲା କାରଣ ଆୟର୍ଲାଣ୍ଡ ପ୍ରଥମ ଥର ପାଇଁ କୌଣସି ଫର୍ମାଟରେ ଭାରତକୁ ପରାସ୍ତ କରିଥିଲା। ବଲ ସହିତ ଏକ ଦୃଢ଼ ଆରମ୍ଭ ସତ୍ତ୍ୱେ, ଟିମ ଇଣ୍ଡିଆ ମଧ୍ୟ ଓଭରଗୁଡ଼ିକରେ ରନର ଝଡ଼ ଦେଇଥିଲା, ଉଲ୍ଲେଖନୀୟ ଯେ, ପ୍ରସିଦ୍ଧ କୃଷ୍ଣ ଗୋଟିଏ ଓଭରରେ ୨୭ ରନ ଦେଇଥିଲେ। ଯଦିଓ ୧୮୩ ରନର ଟାର୍ଗେଟ ବିଶେଷ ଭୟଙ୍କର ନଥିଲା, ଭାରତର ଷ୍ଟାର ବ୍ୟାଟ୍ସମ୍ୟାନମାନେ ଆୟର୍ଲାଣ୍ଡ ବୋଲିଂ ଆକ୍ରମଣ ଆଗରେ ଭାଙ୍ଗି ପଡ଼ିଥିଲେ। ଆଶା କରାଯାଉଥିଲା ଯେ ବୈଭବ ସୂର୍ଯ୍ୟବଂଶୀ ତାଙ୍କର ଡେବ୍ୟୁ କରିପାରିବେ, କିନ୍ତୁ ତାହା ହୋଇନଥିଲା, ଲଜ୍ଜାଜନକ ପରାଜୟ ପରେ ନିଷ୍ପତ୍ତିକୁ ଏବେ କଡ଼ା ସମାଲୋଚନା କରାଯାଉଛି। ସୋସିଆଲ ମିଡିଆରେ ପ୍ରଶଂସକମାନେ ଦ୍ୱିତୀୟ ଟି-୨୦ ମ୍ୟାଚରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଡେବ୍ୟୁ କରିବାକୁ ଦାବି କରୁଛନ୍ତି। ଯଦିଓ ପୂର୍ବରୁ ଏପରି ଦାବି କରାଯାଇଥିଲା, ତଥାପି ପରିଚାଳନା ପୂର୍ବରୁ ଭଲ ପ୍ରଦର୍ଶନ କରୁଥିବା ଖେଳାଳିମାନଙ୍କୁ ବାଦ ଦେବା ଉଚିତ ମନେ କରିନଥିଲା। ବର୍ତ୍ତମାନ ଦଳର ଟପ ଅର୍ଡର ବିଫଳ ହୋଇଥିବାରୁ, ପ୍ରଶଂସକମାନେ ଆଶାବାଦୀ ଯେ ୧୫ ବର୍ଷୀୟ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଦ୍ୱିତୀୟ ମ୍ୟାଚରେ ଖେଳିବାର ସୁଯୋଗ ପାଇପାରନ୍ତି। ଭାରତ ଏବଂ ଆୟର୍ଲାଣ୍ଡ ମଧ୍ୟରେ ଦ୍ୱିତୀୟ ଟି-୨୦ ମ୍ୟାଚ ରବିବାର, ଜୁନ ୨୮ରେ ଅନୁଷ୍ଠିତ ହେବ। ଏହି ଖେଳଟି ମଧ୍ୟ ବେଲଫାଷ୍ଟର ସିଭିଲ ସର୍ଭିସ କ୍ରିକେଟ କ୍ଲବ ଗ୍ରାଉଣ୍ଡରେ ଖେଳାଯିବ, ଯାହା ଭାରତୀୟ ସମୟ ଅନୁସାରେ ୬:୦୦ ଟାରେ ଆରମ୍ଭ ହେବ।

# ଇତିହାସ ରଚିଲା କେପ ଭର୍ଡେ

**ଫିଲାଡେଲଫିଆ**

୨୦୨୬ ଫିଫା ବିଶ୍ୱକପ୍‌ରେ ରାଉଣ୍ଡ ଅଫ ୩୨ ପୂର୍ବରୁ କେପ ଭର୍ଡେ ଏକ ଚମତ୍କାର ପ୍ରଦର୍ଶନ ସହିତ ଇତିହାସ ରଚିଛି। ପ୍ରାୟ ୫୫୦,୦୦୦ ଜନସଂଖ୍ୟା ବିଶିଷ୍ଟ ଆଫ୍ରିକାର ପଶ୍ଚିମ ଉପକୂଳରେ ଥିବା ଏହି ଛୋଟ ଦେଶ ସାଉଦି ଆରବ ବିପକ୍ଷରେ ୦-୦ ଡ୍ର ଖେଳି ପରବର୍ତ୍ତୀ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରିଥିଲା। ଏହା କରି କେପ ଭର୍ଡେ ଫୁଟବଲ ବିଶ୍ୱକପ ଇତିହାସରେ ନକଆଉଟ ପର୍ଯ୍ୟାୟରେ ପହଞ୍ଚିବା ପାଇଁ ବିଶ୍ୱର ସବୁଠାରୁ କମ ଜନସଂଖ୍ୟା ବିଶିଷ୍ଟ ଦେଶ ପାଲଟିଛି।



ପ୍ରଥମ ଥର ପାଇଁ ଫିଫା ବିଶ୍ୱକପ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରି, କେପ ଭର୍ଡେ ଏକ କଠିନ ଗ୍ରୁପ୍‌ରେ ସାମିଲ ହୋଇଥିଲା । କିନ୍ତୁ କୌଣସି ମ୍ୟାଚ୍‌ରେ ପଛକୁ ହଟି ନ ଥିଲା। ପ୍ରଥମ ମ୍ୟାଚ୍‌ରେ ଦଳ ୨୦୧୦ ବିଶ୍ୱ ଚାମ୍ପିଅନ ସ୍ପେନକୁ ୦-୦ ଡ୍ର କରିଥିଲା। ଏହା ପରେ ସେମାନେ ଦୁଇ ଥର ବିଶ୍ୱ ଚାମ୍ପିଅନ ଉରୁଗୁଏ ବିପକ୍ଷରେ ଏକ ରୋମାଞ୍ଚକର ୨-୨ ଡ୍ର କରିଥିଲେ। ସେମାନଙ୍କର ତୃତୀୟ ମ୍ୟାଚ୍‌ରେ ସେମାନେ ସାଉଦି ଆରବକୁ କୌଣସି ଗୋଲ ସୁଯୋଗରୁ ବଞ୍ଚିତ କରିଥିଲେ। ୦-୦ ଡ୍ର ସେମାନଙ୍କୁ ତିନି ପଏଣ୍ଟ ଅର୍ଜନ କରିଥିଲା ଏବଂ ଗ୍ରୁପରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲା। ଏହି ସମୟରେ ଉରୁଗୁଏକୁ ପରାସ୍ତ କରିବା ପରେ ସ୍ପେନ ଗ୍ରୁପ୍‌ରେ ଶୀର୍ଷରେ ଥିଲା।

ରାଉଣ୍ଡ ଅଫ ୩୨ରେ କେପ ଭର୍ଡେର ପରବର୍ତ୍ତୀ ଚ୍ୟାଲେଞ୍ଜ ବିଶ୍ୱ ଚାମ୍ପିଅନ ଆର୍ଜେଣ୍ଟିନା ବିପକ୍ଷରେ ହେବ। ଏହି ମ୍ୟାଚ ଜୁଲାଇ ୩ରେ ମିଆମିରେ ଅନୁଷ୍ଠିତ ହେବାକୁ ଯାଉଛି। କେପ ଭର୍ଡେ ଏହି ମ୍ୟାଚ୍‌ରେ ଓଲଟପାଲଟ କରି ଶେଷ ୧୬ରେ ସ୍ଥାନ ପକ୍କା କରିବାକୁ ଲକ୍ଷ୍ୟ ରଖିବ। ୪୦ ବର୍ଷୀୟ ଗୋଲକିପର ଭୋଜିନ୍ହା କେପ ଭର୍ଡେ ପାଇଁ ଏହି ଐତିହାସିକ ସଫଳତାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ବିଶ୍ୱବ୍ୟାପୀ ଫୁଟବଲ ପ୍ରଶଂସକଙ୍କ ଦୃଷ୍ଟି ଆକର୍ଷଣ କରିଛି।

# ପାରା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଆକାଶ ରଞ୍ଜନ ମୁଣ୍ଡଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡା ମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ତୁର୍କୀ ଠାରେ ଆୟୋଜିତ 'ୱାର୍ଲଡ ଏବିଲିଟି ସ୍ପୋର୍ଟସ୍ ୟୁଥ୍ ଗେମ୍ସ- ୨୦୨୬'ରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତି ଆମ କଳାହାଣ୍ଡିର ପାରା ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଆକାଶ ରଞ୍ଜନ ମୁଣ୍ଡ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ରାଜ୍ୟ କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ଭେଟି ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି ।

# ବିରାଟ କୋହଲି ହଠାତ ଟେଷ୍ଟ କ୍ରିକେଟରୁ କାହିଁକି ନେଇଥିଲେ ସନ୍ନ୍ୟାସ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟର 'ରନ ମେସିନ' ବିରାଟ କୋହଲି ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ପ୍ରାୟ ବର୍ଷେରୁ ଅଧିକ ସମୟ ବିତିଗଲାଣି। ହେଲେ ଆଜି ବି ପ୍ରଶଂସକଙ୍କ ମନରେ ଗୋଟିଏ ପ୍ରଶ୍ନ ଉଠୁଛି ଯେ, କୋହଲି ହଠାତ ଟେଷ୍ଟ କ୍ରିକେଟକୁ କାହିଁକି ସନ୍ନ୍ୟାସ ନେଲେ ? ଏବେ ଏହି ରହସ୍ୟ ଉପରୁ ପରଦା ହଟାଇଛନ୍ତି ପୂର୍ବତନ ଭାରତୀୟ କ୍ରିକେଟର ମହମ୍ମଦ କୈଫ୍। ବିରାଟ କାହିଁକି ଟେଷ୍ଟ କ୍ରିକେଟ ଛାଡ଼ିଲେ, ସେ ନେଇ ସେ ଏକ ବଡ଼ ଦାବି କରିଛନ୍ତି।



ମେ ୨୦୨୫ରେ ଭାରତୀୟ ଟେଷ୍ଟ ଇତିହାସର ଏକ ସୁବର୍ଣ୍ଣ ଅଧ୍ୟାୟର ଅନ୍ତ ଘଟିଥିଲା, ଯେତେବେଳେ ବିରାଟ ନିଜର ୧୪ ବର୍ଷର ଲମ୍ବା ଟେଷ୍ଟ କ୍ୟାରିୟରରୁ ଅବସର ଘୋଷଣା କରିଥିଲେ। ସୋସିଆଲ ମିଡିଆରେ ଏକ ଭାବୁକ ପୋଷ୍ଟ ସେୟାର କରି ସେ ଟେଷ୍ଟ କ୍ରିକେଟକୁ ବାଏ-ବାଏ କହିଥିଲେ। ଏବେ ଏକ ଆଲୋଚନା ବେଳେ କୈଫ୍ ଏହା ପଛର ପ୍ରକୃତ କାରଣ ପ୍ରକାଶ କରିଛନ୍ତି।

କୈଫ୍‌ଙ୍କ କହିବା ଅନୁଯାୟୀ, ବିରାଟଙ୍କୁ ଦଳରେ ଯେଉଁ ସମ୍ମାନ ଓ ଗୁରୁତ୍ୱ ମିଳିବା କଥା, ତାହା ମିଳୁ ନ ଥିଲା। ଯଦିଓ ସେ ଟେଷ୍ଟ କ୍ରିକେଟକୁ ବହୁତ ଭଲ ପାଉଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିରାଟ ଟେଷ୍ଟ ଖେଳିବାକୁ ଚାହୁଁଥିଲେ କିନ୍ତୁ ପରିସ୍ଥିତି ଏପରି ହେଲା ଯେ ତାଙ୍କୁ ଏହି ଫର୍ମାଟ୍ ଛାଡ଼ିବାକୁ ପଡ଼ିଲା।

କୈଫ୍ କହିଛନ୍ତି, "ବିରାଟ କୋହଲି ଟେଷ୍ଟ ମ୍ୟାଚ୍ ଛାଡ଼ିଛନ୍ତି। ନିକଟରେ ତାଙ୍କର ଏକ ବୟାନ ଆସିଥିଲା, ଯେଉଁଠି ସେ କହିଥିଲେ ଯେ ମୁଁ ଏଥିପାଇଁ ଟେଷ୍ଟ ଛାଡ଼ିଲି କାରଣ ମତେ ଟିମ୍‌ରେ 'ୱେଲକମିଂ' ଅନୁଭୂତ ହେଉ ନ ଥିଲା। ମତେ ଲାଗୁଥିଲା ଯେ ଲୋକମାନେ ଚାହୁଁନାହାନ୍ତି ମୁଁ ଦଳରେ ରୁହେ। ସେଥିପାଇଁ ସେ ଟେଷ୍ଟ ଛାଡ଼ି ଚାଲିଗଲେ।" କୈଫ୍‌ଙ୍କ ମତରେ, ବିରାଟ ସବୁବେଳେ ଟେଷ୍ଟ କ୍ରିକେଟକୁ ସବୁଠାରୁ କଠିନ ଫର୍ମାଟ ବୋଲି ଭାବୁଥିଲେ ଏବଂ ଯୁବ ପିଢ଼ିଙ୍କ ପାଇଁ ଏକ ଉଦାହରଣ ସାଜିବାକୁ ଚାହୁଁଥିଲେ।

ପୂର୍ବତନ ଭାରତୀୟ କ୍ରିକେଟର ତଥା କମେଣ୍ଟେଟର କୈଫ୍ ଆହୁରି କହିଛନ୍ତି ଯେ, ବିରାଟଙ୍କୁ ଏପରି ଅନୁଭବ କରାଯାଇଥିଲା ଯେ ଟେଷ୍ଟ ଦଳରେ ଏବେ ଆଉ ତାଙ୍କର ଆବଶ୍ୟକତା ନାହିଁ। ଫର୍ମ ତ ଆସେ ଆଉ ଯାଏ, ତାହା ଅଲଗା କଥା। କିନ୍ତୁ ଖରାପ ଫର୍ମ ସହିତ ଲୋକମାନେ ତାଙ୍କୁ ଅନୁଭବ କରାଇଲେ ଯେ ଆପଣଙ୍କ ସମୟ ଏବେ ଶେଷ ହୋଇଯାଇଛି, ଦଳକୁ ଆଉ ଆପଣଙ୍କ ଦରକାର ନାହିଁ। ପରିସ୍ଥିତି ଏପରି ଜଟିଳ ହେଲା ଯେ ସେ ବାଧ୍ୟ ହୋଇ ଟେଷ୍ଟ କ୍ରିକେଟକୁ ସନ୍ନ୍ୟାସ କହିଲେ।

ବିରାଟ କୋହଲି ୨୦୧୪ ରୁ ୨୦୨୨ ମଧ୍ୟରେ ରେକର୍ଡ ୬୮ଟି ଟେଷ୍ଟ ମ୍ୟାଚରେ ଭାରତୀୟ ଦଳର ଅଧିନାୟକତ୍ୱ କରିଥିଲେ। ତାଙ୍କ ନେତୃତ୍ୱରେ ଭାରତ ୪୦ଟି ମ୍ୟାଚ୍ ଜିତିଥିଲା, ଯାହାକି ଯେକୌଣସି ଭାରତୀୟ ଟେଷ୍ଟ ଅଧିନାୟକଙ୍କ ପାଇଁ ସବୁଠାରୁ ଶ୍ରେଷ୍ଠ ରେକର୍ଡ। ସୂଚନାଯୋଗ୍ୟ, ବିରାଟ ୨୦୨୪ରେ ଟି-୨୦ ଆନ୍ତର୍ଜାତୀୟରୁ ଅବସର ନେଇଥିବା ବେଳେ ବର୍ତ୍ତମାନ ସେ କେବଳ ଦିନିକିଆ କ୍ରିକେଟ୍ ଖେଳୁଛନ୍ତି।

# ଭାରତ ପରାଜୟର ୩ ପ୍ରମୁଖ କାରଣ

**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ ଇତିହାସରେ ଜୁନ ୨୬ (ଶୁକ୍ରବାର) ଏକ କଳା ଦିନ ଭାବରେ ଲିପିବଦ୍ଧ ହୋଇପାରେ। ଏହି ଦିନ, ପ୍ରଥମ ଟି-୨୦ ମ୍ୟାଚରେ ଟିମ ଇଣ୍ଡିଆ ଆୟର୍ଲାଣ୍ଡ ବିପକ୍ଷରେ ୩୪ ରନରେ ଲଜ୍ଜାଜନକ ପରାଜୟ ବରଣ କରିଥିଲା। ଏହା କ୍ରିକେଟ ଇତିହାସରେ ପ୍ରଥମ ଥର ପାଇଁ ଯେ ଆୟର୍ଲାଣ୍ଡ କୌଣସି ଫର୍ମାଟରେ ଟିମ ଇଣ୍ଡିଆକୁ ପରାସ୍ତ କରିଛି।

ଏହି ପରାଜୟ ସହିତ, ଟିମ ଇଣ୍ଡିଆର ଆୟର୍ଲାଣ୍ଡ ଉପରେ ପ୍ରାଧାନ୍ୟ ଶେଷ ହୋଇଗଲା। ଏବେ ପ୍ରଶ୍ନ ଉଠୁଛି ଷ୍ଟାର ଖେଳାଳିରେ ଭରପୁର ଟିମ ଇଣ୍ଡିଆ କାହିଁକି ଆୟର୍ଲାଣ୍ଡ ଦଳଠାରୁ ହାରିଗଲା ଯେଉଁଥିରେ ଆଘାତ ଯୋଗୁ ଛଅ ଜଣ ପ୍ରମୁଖ ଖେଳାଳିଙ୍କୁ ହରାଇଥିଲେ ? ଆୟର୍ଲାଣ୍ଡ ଦଳରେ ଡେବ୍ୟୁ କରୁଥିବା ଦୁଇ ଜଣ ଖେଳାଳି ମଧ୍ୟ ସାମିଲ ଥିଲେ। ଆସନ୍ତୁ ଆମେ ମ୍ୟାଚରେ ଭାରତର ପରାଜୟ ପଛରେ ଥିବା ତିନୋଟି ପ୍ରମୁଖ କାରଣ ଉପରେ ନଜର ପକାଇବା।



ଟସ ଜିତିବା ପରେ ବୋଲିଂ କରିବାକୁ ବାଛିବା : ଭାରତୀୟ ଅଧିନାୟକ ଶ୍ରେୟସ ଆୟର୍ ଟସ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ବେଲଫାଷ୍ଟର ସିଭିଲ ସର୍ଭିସ କ୍ରିକେଟ କ୍ଲବ ଗ୍ରାଉଣ୍ଡର ପିଚ ବ୍ୟାଟିଂ ପାଇଁ ଅତ୍ୟନ୍ତ ଅନୁକୂଳ ଥିଲା, ଯଦି ଭାରତୀୟ ଦଳ ପ୍ରଥମେ ବ୍ୟାଟିଂ କରିଥାନ୍ତା, ତେବେ ସେମାନେ ମୋଟ ୨୦୦ ରନରୁ ଅଧିକ ସ୍କୋର କରିପାରିଥାନ୍ତେ। ଏତେ ବଡ଼ ସ୍କୋରକୁ ପିଛା କରିବା ଆୟର୍ଲାଣ୍ଡ ପାଇଁ ସହଜ ହୋଇନଥାନ୍ତା, ତଥାପି ଅଧିନାୟକ ଆୟର୍ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ପ୍ରଥମେ ବ୍ୟାଟିଂ କରି ଆୟର୍ଲାଣ୍ଡ ମୋଟ ୧୮୨ ରନ କରିଥିଲା, ଯେତେବେଳେ ଲକ୍ଷ୍ୟ ପିଛା କରୁଥିବା 'ମେନ ଇନ ବ୍ଲୁ' ୧୮.୫ ଓଭରରେ ୧୪୮ ରନରେ ଅଲଆଉଟ ହୋଇଯାଇଥିଲା।

ପ୍ରସିଦ୍ଧ କ୍ରିଷ୍ଣଙ୍କୁ ତାଙ୍କର ସମ୍ପୂର୍ଣ୍ଣ ୪ ଓଭର ବୋଲିଂ କରିବାକୁ ଦେବା : ଦ୍ରୁତ ବୋଲର ପ୍ରସିଦ୍ଧ କ୍ରିଷ୍ଣ ଆରମ୍ଭରୁ ଲୟ ହରାଇଥିବା ଦେଖାଯାଇଥିଲେ। ସେ ତାଙ୍କ ପ୍ରାରମ୍ଭିକ ଓଭରରେ ୧୫ ରନ ଦେଇଥିଲେ। ଏହି ମହଙ୍ଗା ଆରମ୍ଭ ସତ୍ତ୍ୱେ, ଅଧିନାୟକ ଆୟର୍ ତାଙ୍କ ଉପରେ ବିଶ୍ୱାସ ରଖିଥିଲେ ଏବଂ ତାଙ୍କୁ ତାଙ୍କର ସମ୍ପୂର୍ଣ୍ଣ ଚାରି ଓଭର ବୋଲିଂ କରିବାକୁ ଦେଇଥିଲେ। ତିନି ଓଭରରେ, ପ୍ରସିଦ୍ଧ କୌଣସି ୱିକେଟ ନ ନେଇ ୧୦ର ଇକୋନୋମି ରେଟରେ ୩୦ ରନ ଦେଇଥିଲେ। ତା'ପରେ ମଧ୍ୟ, ତାଙ୍କୁ ଚତୁର୍ଥ ଓଭର ଦିଆଯାଇଥିଲା, ଯେଉଁଥିରେ ସେ ୨୭ ରନ ଦେଇଥିଲେ, ଶ୍ରେୟସଙ୍କ ପାଖରେ ଅନ୍ୟ ବୋଲିଂ ବିକଳ୍ପ ଉପଲବ୍ଧ ଥିଲେ ମଧ୍ୟ। ସେ ତାଙ୍କର ଚାରି ଓଭରରେ ମୋଟ ୫୭ ରନ ଦେଇଥିଲେ, ଯାହା ଯେକୌଣସି ବୋଲରଙ୍କ ଦ୍ୱାରା ସର୍ବାଧିକ।

ବ୍ୟାଟ୍ସମ୍ୟାନମାନେ ଶୀଘ୍ର ଖେଳୁଛନ୍ତି : ଲକ୍ଷ୍ୟ ପିଛା କରିବା ସମୟରେ, ଭାରତୀୟ ବ୍ୟାଟ୍ସମ୍ୟାନମାନେ ଶୀଘ୍ର ଥିବା ପରି ମନେ ହେଉଥିଲେ। ଆରମ୍ଭ ଯଥେଷ୍ଟ ଭଲ ଥିଲା। ଶ୍ରେୟସ ଆୟର ଆଉଟ ହେବା ପରେ ଦଳ ୬୦ ରନରେ ତା'ର ତୃତୀୟ ୱିକେଟ ହରାଇଥିଲା। ତା'ପରେ, ଚତୁର୍ଥ ୱିକେଟ ୮୦ ରନରେ ପଡ଼ିଥିଲା କାରଣ ଅଭିଷେକ ଶର୍ମା ଅର୍ଦ୍ଧଶତକ ହାସଲ କରି ପ୍ୟାଭିଲିୟନ ଫେରିଥିଲେ। ଚାରି ୱିକେଟ ହରାଇବା ପରେ ମଧ୍ୟ ଭାରତୀୟ ବ୍ୟାଟ୍ସମ୍ୟାନମାନେ ଆକ୍ରମଣାତ୍ମକ ଆଭିମୁଖ୍ୟ ବଜାୟ ରଖିଥିଲେ, ଯାହା ଫଳରେ ଦ୍ରୁତ ଆଉଟ ହେବାର ସମ୍ଭାବନା ସୃଷ୍ଟି ହୋଇଥିଲା। ମଧ୍ୟ ଓଭରଗୁଡ଼ିକରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ି ପାରିନଥିଲା, ଯାହା ଭାରତର ପରାଜୟର ଏକ ପ୍ରମୁଖ କାରଣ ପ୍ରମାଣିତ ହୋଇଥିଲା।

# ଚୌଦ୍ୱାରରେ ଆଥଲେଟିକ୍ କୋଚିଂ କ୍ୟାମ୍ପ ଉଦ୍‌ଘାଟିତ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

ଟାଙ୍ଗୀ-ଚୌଦ୍ୱାର ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ଚୌଦ୍ୱାରରେ ଏକ ଆଥଲେଟିକ୍ କୋଚିଂ କ୍ୟାମ୍ପ ପ୍ରତିଷ୍ଠା କରା ଯାଇଛି। ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍‌ର ପୃଷ୍ଠପୋଷକତାରେ ପ୍ରତିଷ୍ଠିତ ଏହି କ୍ୟାମ୍ପକୁ ଇମ୍ଫା ପାୱାର ପ୍ଲାଣ୍ଟ□ ମୁଖ୍ୟ ଲଲାଟ କିଶୋର ମହାପାତ୍ର ଉଦ୍‌ଘାଟନ କରିଥିଲେ । ଜାତୀୟ କୋଚ ଭବାନୀ ଶଙ୍କର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ଆସୋସିଏସନ୍ ସଭାପତି ଦିଲ୍ଲିପ କୁମାର ଛତାରଙ୍କ ପୌରୋହିତ୍ୟରେ ଓଟିଏମ୍ କଲୋନୀସ୍ଥିତ ଗୋପବନ୍ଧୁ ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଅଲମ୍ପିକ୍ ଆସୋସିଏସନ୍‌ର ସମ୍ପାଦକ ଅଭିଜିତ୍ ପାଲ, ପ୍ରାକ୍ତନ୍ ସିଆରପିଏଫ ଆଇଜି ତ୍ରୈଲୋକ୍ୟନାଥ ଖୁଣ୍ଟିଆ, ଜିଲ୍ଲା କ୍ରୀଡ଼ା ସଂସଦ ଉପସଭାପତି ସହଦେବ ରାଉତ, ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବସନ୍ତିଆ, ମାନସ ରଞ୍ଜନ ପ୍ରଧାନ, ଅଭିଷେକ ଘୋଷ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବର୍ଷ ତମାମ ସରକାରୀ ଛୁଟି ଦିନ ମାନଙ୍କରେ ନିୟମିତ ଚାଲୁ ରହିବ ବୋଲି ଆସୋସିଏସନ୍ ତରଫରୁ ସୂଚନା ଦିଆଯାଇଥିଲା । ସୁରେଶ କୁମାର ରାଉତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଭାସ୍କର ପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ବିଜୟ କୁମାର ସାହୁ, ଭାସ୍କର ରାଉତରାୟ, ଚନ୍ଦ୍ର ମୋହନ ସାହୁ, କାହ୍ନୁ ଚରଣ ଜେନା, ଅନ୍ତର୍ଯ୍ୟାମୀ ସାହୁ, ଶଶାଙ୍କ ଶେଖର ମହାପାତ୍ର, ଦୀପକ ସେନାପତି ପ୍ରମୁଖ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଓଡ଼ିଆ ସିନେଜଗତର ଖ୍ୟାତନାମା କ୍ୟାମେରାମ୍ୟାନ ଦିଲୀପ ରାୟଙ୍କ ପରଲୋକ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଆ ଚଳଚ୍ଚିତ୍ର ଜଗତର ଖ୍ୟାତନାମା କ୍ୟାମେରାମ୍ୟାନ ଦିଲୀପ ରାୟ ଆଉ ନାହାନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲ୍‌ରେ ରାତିରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । କିଛିଦିନ ତଳେ ତାଙ୍କୁ ହୃଦଘାତ ଯୋଗୁଁ ବ୍ରେନ୍ ଷ୍ଟ୍ରୋକ୍ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କର ପତ୍ନୀ ଓ ତିନି କନ୍ୟା ଅଛନ୍ତି। ତାଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ କରାଯିବ ବୋଲି ସୂଚନା ମିଳିଛି। ଦିଲୀପ ରାୟ ୧୯୫୪ ମସିହା ଜୁଲାଇ ୨୭ ତାରିଖରେ କଟକରେ ଜନ୍ମଗ୍ରହଣ କରିଥିଲେ। ୮୦ ଦଶନ୍ଧିରେ ପ୍ରଖ୍ୟାତ ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କ ପରାମର୍ଶରେ ସିନେମାଟୋଗ୍ରାଫର୍ ହୋଇଥିଲେ । ସେ ବେଙ୍ଗାଲୁରୁର ଏଫଟିଆଇରୁ ସିନେମାଟୋଗ୍ରାଫି କୋର୍ସ କରିବା ପରେ ସିନେମାରେ ପ୍ରବେଶ କରିଥିଲେ। ତ୍ରିସନ୍ଧ୍ୟା, ବାଜେ



ବଇଁଶୀ ନାଚେ ଘୁଙ୍ଗୁର, ଭାଗ୍ୟ ହାତେ ଡୋରି, ସୁନା ସଂସାର, ଜୀବନସାଥୀ, ବିଧିର ବିଧାନ, ଏଇତ ଦୁନିଆ, ବସ୍ତ୍ରହରଣ, ଚକାଭଉଁରୀ ଲକ୍ଷ୍ମଣ ରେଖା, ଚିନି ଆଦି ସମେତ ୮୦ରୁ ଅଧିକ ଓଡ଼ିଆ ଚଳଚିତ୍ରରେ ଚିତ୍ରଉତ୍ତୋଳନ କରିଥିଲେ । ଏହାଛଡ଼ା ସେ କେତୋଟି ଛତିଶଗଡ଼ି ସିନେମାର ମଧ୍ୟ କ୍ୟାମେରାମ୍ୟାନ୍ ଥିଲେ। ସେ ଦୂରଦର୍ଶନରେ ବି ଚାକିରି କରିବା ପରେ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ଓଲିଉଡରେ ଶୋକର ଛାୟା ଖେଳିଯାଇଛି।

# ଇଏମଆରଏସ ପରିସରରେ ଚାଲିଥିବା କ୍ରୀଡ଼ା ପ୍ରକଳ୍ପର ଅଗ୍ରଗତି ଅନୁଧ୍ୟାନ କଲେ ଜିଲ୍ଲାପାଳ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ମାଲକାନଗିରି ଜିଲ୍ଲାର ସ୍ଥାନୀୟ ଯୁବପିଢ଼ି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉପଯୁକ୍ତ ସୁଯୋଗ ଯୋଗାଇଦେବା ପାଇଁ ଭିତ୍ତିଭୂମିର ବିକାଶ କାର୍ଯ୍ୟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍ ମିଳିତ ଭାବେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିସର ଗସ୍ତ କରିଛନ୍ତି। ସେଠାରେ ନିର୍ମାଣାଧୀନ କ୍ରୀଡ଼ା ପ୍ରକଳ୍ପର କାର୍ଯ୍ୟ କେତେଦୂର ଆଗେଇଛି, ସେ ସମ୍ପର୍କରେ ଜିଲ୍ଲାପାଳ କ୍ଷେତ୍ର ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଏହି ପ୍ରକଳ୍ପର ସମସ୍ତ କାର୍ଯ୍ୟକୁ ଉଚ୍ଚ ଗୁଣବତ୍ତା ବଜାୟ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖେଳାଳିମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କ୍ରୀଡ଼ା ପରିସରରେ ସମସ୍ତ ପ୍ରାଥମିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି। ସକାଳ ଓ ସନ୍ଧ୍ୟା ସମୟରେ ନିୟମିତ ଅଭ୍ୟାସ ପାଇଁ ସମଗ୍ର ପରିସରରେ ଆଧୁନିକ ଲାଇଟିଂ ଏବଂ ହାଇ-ମାଷ୍ଟ ଲାଇଟ୍‌ର ସଂଯୋଗ କରାଯାଉଛି। ଏହା ସହିତ ଖେଳପଡ଼ିଆର ଚାରିପାଖ ପରିବେଶକୁ ସ୍ୱଚ୍ଛ ଓ ଆକର୍ଷଣୀୟ ରଖିବା ପାଇଁ ବ୍ୟାପକ ଶୋଭାବର୍ଦ୍ଧନକାରୀ ବୃକ୍ଷରୋପଣ କରାଯାଉଛି। ଏଠାରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଟ୍ରାକ୍, ଆଉଟଡୋର ଗ୍ରାଉଣ୍ଡ ଏବଂ ଇନଡୋର ଗେମ୍ସ ପାଇଁ ଆବଶ୍ୟକୀୟ ବୁନିଆଦି କ୍ରୀଡ଼ା ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ମାଲକାନଗିରିର ଗ୍ରାମାଞ୍ଚଳ ଓ ଜନଜାତି ପିଲାଙ୍କ ମଧ୍ୟରେ ସ୍ୱାଭାବିକ କ୍ରୀଡ଼ା ଦକ୍ଷତା ରହିଥିବାରୁ ଏହି ପରିସର ସେମାନଙ୍କୁ ନିୟମିତ ଅଭ୍ୟାସ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ବୁନିଆଦି ସୁବିଧା ଯୋଗାଇ ଦେବ। ଏକ ବ୍ୟବସ୍ଥିତ ଗ୍ରାଉଣ୍ଡ ଉପଲବ୍ଧ ହେବା ଦ୍ୱାରା ସ୍ଥାନୀୟ କୋଚ୍ ଏବଂ କ୍ରୀଡ଼ା ଶିକ୍ଷକମାନେ ପିଲାମାନଙ୍କୁ ସଠିକ୍ କୌଶଳ ଶିଖାଇବାରେ ସହଜ ହେବ। ଉପଯୁକ୍ତ ପରିବେଶ ମିଳିବା ଦ୍ୱାରା ଏଠାରେ ଥିବା ଖେଳାଳିମାନେ ଜିଲ୍ଲା ଓ ରାଜ୍ୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ କରିପାରିବେ। ନିରୀକ୍ଷଣ ସମୟରେ ମାଲକାନଗିରି ଜିଲ୍ଲାପାଳ କହିଛନ୍ତି ଯେ, ମାଲକାନଗିରିର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ବେଶ୍ ଉତ୍ସାହ ରହିଛି। ଇଏମଆରଏସ ପରିସରରେ ନିର୍ମାଣ ହେଉଥିବା ଏହି କ୍ରୀଡ଼ା ପ୍ରକଳ୍ପ ଆମ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଅଭ୍ୟାସ କରିବା ପାଇଁ ଏକ ସଠିକ୍ ମଞ୍ଚ ପ୍ରଦାନ କରିବ। କାର୍ଯ୍ୟର ଗୁଣବତ୍ତା ସହିତ କୌଣସି ବୁଝାମଣା କରାଯିବ ନାହିଁ ଏବଂ ଏହାକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ।

ଏହି ଉଚ୍ଚସ୍ତରୀୟ ଗସ୍ତ ସମୟରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ହଳଧର ଶବର ମଧ୍ୟ ଉପସ୍ଥିତ ଥିଲେ, ଯିଏ କି ଚାଲିଥିବା କାର୍ଯ୍ୟର ବୈଷୟିକ ଦିଗ ବିଷୟରେ ସୂଚନା ଦେଇଥିଲେ। ସ୍ଥାନୀୟ କ୍ରୀଡ଼ା ବିଭାଗ ଏବଂ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଦିଗ୍‌ଦର୍ଶନ ଦିଆଯାଇଛି।

# ସଫଳ ହାର୍ଟ ଅପରେସନ୍ ପାଇଁ ଜିଲ୍ଲାପାଳଙ୍କୁ କୃତଜ୍ଞତା ଜଣାଇଲା ପରିବାର

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁଦୂର ବାଙ୍ଗାଲୋର ଠାରେ ଚିକିତ୍ସିତ ହୋଇ ହାର୍ଟ ଅପରେସନ୍‌ର ସଫଳତା ପରେ ନିଜ ଘରକୁ ଫେରିଥିବା ଅବସର ପ୍ରାପ୍ତ ସମବାୟ ବ୍ୟାଙ୍କ ସୋନପୁର ମ୍ୟାନେଜର ମାଗୁଣି ସାହୁଙ୍କ ଛଅ ବର୍ଷର ନାତି ସ୍ୱପ୍ନେଶ୍ୱରର ପରିବାର ଖୁସି ହୋଇ ପ୍ରଥମେ ମା ସୁରେଶ୍ୱରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ଏବଂ ଏହି କାର୍ଯ୍ୟରେ ଦୀର୍ଘ ତିନି ଚାରି ମାସ ପୂର୍ବରୁ ଏ ଶିଶୁର ଚିକିତ୍ସା ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ପ୍ରସ୍ତୁତି କରି ଏ ପରିବାରକୁ ପ୍ରେରଣା ଯୋଗାଇଥିବା ଓ ଅପରେସନ୍ ବେଳେ ବାଙ୍ଗାଲୋର ମେଡିକାଲ୍ ଓ ଡାକ୍ତର ସହ ଯୋଗାଯୋଗରେ ଥିବା ଜିଲ୍ଲାପାଳ ଡ଼. ନୃପରାଜ ସାହୁଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏ ମହତ୍ କାର୍ଯ୍ୟରେ ସଂଯୋଜନା କରିଥିବା ବରିଷ୍ଠ ନାଗରିକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ପ୍ରଦୀପ ପୁରୋହିତ, ଜିଲ୍ଲା ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ, ମହାଦେବ ମଲ୍ଲିକଙ୍କୁ ଓ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ମଧ୍ୟ ଛୋଟ ଶିଶୁର ପରିବାର କୃତଜ୍ଞତା ଜଣାଇଛନ୍ତି । ଜିଲ୍ଲାପାଳଙ୍କ ଏହି ଉଦ୍ୟମ ଓ ବଦାନ୍ୟତା ପାଇଁ ସହର ତଥା ଜିଲ୍ଲାରେ ଖୁବ୍ ପ୍ରଶଂସା କରାଯାଇଛି।

# ଡ.ନିବେଦିତା ରଥଙ୍କୁ ନାଗରିକ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସଦର ଟାଉନହଲ ଠାରେ ଏହି ମାଟିର ଝିଅ ଡ. ନିବେଦିତା ରଥଙ୍କୁ ଆଜି ଏକ ନାଗରିକ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିପାଇଁ ସକାଳେ ତାଙ୍କ ବାସଭବନ ରାମଚଣ୍ଡୀ ନିବାସରୁ ଏକ ବିରାଟ ପଟୁଆରରେ ବାହାରି ପ୍ରଥମେ ମାଁ ପଁଥେଇ ଦୁର୍ଗାଙ୍କ ଠାରେ ପୂଜାର୍ଚ୍ଚନା ପରେ ବ୍ଲକଛକ ଦେଇ ଆମ୍ବେଦକର କଚେରୀ ଛକ, ମଝିପଡାରେ ମଧ୍ୟ ଡ. ରଥଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରେ ଇଷ୍ଟଦେବୀ ମାଁ ସୁରେଶ୍ୱରୀଙ୍କ ଠାରେ ପୂଜାର୍ଚ୍ଚନା କରିବାପରେ ଟାଉନହଲ ଠାରେ ଏକ ସମ୍ବର୍ଦ୍ଧନା ସଭା ବରିଷ୍ଠ ଆଇନଜୀବୀ ଶ୍ୟାମାଓମ୍ ପ୍ରସାଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଜିଲ୍ଲା ଜଜ୍ ଧନୁର୍ଦ୍ଧର ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ସୁବର୍ଣ୍ଣପୁର ପୌର ପରିଷଦର ଅଧକ୍ଷା ତାମସୀ ତାମସ୍ୱିତା ନାୟକ, ପୂର୍ବତନ ବିଧାୟକ ବିନୋଦ ପାତ୍ର, ପୂର୍ବତନ ନଗରପାଳ ପ୍ରମୋଦ ମହାପାତ୍ର, ଇନ୍ଦୁମତୀ ପୁରୋହିତ, ଆଇନଜୀବୀ ଅଦ୍ୱୈତ କୁମାର ପଣ୍ଡା ଉପନଗରପାଳ ମଲ୍ଲିକା ଦାନୀ, ବିଶିଷ୍ଟ ସମାଜସେବୀ ଶ୍ରୀବତ୍ସ ମଲ୍ଲିକ୍, ଗୋବିନ୍ଦ ମହାରଣା, ମାଧବ କୁମ୍ଭାର ପ୍ରମୁଖ ଯୋଗଦେଇ ଡ. ରଥଙ୍କୁ ଏକ ବିରଳ ପ୍ରତିଭା ଭାବରେ ଉଲ୍ଲେଖ କରିଥିଲେ । ବିଶେଷ କରି ଆମେରିକାର ୱାଶିଂଟନ୍ ଡିଜିଟାଲ୍ ୟୁନିଭରସିଟି ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ ପରେ ସୁବର୍ଣ୍ଣପୁର ପାଇଁ ଅନେକ ଗୌରବ ଆଣିଛନ୍ତି । ଜିଲ୍ଲାର ପ୍ରତିଭା ସମ୍ପନ୍ନ ଯୁବତୀ ଡ଼. ନିବେଦିତା ରଥଙ୍କୁ ଇତି ମଧ୍ୟରେ ମାତ୍ର ୩୧ ବର୍ଷ ବୟସରେ ହିଁ ତିନି ତିନୋଟି ସମ୍ମାନଜନକ ଡକ୍ଟରେଟ ଉପାଧି ମିଳିଛି, ଯାହାକି ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଏକ ଗୌରବମୟ ମୁହୂର୍ତ୍ତ ହେବାସହ ମହିଳା ସଶକ୍ତିକରଣ ଯୁବ ପ୍ରତିଭାମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି ।



# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସମୃଦ୍ଧ ଓଡ଼ିଶାରେ...

ସମ୍ପୃକ୍ତ ରକ୍ଷା କରାଯାଇ ମହିଳାମାନଙ୍କୁ ଆର୍ଥିକ ସହାୟତା, ବଜାର ସୁବିଧା, ମେଣ୍ଟରସିପ୍ ଓ ସ୍କିଲ ଡେଭଲପମେଣ୍ଟ ଆଦି ସମସ୍ତ ସୁବିଧା ଗୋଟିଏ ମଞ୍ଚରେ ଯୋଗାଇ ଦିଆଯିବ। ହସ୍ତତନ୍ତ, ସ୍କିଲ, ହୋମ୍ ଷ୍ଟେ ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଅନେକ ନୂତନ ପାର୍ଟନରସିପ୍ ଓ କୋଲାବରେସନ୍ ମଧ୍ୟ ଆଜି ଆରମ୍ଭ କରାଯାଉଛି। ରାଜ୍ୟର ଅର୍ଥନୈତିକ ବିକାଶରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) କୁ ମୂଳ ଇଞ୍ଜିନ୍ ଭାବେ ଅଭିହିତ କରି ମୁଖ୍ୟମନ୍ତ୍ରୀ ରାଜ୍ୟରେ ଭିତ୍ତିଭୂମି ବିକାଶ ପାଇଁ ଅନେକ ନୂତନ ପଦକ୍ଷେପ ଆରମ୍ଭ କରିଛନ୍ତି।

ଏହି ଅବସରରେ ବାଲେଶ୍ୱରଠାରେ ୨୪ କୋଟି ୧୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ 'ରାଇସ୍ ମିଲିଙ୍ଗ୍ କ୍ଲଷ୍ଟର'ର ଉଦ୍ଘାଟନ କରାଯାଇଛି, ଯାହା ରାଇସ୍ ବ୍ରାନ୍ ଅଏଲ୍ ଉତ୍ପାଦନକୁ ପ୍ରୋତ୍ସାହିତ କରିବ। ସେହିପରି ପାରମ୍ପରିକ ସୁସ୍ୱାଦୁ ଖାଦ୍ୟର ପ୍ରସାର ପାଇଁ ପାହାଳଠାରେ ୧୭ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଏକ 'ରସଗୋଲା କ୍ଲଷ୍ଟର' ପାଇଁ ଶିଳାନ୍ୟାସ କରାଯାଇଛି। ଏହାଦ୍ୱାରା ପାହାଳର ଦୈନିକ ଉତ୍ପାଦନ କ୍ଷମତା ୭ ହଜାର କେଜିରୁ ୧୧ ହଜାର କେଜିକୁ ବୃଦ୍ଧି ପାଇବ। ଏହା ବ୍ୟତୀତ ଗଞ୍ଜାମର ବରପାଲି ଓ କଳାହାଣ୍ଡିର କେସିଙ୍ଗାଠାରେ ୧୦ କୋଟି ଟଙ୍କା ଲେଖାଏଁ ବ୍ୟୟରେ ୨ଟି 'ମଲ୍ଟି-ପ୍ରଡକ୍ଟ ଏମଏସଏମଇ ପାର୍କ'ର ଉଦ୍ଘାଟନ କରାଯାଇଛି। ଆଗାମୀ ଦିନରେ ଏକ ଇଞ୍ଜିନିୟରିଙ୍ଗ୍ କ୍ଲଷ୍ଟର, ମୁଦ୍ରଣ ଓ ପ୍ୟାକେଜିଙ୍ଗ୍ କ୍ଲଷ୍ଟର ଏବଂ କାଜୁ କ୍ଲଷ୍ଟରର ଶୁଭାରମ୍ଭ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଗୋଟିଏ ମଲ୍ଟି ପ୍ରଡକ୍ଟ ଏମଏସଏମଇ ପାର୍କ ସ୍ଥାପନ କରାଯାଉଛି ବୋଲି ସେ କହିଥିଲେ। ରାଜ୍ୟରେ ଏମଏସଏମଇ ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାର ୪ ଲକ୍ଷ ୩୨ ହଜାରରୁ ଅଧିକ ଏମଏସଏମଇ ଉପକୃତ ହୋଇଛନ୍ତି।

ପିଏମଇଜିପି ଜରିଆରେ ୪,୯୦୦ କ୍ଷୁଦ୍ର ଉଦ୍ୟୋଗକୁ ୧୪୬ କୋଟି ଟଙ୍କାର ସବସିଡି ପ୍ରଦାନ କରାଯାଇଛି, ଯେଉଁଥିରେ ୪୨.୫ ପ୍ରତିଶତ ହିତାଧିକାରୀ ହେଉଛନ୍ତି ମହିଳା। କ୍ରେଡିଟ୍ ଗ୍ୟାରେଣ୍ଟି ଯୋଜନାରେ ୨୩ ହଜାର କୋଟିରୁ ଅଧିକ ଟଙ୍କାର ବନ୍ଧକମୁକ୍ତ ଋଣ ପ୍ରଦାନ କରାଯାଇଥିବା ବେଳେ ସିଏମ-ଏସଆରଆଇଏମ ଯୋଜନାରେ ସରକାର ସୁଧ ଭାର ବହନ କରୁଛନ୍ତି। ଓଡ଼ିଶାର ପଣ୍ୟଦ୍ରବ୍ୟ ରପ୍ତାନୀ ଗତ ବର୍ଷ ୯୫,୫୬୮ କୋଟି ଟଙ୍କାରେ ପହଞ୍ଚିଛି ବୋଲି ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ଓଡ଼ିଶାର ଅର୍ଥନୀତିକୁ ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା ପାଇଁ ଏମଏସଏମଇ କ୍ଷେତ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏକ ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ସେ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୀତି ଆୟୋଗର ଉପାଧ୍ୟକ୍ଷ ଡକ୍ଟର ଅଶୋକ କୁମାର ଲାହିରୀ କହିଛନ୍ତି ଯେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପୂର୍ବୋଦୟ ଯୋଜନା ଉପରେ ବିଶେଷ ଫୋକସ ରହିଥିବା ବେଳେ ଓଡ଼ିଶା ଆଜି ବିକାଶର ଏକ ନୂଆ କିରଣ ସାଜିବା ସହ ଏକ ଉଦୀୟମାନ ତାରକା ଭାବେ ଉଭା ହୋଇଛି । ଓଡ଼ିଶାର ଜିଏସଡିପି ଅଭିବୃଦ୍ଧି ହାର ଜାତୀୟ ଜିଡିପି ଠାରୁ ଅଧିକ ରହିଥିବା ବେଳେ ରାଜ୍ୟର ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ପୁଞ୍ଜିନିବେଶ ଯୋଗୁଁ ନୀତି ଆୟୋଗର ଫିସକାଲ ହେଲଥ ଇଣ୍ଡେକ୍ସ - ୨୦୨୬ ରେ ଓଡ଼ିଶା ପ୍ରଥମ ସ୍ଥାନ ହାସଲ କରିଛି। ରାଜ୍ୟର ଏହି ସୁଦୃଢ଼ ଆର୍ଥିକ ନୀତି ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ଓଡ଼ିଶା ବର୍ତ୍ତମାନ ବୟନଶିଳ୍ପ ଓ ପର୍ଯ୍ୟଟନ ଭଳି ସନରାଇଜ ସେକ୍ଟର ଗୁଡ଼ିକରେ ବେଶ୍ ଆଗକୁ ବଢୁଥିବା ଦର୍ଶାଇ ଏହାକୁ ଏକ 'ଡାଇନାମିକ ଓଡ଼ିଶା' ବୋଲି ଅଭିହିତ କରିଛନ୍ତି। ଏଥିସହିତ, ଓଡ଼ିଶାର ନାରୀ ଶକ୍ତିକୁ ରାଜ୍ୟ ପ୍ରଗତିର ପ୍ରମୁଖ ଆଧାର ବୋଲି କହିବା ସହ ୨୦୩୬ ମସିହା ସୁଦ୍ଧା ନିର୍ଦ୍ଧାରିତ ହୋଇଥିବା ଆଗାମୀ ଲକ୍ଷ୍ୟକୁ ସଫଳତାର ସହ ମନିଟରିଂ କରିବା ଏବଂ ଚାଲୁ ରହିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ନିୟମିତ ତଦାରଖ କରିବା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା କହିଥିଲେ ଯେ ଆଜିଠାରୁ ମହିଳା ମାନଙ୍କ ପାଇ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ମହିଳାମାନେ ହେଉଛନ୍ତି ଓମେନ ଲେଡ ଇକୋନୋମି ର ଅଗ୍ରଦୂତ । ତାଙ୍କର ଦକ୍ଷତାକୁ ପ୍ରକାଶ କରିବା ପାଇ ଗୋଟିଏ ପ୍ଲାଟଫର୍ମର ଆବଶ୍ୟକତା ଥିଲା ଯାହା ଆଜି ବାସ୍ତବତାରେ ପରିଣତ ହୋଇଛି। ସେ ଆହୁରି କହିଥିଲେ ଯେ ସୁଭଦ୍ରା ଶକ୍ତି ମାଧ୍ୟମରେ ମହିଳାମାନେ ବ୍ଲକ୍ ଠାରୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ବିକାଶ ଯାତ୍ରାରେ ସାମିଲ ହୋଇପାରିଛନ୍ତି। ଏହି ଅବସରରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଆଜିର ଏହି ସୁଯୋଗରୁ ଏମଏସଏମଇ କ୍ଷେତ୍ରରେ ବଡ଼ ସଫଳତା ହାସଲ କରାଯାଇପାରିବ । ମହିଳା ଉଦ୍ୟୋଗୀଙ୍କ ଉଦ୍ୟମରେ ୨୦୩୬ ସୁଦ୍ଧା ଥିବା ଓଡ଼ିଶାର ସ୍ୱପ୍ନ ପୂର୍ଣ୍ଣ ହୋଇପାରିବ ।

ଏହି ଅବସରରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ନୀତି ଆୟୋଗର କାର୍ଯ୍ୟକ୍ରମ ନିର୍ଦ୍ଦେଶିକା ତଥା ମହିଳା ଉଦ୍ୟୋଗିତା ମଞ୍ଚର ମିଶନ ନିର୍ଦ୍ଦେଶିକା ସୁଶ୍ରୀ ଆନା ରୟ, ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ଼ଃ ମୃଣାଳିନୀ ଦର୍ଶୀ ଏବଂ ଆଭାସୀ ମାଧ୍ୟମରେ ଗଞ୍ଜାମ, ବାଲେଶ୍ୱର ଓ କଳାହାଣ୍ଡି ଜିଲ୍ଲାପ୍ରଶାସନ ସମେତ ବହୁ ଶିଳ୍ପପତି, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗୀ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସହସ୍ରାଧିକ ମହିଳା ଉଦ୍ୟୋଗୀ ଉପସ୍ଥିତ ଥିଲେ।

ଏମଏସଏମଇ ବିଭାଗର କମିଶନର ତଥା ଶାସନ ସଚିବ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓ ଶିଳ୍ପ ବିଭାଗ ନିର୍ଦ୍ଦେଶିକା ଆବୋଲି ସୁମାଲ ନରଭାଣେ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ତ୍ରିଦିବସୀୟ ସେସେଲ୍ସ ...

ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପୋଷ୍ଟ କରିଛନ୍ତି। ଏହାପୂର୍ବରୁ ନୂଆଦିଲ୍ଲୀରେ ମୋଦୀ କହିଥିଲେ ଯେ, ସେସେଲ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଡ଼ୋଶୀ ଓ 'ଭିଜନ ମହାସାଗର' ଏକ ପ୍ରମୁଖ ଅଂଶୀଦାର।

ମୋଦୀ କହିଛନ୍ତି, ସେସେଲ୍ସ ସହିତ ସ୍ଥାୟୀ ବନ୍ଧୁତାକୁ ଆହୁରି ମଜଭୁତ କରିବା ପାଇଁ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଆଗ୍ରହୀ ଅଛନ୍ତି। ଦୁଇ ଦେଶ ଦ୍ୱିପାକ୍ଷିକ ସମ୍ପର୍କ ସହିତ ପାରସ୍ପରିକ ସ୍ୱାର୍ଥ ସମ୍ପର୍କିତ ଆଞ୍ଚଳିକ ଓ ଆନ୍ତର୍ଜାତିକ ପ୍ରସଙ୍ଗରେ ଆଲୋଚନା କରିବେ। ଅଧିକାରୀମାନେ କହିଛନ୍ତି ଯେ, ଭାରତୀୟ ନୌସେନାର ଦୁଇଟି ଜାହାଜ ସହିତ ଭାରତୀୟ ସଶସ୍ତ୍ର ବାହିନୀର ଏକ ଦଳ ଏହି ଉତ୍ସବରେ ଅଂଶଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ ସେସେଲ୍ସର ନ୍ୟାସନାଲ ଆସେମ୍ବ୍ଲିକୁ ମଧ୍ୟ ସମ୍ବୋଧିତ କରିବେ ଓ ପ୍ରବାସୀ ଭାରତୀୟଙ୍କ ସହିତ ଆଲୋଚନା କରିବେ। ଭିକ୍ଟୋରିଆରେ ପହଞ୍ଚିବା ପରେ ମୋଦୀ ସେଠାକାର ବଟାନିକାଲ୍ ଗାର୍ଡେନ ବୁଲି ଯାଇଥିଲେ। ରାଷ୍ଟ୍ରପତି ହର୍ମିନି ମୋଦୀଙ୍କ ସହିତ ବଟାନିକାଲ ଗାର୍ଡେନ ଯାଇଥିଲେ।

## ଡାକ୍ତରୀ ଛାତ୍ରୀ...

ଭୀମସେନ ଧମକ ଦେଉଥିଲେ। ମୃତ୍ୟୁ ପୂର୍ବରୁ ନିଜ ଫୋନ୍‌ରୁ ଏବଂ ଅନ୍ୟ ଲୋକଙ୍କ ଫୋନରୁ ଚନ୍ଦ୍ରିକା ବିକଳ ହୋଇ ଭୀମସେନଙ୍କୁ ବହୁ କଲ୍ କରିଥିଲେ। ହେଲେ ଅନ୍ୟ ଯୁବତୀ ପ୍ରେମରେ ଅନ୍ଧ ଭୀମସେନ୍ ବିବାହ ପାଇଁ ଚନ୍ଦ୍ରିକାଙ୍କୁ କଥା ଦେଇ ଧୋକା ଦେଇଥିଲେ। ଚନ୍ଦ୍ରିକାଙ୍କ ମରିବା ପାଇଁ ଏଭଳି ପରିସ୍ଥିତି ଭୀମସେନ ସୃଷ୍ଟି କରିଥିଲେ ଯେ ଶେଷରେ ଚନ୍ଦ୍ରିକା ଜୀବନ ହରାଇଥିଲେ। ଚନ୍ଦ୍ରିକାଙ୍କ ମୃତ୍ୟୁ ପରଠାରୁ ପୁଲିସ୍ ସହ ଲୁଚକାଳି ଖେଳିବାର କିଛିଦିନ ପରେ ଫେରାର ଭୀମସେନ୍ ଗିରଫ ହୋଇଥିଲେ। ମୟୂରଭଞ୍ଜଜିଲ୍ଲା ବିଷୋୟୀ ଥାନାରୁ ଭୀମସେନଙ୍କୁ ଗିରଫ କରି ବାରଙ୍ଗ ଥାନାକୁ ପୁଲିସ ଆଣିଥିଲା। ଆତ୍ମସମର୍ପଣ କରିଥିବା ଧୋକାବାଜ ପ୍ରେମିକ ଭୀମସେନଙ୍କ ବିରୋଧରେ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇ ଥିବାରୁ ବିଏନଏସ ଦଫା ୧୦୮ ଓ ୩(୫) ଲାଗୁ କରାଯାଇଛି। ଭୀମସେନ ବିରୋଧରେ ପୁଲିସ୍ ନିକଟରେ ଠୋସ ପ୍ରମାଣ ରହିଛି। ସେପଟେ ଭୀମସେନ ନିକଟରୁ ମୋବାଇଲ, ଲ୍ୟାପଟପ୍ ସହ ଅନେକ ଇଲେକ୍ଟ୍ରିକ ସାମଗ୍ରୀ ଓ ଦସ୍ତାବିଜ୍ ପୁଲିସ ଜବତ କରିଛି।

## ଅଭିଯୁକ୍ତଙ୍କୁ ଫାଶୀ ...

ତାଙ୍କ ମତରେ, ଭୀମସେନ ଟୁଡୁଙ୍କୁ ଫାଶୀ ଦଣ୍ଡ ମିଳିବା ପର୍ଯ୍ୟନ୍ତ ସେ ନ୍ୟାୟ ପାଇଥିବା ଅନୁଭବ କରିବେ ନାହିଁ। ଚନ୍ଦ୍ରିକାଙ୍କ ମା' କହିଛନ୍ତି ଯେ, ତାଙ୍କ ଝିଅଙ୍କୁ ଯେଭଳି ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଇଥିଲା, ସେଥିପାଇଁ ଅଭିଯୁକ୍ତ କଠୋରରୁ କଠୋର ଦଣ୍ଡ ପାଇବା ଉଚିତ। ଏଭଳି ଅପରାଧରେ ଫାଶୀ ଦଣ୍ଡ ଦିଆଗଲେ ଭବିଷ୍ୟତରେ ଏପରି ଅପରାଧ କରିବାକୁ ଅନ୍ୟମାନେ ଭୟ କରିବେ ଏବଂ ସମାଜକୁ ଏକ କଠୋର ବାର୍ତ୍ତା ଯିବ ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ତାଙ୍କ ଝିଅ ଆଉ କେବେ ଫେରି ଆସିବ ନାହିଁ। ତେଣୁ ନ୍ୟାୟ ପ୍ରତିଷ୍ଠା ପାଇଁ ଅଭିଯୁକ୍ତଙ୍କୁ ସର୍ବୋଚ୍ଚ ଦଣ୍ଡ ପ୍ରଦାନ କରାଯିବା ଆବଶ୍ୟକ।

## ଦିନକ ପରେ...

ରହିବେ। ସେହି ପାର୍କିଂ ଫୁଲ୍ ହୋଇସାରିବା ପରେ ଗାଡ଼ିଗୁଡ଼ିକ ଜେଲ୍ ରୋଡ୍, ତାପରେ ମେଡିକାଲ୍ ଛକ ଓ ଶରଧାବାଲି ନିକଟ ନିର୍ଦ୍ଧାରିତ ସ୍ଥାନରେ ପାର୍କିଂ କରିପାରିବେ। ଅନ୍ୟପକ୍ଷରେ ପୁରୀକୁ ଯାଉଥିବା ସମସ୍ତ ବସ୍ ମାଳତୀପାଟପୁରରେ ରହଣୀ ବ୍ୟବସ୍ଥା ହୋଇଛି। ଶରଧାବାଲିରେ ସିଟି ବସ୍ ଓ ତାଳବଣିଆରେ ଟୁରିଷ୍ଟ ବସଗୁଡ଼ିକ ରହିବ। ଶ୍ରୀମନ୍ଦିରକୁ ସଂଯୋଗ ରାସ୍ତାରେ ଯାନବାହନ ଚଳାଚଳ ନିଷିଦ୍ଧ ଘୋଷଣା କରାଯାଇଛି। ସିସିଟିଭି ନଜରରେ ରହିବ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର। ଶ୍ରୀମନ୍ଦିର ପରିସରରେ ଭିତରେ ୫୨ଟି ଓ ଶ୍ରୀମନ୍ଦିର ବାହାରେ ୨୫୦ ସିସିଟିଭି ଲଗାଯାଇଛି।

## ଟ୍ରମ୍ପଙ୍କ ତୁଳନାରେ ...

କୌଣସି ଦେଶରେ ଉନ୍ନତି ହୋଇନାହିଁ ବୋଲି ଜଣାପଡ଼ିଛି। ପୂର୍ବରୁ ୫୧% ଭାରତୀୟ ଉତ୍ତରଦାତା ଟ୍ରମ୍ପଙ୍କ ଉପରେ ବିଶ୍ୱାସ ପ୍ରକାଶ କରିଥିଲେ।

## କଙ୍ଗୋରେ ଭୟଙ୍କର...

ଶୀର୍ଷରେ ପହଞ୍ଚି ନାହିଁ ବୋଲି ଆଫ୍ରିକା ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନ୍‌ର ନିର୍ଦ୍ଦେଶକ ଜିନ୍ କାସେୟା ସତର୍କ କରାଇଛନ୍ତି। ଆଫ୍ରିକା 'ସିଡିସି' ଏହି ସଙ୍କଟର ମୁକାବିଲା ପାଇଁ ୧.୪ ବିଲିୟନ ଆମେରିକୀୟ ଡଲାର ସହାୟତା ପାଇଁ ଆବେଦନ କରିଥିଲେ ହେଁ, ବର୍ତ୍ତମାନ ପ୍ରତିକ୍ରିୟା କାର୍ଯ୍ୟ ପାଇଁ କେବଳ ୨୦ ମିଲିୟନ୍ ଡଲାରର ଏକ ବଡ଼ ପାଣ୍ଠି ଅଭାବର ସମ୍ମୁଖୀନ ହେଉଛି।

# ଏନଏଲସି ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ସମ୍ବଲପୁରରେ ସ୍ୱଚ୍ଛତା ସଚେତନତା ପଦଯାତ୍ରା ଓ ସଫେଇ ଅଭିଯାନ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସ୍ୱଚ୍ଛ ଭାରତ ଅଭିଯାନ ଅନ୍ତର୍ଗତ ପାଳିତ ସ୍ୱଚ୍ଛତା ପକ୍ଷୱାଡା-୨୦୨୬ ଅବସରରେ ଏନଏଲସି ଇଣ୍ଡିଆ ଲିମିଟେଡ୍ (ଏନଏଲସିଆଇଏଲ), ତାଳବୀରା ଓସିପି-୨ ଓ ୩ ପ୍ରକଳ୍ପ ପକ୍ଷରୁ ଆଜି ସମ୍ବଲପୁରରେ ଏକ ସ୍ୱଚ୍ଛତା ସଚେତନତା ପଦଯାତ୍ରା ଓ ବ୍ୟାପକ ସଫେଇ ଅଭିଯାନ ଆୟୋଜନ କରାଯାଇଥିଲା। ଶନିବାର ସକାଳ ୬.୩୦ ଘଟିକାରେ ପ୍ରକଳ୍ପ କାର୍ଯ୍ୟାଳୟରୁ ଏହି ସଚେତନତା ପଦଯାତ୍ରା ଆରମ୍ଭ ହୋଇ ସମ୍ବଲପୁର ସିଟି ରେଳ ଷ୍ଟେସନ ପର୍ଯ୍ୟନ୍ତ ପହଞ୍ଚିଥିଲା। ଏଥିରେ କର୍ମଚାରୀ, ଅଧିକାରୀ, ଠିକା ଶ୍ରମିକ, ସେମାନଙ୍କ ପରିବାର ସଦସ୍ୟ ଓ ବିଭିନ୍ନ ହିତାଧିକାରୀମାନେ ଉତ୍ସାହର ସହ ଅଂଶଗ୍ରହଣ କରି ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ସାମାଜିକ ଦାୟିତ୍ୱର ବାର୍ତ୍ତା ପ୍ରଚାର କରିଥିଲେ। ପରବର୍ତ୍ତୀ ସମୟରେ ରେଳ ଷ୍ଟେସନ ପରିସରରେ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇ




ଜନସାଧାରଣଙ୍କୁ ସ୍ୱଚ୍ଛ ପରିବେଶ ରକ୍ଷା ପାଇଁ ସଚେତନ କରାଯାଇଥିଲା। ଜଗଦୀଶ ଚନ୍ଦ୍ର ମଜୁମଦାର, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ପ୍ରକଳ୍ପ ମୁଖ୍ୟ ଏବଂ " ରଘୁନାଥ ବେହେରା, ସିଜିଏମ୍ (ଭୂମି)"ଙ୍କ ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଥାମିଲ ସେଲଭମ୍ ପି., ଜିଏମ୍ (ଖଣି), ରବିଶଙ୍କର ଭି., ଜିଏମ୍ (ଇ ଆଣ୍ଡ ଏମ୍), ସୁବ୍ରତ କୁମାର ବିଶ୍ୱାଳ, ଏଚଓଏଚଆର, ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ସେମାନଙ୍କ ପରିବାର ସଦସ୍ୟମାନେ ଯୋଗଦେଇଥିଲେ। ଏହି ପଦଯାତ୍ରା ସ୍ୱଚ୍ଛତା ପକ୍ଷୱାଡା-୨୦୨୬ ଅନ୍ତର୍ଗତ ଚାଲିଥିବା ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଏକ ଅଂଶ। ଗତ ୧୬ ଜୁନରୁ ସ୍ୱଚ୍ଛତା ଶପଥ, କାର୍ଯ୍ୟାଳୟ ସଫେଇ, ଲାଣ୍ଡୁପାଲି ପୁନର୍ବାସ କଲୋନୀରେ ବ୍ୟାପକ ସଫେଇ ଅଭିଯାନ, କପଡ଼ା ଓ ଜୁଟ୍ ବ୍ୟାଗ ବଣ୍ଟନ, ଡଷ୍ଟବିନ ବଣ୍ଟନ, ପ୍ଲାଷ୍ଟିକ ଦୂଷଣ ସଚେତନତା କାର୍ଯ୍ୟକ୍ରମ, ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଚିତ୍ରାଙ୍କନ ପ୍ରତିଯୋଗିତା, କର୍ମଚାରୀଙ୍କ ପାଇଁ କୁଇଜ୍ ପ୍ରତିଯୋଗିତା ପ୍ରମୁଖ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଛି। ଆଗାମୀ ଦିନରେ ବୃକ୍ଷରୋପଣ, ଚାରା ବଣ୍ଟନ ଓ ଅନ୍ୟାନ୍ୟ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯିବ। ଏହି ଅବସରରେ ଜଗଦୀଶ ଚନ୍ଦ୍ର ମଜୁମଦାର କହିଥିଲେ ଯେ, ସ୍ୱଚ୍ଛତା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ସାମୂହିକ ଦାୟିତ୍ୱ। ସମସ୍ତେ ନିଜ ଦୈନନ୍ଦିନ ଜୀବନରେ ସ୍ୱଚ୍ଛତାକୁ ଅଭ୍ୟାସରେ ପରିଣତ କରି ଏକ ସ୍ୱଚ୍ଛ, ସବୁଜ ଓ ସୁସ୍ଥ ଭାରତ ଗଠନରେ ସହଯୋଗ କରିବାକୁ ସେ ଆହ୍ୱାନ ଜଣାଇଥିଲେ।କାର୍ଯ୍ୟକ୍ରମ ଶେଷରେ ସମସ୍ତ ଅଂଶଗ୍ରହଣକାରୀ ସ୍ୱଚ୍ଛ ଭାରତ ମିଶନର ଆଦର୍ଶକୁ ଅନୁସରଣ କରି ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପ୍ରତି ସଦା ସଚେଷ୍ଟ ରହିବାକୁ ସଂକଳ୍ପ ଗ୍ରହଣ କରିଥିଲେ।

# ଭାରତର ଉଦୀୟମାନ ସଡ଼କ ଭିତ୍ତିଭୂମି ବ୍ୟାପକ ମୋଟର ସୁରକ୍ଷାର ଆବଶ୍ୟକତା ବଢ଼ାଇଛି

SBI general INSURANCE
SURAKSHA AUR BHAROSA DONO

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗାଡ଼ି ମାଲିକାନାରେ ବୃଦ୍ଧି ସହ ଭାରତର ଗାଡ଼ି କ୍ଷେତ୍ରରେ ଉଲ୍ଲେଖନୀୟ ବୃଦ୍ଧି ଦେଖିବାକୁ ମିଳୁଛି। ବାହନ ପଞ୍ଜୀକରଣ ତଥ୍ୟ ଅନୁସାରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଜୁନରେ ଗାଡ଼ି ପଞ୍ଜୀକରଣରେ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ହୋଇଛି। ଗାଡ଼ିଗୁଡ଼ିକ ଅତ୍ୟାଧୁନିକ ହେଉଥିବା ବେଳେ ଗ୍ରାହକଙ୍କ ଆଶା ମଧ୍ୟ ବଢ଼ିଛି। ଗାଡ଼ି ମାଲିକମାନେ ମୋଟର ଯାନ ବୀମାରୁ ବ୍ୟାପକ ସୁରକ୍ଷା, ନମନୀୟତା ଓ ସୁବିଧାଜନକ ଭଳି ସାମଗ୍ରିକ ସମାଧାନ ପାଇବାକୁ ଚାହୁଁଛନ୍ତି। ଏକ ସାଧାରଣ ମୋଟର ଯାନ ପଲିସି ପ୍ରମୁଖ ବିପଦରୁ ସୁରକ୍ଷା ପ୍ରଦାନ କରୁଥିବା ବେଳେ ଉପଯୁକ୍ତ ଆଡ-ଅନ ଗ୍ରାହକମାନଙ୍କୁ ସେମାନଙ୍କ ସୁରକ୍ଷା ପରିମାଣ ବଢ଼ାଇବା ଏବଂ ଦୁର୍ଘଟଣା, କ୍ଷୟକ୍ଷତି ଓ ଅଭାବନୀୟ ଗାଡ଼ି ଜନିତ ସ୍ଥିତିର ମୁକାବିଲା କରିବାରେ ସହାୟକ ହୋଇପାରିବ। ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ ବିଭିନ୍ନ ପ୍ରକାର ମୋଟର ଯାନ ଆଡ-ଅନ ପ୍ରଦାନ କରାଯାଉଛି ଯାହାକୁ ଗାଡ଼ି ମାଲିକମାନେ ବିଚାରକୁ ନେଇ ମାନସିକ ଶାନ୍ତି ପାଇପାରିବେ। ଇଂଜିନ ଗାର୍ଡ ହେଉଛି ପାଣି ଜନିତ ଇଂଜିନ ଖରାପ ହେବାରୁ ସୁରକ୍ଷା ଦେବାର ଆଡ-ଅନ। ଇଂଜିନ କିମ୍ବା ଗିୟରବକ୍ସରେ ପାଣି ଭର୍ତ୍ତି ହୋଇ ଗାଡ଼ି ଖରାପ ହେଲେ ଏହି ଆଡ-ଅନ ଜରିଆରେ ସେହି ଖର୍ଚ୍ଚ ମୁକାବିଲା କରାଯାଇପାରିବ। ସେହିପରି, ବ୍ୟାଟେରି ଗାର୍ଡ ହେଉଛି ଇଲେକ୍ଟ୍ରିକ ଯାନ (ଇଭି) ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଡ- ଅନ। ଏଥିରେ ବ୍ୟାଟେରିର ବିଭିନ୍ନ ଉପାଦାନ, ବ୍ୟାଟେରି ପରିଚାଳନା ବ୍ୟବସ୍ଥା (ବିଏମଏସ), ଇଲେକ୍ଟ୍ରିକ ଯାନ ଚାଳନା ବ୍ୟବସ୍ଥାରେ ପାଣି କିମ୍ବା ସର୍ଟ ସର୍କିଟ ଜନିତ ସମସ୍ୟା ହେଲେ ତାହାର ଖର୍ଚ୍ଚ ଏହା ବହନ କରିବ। ଅନ୍ୟତମ ଆଡ-ଅନ ହେଉଛି ଜିରୋ ଡେପ୍ରିସିଏନସ ସୁରକ୍ଷା। ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଲେ ତାହାର ଯନ୍ତ୍ରାଂଶ ବଦଳାଇବାକୁ ପଡ଼େ। ସେହି ଅନୁସାରେ ଗାଡ଼ିର ମୂଲ୍ୟାୟନ ହ୍ରାସ କାଏ। ଏହି ଆଡ-ଅନ ଗ୍ରାହକମାନଙ୍କୁ ଡେପ୍ରିସିଏସନ ଜନିତ କାଟର ମୁକାବିଲା କରିବାରେ ସହାୟକ ହେବ ଏବଂ ପକେଟରେ ହେଉଥିବା ଖର୍ଚ୍ଚର ସଞ୍ଚୟ କରିବ। ଆଉ ଏକ ଆଡ-ଅନ ହେଉଛି କଂଜ୍ୟୁମେବଲ ସୁରକ୍ଷା ଯାହା ଗାଡ଼ିର ସମ୍ପୂର୍ଣ୍ଣ ମରାମତି ପାଇଁ ଇଂଜିନ ଅଏଲ, ବ୍ରେକ ଅଏଲ, ଲୁବ୍ରିକ୍ୟାଣ୍ଟ, ନଟ, ବୋଲଟ, ୱାସର ଓ ଅନ୍ୟାନ୍ୟ ଉପାଦାନ ଖର୍ଚ୍ଚ ବହନ କରିବାରେ ସହାୟକ ହେବ। ରୋଡ-ସାଇଡ ଆସିଷ୍ଟାଂଟ ଆଡ-ଅନ ନେଇ ଗ୍ରାହକମାନେ ଯାତ୍ରା ସମୟରେ ଘଟୁଥିବା ଅଭାବନୀୟ ଘଟଣା ସମସ୍ୟାରୁ ସୁରକ୍ଷା ପାଇପାରିବେ। ଏ ସମ୍ପର୍କରେ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ଚିଫ ଅପରେଟିଂ ଅଫିସର ଉଦୟନ ଯୋଶୀ କହିଛନ୍ତି ଯେ, 'ଭାରେତର ସଡ଼କ ଭିତିଭୂମି ଦୃଶ୍ୟପଟ୍ଟ ବଦଳୁଥିବା ବେଳେ ଗାଡ଼ି ମାଲିକମାନେ ଏଭଳି ସମାଧାନ ଖୋଜୁଛନ୍ତି ଯାହା ସେମାନଙ୍କ ଉଦୀୟମାନ ଆବଶ୍ୟକତା ପୂରଣ କରିବ ଏବଂ ସଡ଼କ ଶ୍ରେଷ୍ଠ ବିଶ୍ୱାସ ସୃଷ୍ଟି କରିବ। ସବୁ ଗ୍ରାହକଙ୍କ ଆବଶ୍ୟକତା ଭିନ୍ନ ହୋଇଥିବା ବେଳେ ମୋଟର ବୀମା ସୁରକ୍ଷା ଓ ଆଡ-ଅନଗୁଡ଼ିକର ସଠିକ ମିଶ୍ରଣ ଏକ ଅଧିକ ସୁରକ୍ଷିତ ମାଲିକାନା ଅନୁଭୂତି ପ୍ରଦାନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏସବିଆଇ ଜେନେରାଲ ଇନସ୍ୟୁରାନ୍ସରେ ଆମେ ସେହି ପରିବର୍ତ୍ତନର ଆବଶ୍ୟକତାକୁ ବୁଝିଛୁ ଏବଂ ସୁହାଇବା ଭଳି ମୋଟର ଯାନ ସମାଧାନ ପ୍ରଦାନ କରୁଛୁ ଯାହା ଗ୍ରାହକମାନଙ୍କୁ ସେମାନଙ୍କ ସୁରକ୍ଷାକ ସୁଦୃଢ଼ କରିବା ଏବଂ ଅଭାବନୀୟ ସମୟରେ ସଠିକ ସହାୟତା ହାସଲ କରିବାରେ ସହାୟକ ହେବ।'' ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ମୋଟର ବୀମା ସମାଧାନ ଦୁର୍ଘଟଣା, ଗାଡ଼ି ଚୋରି ଓ ପ୍ରାକୃତିକ ବିପର୍ଯ୍ୟୟ ଭଳି ଅଭାବନୀୟ ଘଟଣା ପାଇଁ ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି। ଏହାର ୮୪୦୦ରୁ ଅଧିକ ଗ୍ୟାରେଜ ନେଟୱର୍କ ରହିଛି ଯେଉଁଠାରେ ଗ୍ରାହକମାନେ ଜରୁରୀକାଳୀନ ସମୟରେ ମରାମତି ସୁବିଧା ପାଇପାରିବେ। କମ୍ପାନିର ପ୍ରାୟ ୨୦ ଆଡ-ଅନ ରହିଛି ଯାହା ବିଭିନ୍ନ ପ୍ରକାର ବିପଦରୁ ସୁରକ୍ଷା ପ୍ରଦାନ କରିବ।

# ମହାନଦୀ ଜଳ ବିବାଦ ପ୍ରସଙ୍ଗ : ଛତିଶଗଡ ନିକଟରେ ମୁଣ୍ଡ ବିକିଦେଲା ଓଡ଼ିଶା ସରକାର: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଛତିଶଗଡ ଓ କର୍ପୋରେଟ୍ ସଂସ୍ଥାଙ୍କ ସ୍ୱାର୍ଥରେ କାମ କରୁଛି ଓଡିଶା ବିଜେପି ସରକାର । ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦେଇଥିବା ରିପୋର୍ଟ ଓଡିଶାର ସ୍ୱାର୍ଥ ବିରୋଧରେ ଯାଉଛି ବୋଲି ବିଜୁ ଜନତା ଦଳ ଅଭିଯୋଗ କରିଛି।

ଆଜି ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ରୋହିତ ପୂଜାରୀ ଓ ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ, ଗତବର୍ଷ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଏବଂ ଗତ ମାସରେ ଟ୍ରିବ୍ୟୁନାଲରେ ଦାଖଲ ହୋଇଥିବା ତଥ୍ୟ ମଧ୍ୟରେ କୌଣସି ତାଳମେଳ ନାହିଁ । ଶ୍ରୀ ବକ୍ସିପାତ୍ର କହିଥିଲେ ଯେ, ଛତିଶଗଡ ଏବଂ କର୍ପୋରେଟ୍ ସଂସ୍ଥାମାନଙ୍କୁ ସୁହାଇଲା ଭଳି ଭୂମିକା ଓଡିଶା ସରକାର ନେବା ଦୁର୍ଭାଗ୍ୟଜନକ । ଟ୍ରିବ୍ୟୁନାଲ ନିକଟରେ ଗତ ମାସରେ ଯୁଗ୍ମ ବୈଷୟିକ କମିଟି ଦାଖଲ କରିଥିବା ରିପୋର୍ଟ ଅନୁଯାୟୀ, ମହାନଦୀର ଅବବାହିକାରେ ୬୨.୩୬ ନିୟୁତ ଏକର ଫୁଟ୍ ପାଣି ଉପଲବ୍ଧ ଅଛି, ଛତିଶଗଡ ଓ ଓଡିଶା ସୀମାନ୍ତରେ ୨୮.୪୮, ହୀରାକୁଦ ନିକଟରେ ୩୨.୮୩ ଓ ନରାଜ ନିକଟରେ ୫୬.୨୯ ନିୟୁତ ଏକର ଫୁଟ ପାଣି ଉପଲବ୍ଧ । ଏଥିରୁ ସ୍ପଷ୍ଟ ହେଉଛି ଯେ, ଓଡିଶାରେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ ସହିତ ବିବାଦର କୌଣସି ଯର୍ଥାଥତା ନାହିଁ । ଏହି ରିପୋର୍ଟକୁ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ଅପରପକ୍ଷରେ ୨୦୨୫ ଅଗଷ୍ଟ ୨୫ତାରିଖରେ ଓଡିଶା ବିଧାନସଭାରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ ମହାନଦୀର ଉପରମୁଣ୍ଡରେ ଛତିଶଗଡ ବନ୍ଧ ବାନ୍ଧିବା କାରଣରୁ ଅଣମୌସୁମୀ ସମୟରେ ଓଡିଶାରେ ଜଳ ପ୍ରବାହ ହ୍ରାସ ପାଇଛି । ସରକାରକୁ ଆସିଲା ପରେ ତୁରନ୍ତ ମହାନଦୀ ଜଳ ବଣ୍ଟନ ସମସ୍ୟା ସମାଧାନ କରିଦେବୁ ବୋଲି ବାହାସ୍ଫୋଟ ମାରୁଥିବା ବିଜେପି ସରକାର ଆଜି ଛତିଶଗଡ ନିକଟରେ ମୁଣ୍ଡ ବିକିଦେଇଛି । ତୁରନ୍ତ ରାଜ୍ୟ ସରକାର ଏ ସଂପର୍କରେ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ । ଅନ୍ୟପଟେ ଶ୍ରୀ ପୂଜାରୀ କହିଥିଲେ, ହୀରାକୁଦ ବନ୍ଧ ନିର୍ମାଣ ସମୟରେ ଲକ୍ଷାଧିକ ସ୍ଥାନୀୟ ବାସିନ୍ଦା ବିସ୍ଥାପିତ ହୋଇଥିଲେ । ଆଜି ସୁଦ୍ଧା ସେମାନଙ୍କ ସମସ୍ୟାର ସମାଧାନ ହୋଇନଥିବା ବେଳେ ରାଜ୍ୟ ବିଜେପି ସରକାର, ଟ୍ରିବ୍ୟୁନାଲ ନିକଟରେ ଓଡିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛି । ଚୁଟ୍କିରେ ସମାଧାନ ହେଇଯିବ ବୋଲି କହୁଥିବା ରାଜ୍ୟ ବିଜେପି ସରକାର ଆଜି ଓଡିଶାର ସ୍ୱାର୍ଥ ଟ୍ରିବ୍ୟୁନାଲ ନିକଟରେ ସଠିକ୍ ଢଙ୍ଗରେ ଉପସ୍ଥାପନ କରିବା ପରିବର୍ତ୍ତେ ଛତିଶଗଡ ଦେଇଥିବା ତଥ୍ୟକୁ ସ୍ୱୀକାର କରିନେଇଛି । ୨୦୧୮ ମସିହାରେ ତତ୍କାଳୀନ ବିଜେଡି ସରକାର ସୁପ୍ରିମକୋର୍ଟ ଓ ଟ୍ରିବ୍ୟୁନାଲରେ ଛତିଶଗଡ ମହାନଦୀରେ ପାଣି ଅଟକାଇବା ନେଇ ଦୃଢ ଦାବି ଉପସ୍ଥାପନ କରିଥିଲା ବେଳେ ବର୍ତ୍ତମାନର ବିଜେପି ସରକାର ଛତିଶଗଡ ଦେଇଥିବା ତଥ୍ୟକୁ ଯୁଗ୍ମ ବୈଷୟିକ କମିଟି ନିକଟରେ ଅନୁମୋଦନ କରି ଓଡିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦେଇଛନ୍ତି। ମହାନଦୀ ଶୁଖିଲା ପଡିଥିଲା ବେଳେ ପର୍ଯ୍ୟାପ୍ତ ପାଣି ଉପଲବ୍ଧ ଅଛି ବୋଲି ଟ୍ରିବ୍ୟୁନାଲ ନିକଟରେ ସହମତି ପ୍ରକାଶ କରିବା, ଡବଲ ଇଂଜିନ ସରକାରର ରାଜ୍ୟବାସୀଙ୍କ ପ୍ରତି ଚରମ ଉପହାସ ବୋଲି ବିଜେଡି କହିଛି । ଓଡିଶା ଏବେ ଘଡିସନ୍ଧି ମୁହୂର୍ତ୍ତ ଦେଇ ଗତି କରୁଛି । ବିଜେପି ରାଜ୍ୟର ଶାସନ ଭାର ନେବା ଦିନଠାରୁ ଦୀର୍ଘ ୨ ବର୍ଷ ହେଲାଣି ରାଜ୍ୟର ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି । କେବଳ ଆଇନଶୃଙ୍ଖଳା ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ଓଡିଶା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛି । ନାରୀ ଅସୁରକ୍ଷିତ, ଚାଷୀ ଅବ୍ୟବସ୍ଥା, ପାଠ୍ୟ ପୁସ୍ତକରେ ସାଂଘାତିକ ତ୍ରୁଟି, ସାରା ରାଜ୍ୟରେ ମାଫିଆରାଜ, ବିଜେପି ନେତାଙ୍କ ଗୁଣ୍ଡାଗର୍ଦ୍ଦି ଆଦି ଘଟଣାମାନ ଏବେ ରାଜ୍ୟବାସୀଙ୍କୁ ଅଣନିଶ୍ୱାସୀ କରିଦେଉଛି ବୋଲି ବିଜେଡି ଅଭିଯୋଗ କରିଛି । ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଶ୍ରୀ ତୁଷାରକାନ୍ତି ବେହେରା, ବିଜୁ ଜନତା ଦଳ ସଂଖ୍ୟାଲଘୁ ସେଲର ଜୋନାଲ ସହସଂଯୋଜକ ଏସ୍କେ.ନିଜାମୁଦ୍ଦିନ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ରାଜ୍ୟ ସରକାରଙ୍କୁ ସମାଲୋଚନା କରି କହିଛନ୍ତି, ବିଜେପି ସରକାରଙ୍କ ଶାସନରେ ରାଜ୍ୟରେ ହତ୍ୟା, ଗୁଳିକାଣ୍ଡ ଓ ସଂଗଠିତ ଅପରାଧ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି । ବାରମ୍ବାର ଘଟୁଥିବା ଏଭଳି ହିଂସାତ୍ମକ ଅପରାଧ ଯୋଗୁଁ ରାଜ୍ୟବାସୀଙ୍କ ମନରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହୋଇଛି।

# ଜଙ୍ଗଲରୁ ଚାରି ମାସର ଶିଶୁପୁତ୍ର ଉଦ୍ଧାର, ଚାଇଲ୍ଡ ହେଲ୍ପଲାଇନ୍‌କୁ ହସ୍ତାନ୍ତର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଚିକିଟି ଅଂଚଳର କେ. ନୂଆଗାଁ ଥାନା ଅଧୀନ କେ. ନୂଆଗାଁ ଗ୍ରାମସ୍ଥିତ ରନେଶ୍ୱରୀ ମନ୍ଦିର ନିକଟ ଜଙ୍ଗଲରୁ ଏକ ଚାରି ମାସର ଶିଶୁପୁତ୍ରକୁ ଉଦ୍ଧାର କରାଯାଇଛି। କେହି ଦୁର୍ବୃତ୍ତ ଶିଶୁଟିକୁ ସେଠାରେ ପରିତ୍ୟାଗ କରି ପଳାଇଯାଇଥିବା ସନ୍ଦେହ କରାଯାଉଛି। ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୮ଟା ସମୟରେ ହାତିବାଡ଼ି ଗ୍ରାମର ଜଣେ ଶ୍ରମିକ କାମ ସାରି ଘରକୁ ଫେରୁଥିବା ବେଳେ ଜଙ୍ଗଲ ମଧ୍ୟରୁ ଶିଶୁର କାନ୍ଦ ଶୁଣିଥିଲେ। ସେ ତୁରନ୍ତ ସେଠାରେ ଥିବା କିଛି ବାଟୋଇଙ୍କ ସହାୟତାରେ ଶିଶୁଟିକୁ ଉଦ୍ଧାର କରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ କେ. ନୂଆଗାଁ ଥାନା ଅଧିକାରୀ ବିଶ୍ୱଜିତ ନାୟକ ଘଟଣାସ୍ଥଳରେ ପହଂଚି ଶିଶୁଟିକୁ ଉଦ୍ଧାର କରି ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାହାର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା କରାଯାଇଥିଲା। ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ଅନୁସରଣ କରି ଶିଶୁପୁତ୍ରକୁ ଚାଇଲ୍ଡ ହେଲ୍ପଲାଇନ୍‌ଙ୍କ ଜିମାରେ ହସ୍ତାନ୍ତର କରାଯାଇଛି ବୋଲି କେ. ନୂଆଗାଁ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ପୁସ୍ତକ ପାଠକାର୍ପିତ ଓ ପାଠୋତ୍ସବ

# 'କ୍ଷୁଦ୍ରଗଳ୍ପରେ ନୂତନ ଦୃଷ୍ଟି ଥାଏ'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

କ୍ଷୁଦ୍ରଗଳ୍ପରେ ଲେଖକର ଏକ ନୂତନ ଦୃଷ୍ଟି ଥାଏ । ଗଳ୍ପରେ ପାଠକ ପାଇଁ




କିଛି ଅନାବଶ୍ୟକ ନ ଥାଏ । ଲେଖକ ତା ସୃଷ୍ଟିରେ ଏକାଧିକ ଜୀବନ ବଞ୍ଚେ। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ 'ସାହିତ୍ୟ ମାସିକୀ' କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ମତ ଦେଇଛନ୍ତି । ସ୍ଥାନୀୟ ଗୀତ ଗୋବିନ୍ଦ ସଦନ ସଭା ଗୃହରେ ନାଗାଲାଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼. ଦାଶରଥି ଭୂୟାଁଙ୍କ ୮ମ ଗଳ୍ପ ବହି 'ନିଜ ଭାଗର ଆକାଶ'ର ପାଠକାର୍ପଣ ସମାବେଶରେ ଯୋଗ ଦେଇ ପ୍ର. ଅଭିରାମ ବିଶ୍ୱାଳ ପୁସ୍ତକର ସାମଗ୍ରିକ ଆଲୋଚନା ପୂର୍ବକ ପଠନୀୟତା ଗଳ୍ପର ଆତ୍ମା ବୋଲି ଅଭିହିତ କରିଥିଲେ ।

ପ୍ରସିଦ୍ଧ କବି ଓ ଅନୁବାଦକ ଡ଼. ସଂଗ୍ରାମ ଜେନା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଲେଖକର ଦାୟିତ୍ୱ ଓ ସୃଜନର ଭୂମିକା ଉପରେ ଦିଗଦର୍ଶନ ଦେଇଥିଲେ । ଭୁବନେଶ୍ୱର ସାହିତ୍ୟ ପର୍ବ ନିର୍ଦ୍ଦେଶକ ଡ଼. ଅଶୋକ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ଅନୁଷ୍ଠାନର ଉପସଭାପତି ମିନତି ଦାଶ, ଜୟଶ୍ରୀ ପଟ୍ଟନାୟକ ଓ ମଧୁମିତା ମିଶ୍ରଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ଧ୍ରୁବ ସେଠୀ ଅକ୍ଷୟ ସାହୁ, ପ୍ରିୟ ସାହୁ ମନୋରଞ୍ଜନ ପାଣିଗ୍ରାହୀ, ଶ୍ରୀମନ୍ତ ସାହୁ, ଉଷା ଆଚାର୍ଯ୍ୟ, ନମିତା ପାଇକରାୟ, ଭିକାରୀ ଧଳ, ରଶ୍ମି ଦାସ, ସୁନନ୍ଦା ମିଶ୍ର, ଅମ୍ବିକା ସ୍ୱାଇଁ, ରମେଶ ପାତ୍ର, କୁମୁଦିନୀ ଜୀ, ବିଜନ ପଟଯୋଶୀ. ପ୍ରଶାନ୍ତ ବିଶ୍ୱାଳ, ଜଗନ୍ନାଥ ନାୟକ, ଡ଼. ରଜନୀ ରଣସିଂହ, ମିହିର କାନ୍ତି ଦାସ, ପବିତ୍ର ବାରିକ, ସବିତା ଶତପଥୀ, ନିରୁପମା ରଥ, ବିରଞ୍ଚି ଶତପଥୀ, ପିତାମ୍ବର ଭୋଇ, ହରିହର ବଳବନ୍ତରାୟ,, ଜନ୍ମେଜୟ ପ୍ରଜାପତି, ପ୍ରଦୀପ୍ତ ବାରିକ, ନନ୍ଦ କିଶୋର ବିଶ୍ୱାଳ, ମଳୟ ବେହେରା ଓ ଶୈଳେନ୍ଦ୍ର ଜେନା ପ୍ରମୁଖ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ ଲେଖା ପାଠ କରିଥିଲେ । ଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି କବି ରକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଟଣାଗଡ଼ରେ ଅଟଳ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂହଦେଓ ଆଜି ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ରେ ନିର୍ମାଣ ହେବାକୁ ଥିବା ଅଟଳ ବସ୍‌ଷ୍ଟାଣ୍ଡର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଧୁନିକ ସୁବିଧାସମ୍ପନ୍ନ ଏହି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବା ପରେ ସ୍ଥାନୀୟ ଜନସାଧାରଣ ଏବଂ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ଅଧିକ ଉନ୍ନତ, ସୁରକ୍ଷିତ ଓ ସୁବିଧାଜନକ ପରିବହନ ସେବା ପାଇପାରିବେ।

ସେ କହିଛନ୍ତି, ଏହି ପ୍ରକଳ୍ପ କେବଳ ଯାତାୟାତ ବ୍ୟବସ୍ଥାକୁ ସହଜ କରିବ ନାହିଁ, ବରଂ ସ୍ଥାନୀୟ ବ୍ୟବସାୟ, ବାଣିଜ୍ୟିକ କାର୍ଯ୍ୟକଳାପ ଓ ଆର୍ଥିକ ବିକାଶକୁ ମଧ୍ୟ ଅଧିକ ଗତିଶୀଳ କରିବ। ଏହା ମାଧ୍ୟମରେ ପାଟଣାଗଡ଼ ଓ ଏହାର ଆଖପାଖ ଅଂଚଳର ସାମଗ୍ରିକ ବିକାଶରେ ସକାରାତ୍ମକ ପ୍ରଭାବ ପଡ଼ିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

E-Mail: eerwdivisiondhenkanal@yahoo.co.in

Government of Odisha
Office of the Superintending Engineer,
Rural Works Division, Dhenkanal.

25001/532/2627

e-procurement Notice No. 05 / Road Works / 2026-27

| | | | |
|---|---|---|---|
| 1. | Name of the work | : | Road Works |
| 2. | Total No. of Works | : | 15 Nos |
| 3. | Estimated Cost | : | Rs. 5.08 to 31.78 lakh (approx.) |
| 4. | Class Contractor | : | "D" "C" & "B" Class |
| 5. | Period of Completion | : | 2 (two) Calender Month |
| 6. | EMD Required | : | As mentioned in the Annexure at Column-04 |
| 7. | online for bidding | : | 30.06.2026 at 11.30 A.M to 14.07.2026 up to 5.00 P.M |
| 8. | Last Date & Time of seeking tender clarification | : | 13.07.2026 upto 4.00 PM |
| 9. | Date & Time of opening of tender | | 15.07.2026 at 10.00 AM |

Other Details can be seen from the website http://tendersorissa.gov.in.

OIPR-25001/25101/1/26-27/0006

Superintending Engineer
R.W. Division, Dhenkanal

ଭୁବନେଶ୍ୱର, ୨୮ ଜୁନ୍, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ସ୍ନାନ ଯାତ୍ରା ଓ ରଥଯାତ୍ରା ପାଇଁ ଶ୍ରୀମନ୍ଦିରକୁ ପ୍ରବେଶ କଲେ ଦଇତାପତି

**ପୁରୀ ୨୭/୦୬ ନ୍ୟୁଜ ବ୍ୟୁରୋ**

ଶନିବାର ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀ ତିଥିରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଦଇତାପତିମାନେ ଶନିବାର ଠାରୁ ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି । ପ୍ରାୟ ଏକମାସ ଧରି ଦଇତାପତିମାନେ ମହାପ୍ରଭୁଙ୍କ ସେବା ନୀତି ଓ ଶ୍ରୀଅଙ୍ଗ ସୁରକ୍ଷା ଦାୟିତ୍ୱରେ ରହିବେ। ଶନିବାର ସଂଧ୍ୟା ଧୂପ ପରେ ଦଇତପତିମାନେ ମହାପ୍ରଭୁଙ୍କର ବାହୁଟକଣ୍ଟ ନୀତି କରିଛନ୍ତି। ଏହାସହ କୋଠସୁଆଁସିଆଁମାନେ ଚାରମାଳ ବାନ୍ଧିଛନ୍ତି। ରବିବାର ଦଇତାପତି ମାନଙ୍କ ଦ୍ୱାରା ପାଟବସ୍ତ୍ର ଆଚ୍ଛାଦିତ କରାଯାଇ ସେନାପଟା ଲାଗି କରାଯିବ। ସ୍ନାନ ବେଦୀରେ ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଭକ୍ତଙ୍କ ମହଲରେ ପ୍ରବଳ ଉତ୍ସାହ ଉଦ୍ଦୀପନା ପ୍ରକାଶ ପାଇଛି। ଏବେଠାରୁ ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ସମାଗମ ବଢୁଥିବା ବେଳେ ମହାପ୍ରଭୁଙ୍କ ଏହି ମାନବୀୟ ଲୀଳାରେ ସାମିଲ ହେବା ପାଇଁ ଭକ୍ତ, ସେବାୟତ ଓ ଗବେଷକମାନେ ଉତ୍ସାହର ସହ ଅପେକ୍ଷା କରିଛନ୍ତି। ଦଇତାସେବା ଏକ ପ୍ରମୁଖ ସେବା। ସେମାନେ ଦାରୁବ୍ରହ୍ମଙ୍କୁ ଆକୃତି ଦିଅନ୍ତି । ଅରୂପଙ୍କୁ ରୂପ ଦିଅନ୍ତି । ନିରାକାରଙ୍କୁ ଆକାର ଦିଅନ୍ତି । ଲୋକମୁଖରେ ଏମାନେ ମହାପ୍ରଭୁଙ୍କ ଭାଇବନ୍ଧୁ, ଜ୍ଞାତିକୁଟୁମ୍ବ କାରଣ ଏମାନେ ନବକଳେବର ଅବସରରେ ଶୁଦ୍ଧିକ୍ରିୟା ପାଳନ୍ତି । ମହାଅଣସର ବେଳେ ଘଟ ପରିବର୍ତ୍ତନ ତଥା ପୁରୁଣା ବିଗ୍ରହମାନେ ପାତାଳି ହେବା ପରେ ଏମାନଙ୍କ ଘରେ ଶୁଦ୍ଧି ପାଳନ ହୁଏ । ଏମାନେ ତେଲ ଲଗାଇ ମାର୍କଣ୍ଡ ତୀର୍ଥ ପୁଷ୍କରଣୀ ତୁଠରେ ସ୍ନାନ କରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ତିଳ ତର୍ପଣ ଦାନ କରନ୍ତି । ଆହୁରି କେତେ ନୀତି, ପରମ୍ପରାର ଆଧାରରେ ଶ୍ରୀମନ୍ଦିରରେ ଦଇତାମାନଙ୍କ ସେବାରେ ରହିଛି ସ୍ୱତନ୍ତ୍ରତା ଆଉ ପ୍ରାଧାନ୍ୟ। ଶ୍ରୀବିଗ୍ରହମାନଙ୍କର ଅନେକ ଗୁପ୍ତସେବା ଅଧିକାର ଜରିଆରେ ଦଇତାମାନେ ମହାପ୍ରଭୁଙ୍କ ସାନିଧ୍ୟ ଲାଭକରି ନିଜ ପାର୍ଥିବ ଜୀବନକୁ ଧନ୍ୟମନେ କରନ୍ତି । ପୂର୍ଣ୍ଣ



ସମର୍ପଣ ଭାବ ତଥା ଅଦମ୍ୟ ନିଷ୍ଠା ସହିତ ଏହି ବର୍ଗର ସେବକ ବର୍ଷର ଗୋଟିଏ ମାସ ଚତୁର୍ଦ୍ଧାମୂର୍ତ୍ତିଙ୍କ ସେବା କରିଥାଆନ୍ତି । ଦଇତା ସେବା ଏକ ସାମୂହିକ ସେବା ବା ଦଳଗତ ସେବା। ପରିବାରର ସମସ୍ତ ପୁରୁଷ ସଦସ୍ୟ ସେବାର ଅଧିକାରୀ ଭାବରେ ପାଉଣା ବା ପ୍ରାପ୍ୟ ପାଇବାକୁ ହକଦାର। ପୁଅଟିଏ ଜନ୍ମ ହେବାର ଏକୋଇଶି ଦିନ ପରେ ପରିବାରର ବରିଷ୍ଠ ସଦସ୍ୟଙ୍କ ଦ୍ୱାରା ଶ୍ରୀମନ୍ଦିରକୁ ଅଣାଯାଇ ତାଟି ପ୍ରବେଶ କରି ମହାପ୍ରଭୁଙ୍କ ନିକଟରେ ମୁଣ୍ଡ ଲଗାଇଲେ ସଦସ୍ୟ ଭାବରେ ଗଣାଯାଏ ଏବଂ ସେ ଅଧାଭାଗ ପାଇଥାଏ । ଏବେ ବୟସ ନିର୍ବିଶେଷରେ ଅନ୍ୟୂନ ୧୫୦ରୁ ଅଧିକ ଭାଗୁଆଳି ରହିଛନ୍ତି । ଦଇତା ସେବା ଖଟଣିରେ ଶାଢ଼ିବନ୍ଧା ପ୍ରଥା ନାହିଁ । ବରିଷ୍ଠମାନଙ୍କଠାରୁ ଅନୁଭୂତି ପ୍ରାପ୍ତ ହୋଇ କନିଷ୍ଠମାନେ ଆପେ ଆପେ ସେବାନୀତିର ଅଭିଜ୍ଞତା ହାସଲ କରନ୍ତି। ଶ୍ରୀମନ୍ଦିରରେ ଉକ୍ତ ଏକ ମାସର ଆଧିପତ୍ୟ ଓ ଅଧିକୃତ ସେବାର ଫଳସ୍ୱରୂପ ଦଇତାକୂଳ ଶ୍ରୀମନ୍ଦିରର ସମଗ୍ର ବର୍ଷର ସମସ୍ତ ଆୟ ଆମଦାନୀ ଯଥା ମାହାଲ ନିଲାମ, ଦାନ ଦକ୍ଷିଣା ଓ ମାହାସୁଲ ଇତ୍ୟାଦି ସୂତ୍ରରୁ ଅର୍ଜିତ ରାଜସ୍ୱର ବାରଭାଗରୁ ଏକ ଭାଗ ପ୍ରାପ୍ତ ହୁଅନ୍ତି । ଏହା ବ୍ୟତୀତ ରଥଯାତ୍ରାରେ ଅତିରିକ୍ତ ସେବା ଓ ସଫଳତା ନିମନ୍ତେ ସ୍ୱତନ୍ତ୍ର ପୁରସ୍କାରର ବ୍ୟବସ୍ଥା ମଧ୍ୟ ରହିଛି । ଦଇତାମାନେ ତିନିବାଡ଼ରେ ବିଭକ୍ତ ହୋଇ ସେବା କଲେ ମଧ୍ୟ ଗୋଷ୍ଠୀଗତ ଭାବେ ପାରସ୍ପରିକ ସହଯୋଗଭିତ୍ତିରେ ସମସ୍ତ କାର୍ଯ୍ୟ ସମାପନ କରିଥାନ୍ତି । ପ୍ରତିବାଡ଼ରେ ଜଣେ ବାଡ଼ଗ୍ରାହୀ ରହିଥାନ୍ତି । ବାଡ଼ଗ୍ରାହୀଙ୍କ ପରାମର୍ଶରେ ଅନ୍ୟ ଭାଇମାନେ କାର୍ଯ୍ୟ କରିଥାନ୍ତି।

# ରଥଖଳା: ଦୁଆର ବେଢ଼ା ରଙ୍ଗ କାର୍ଯ୍ୟ ଶେଷ



**ପୁରୀ, ୨୭/୦୬ ନ୍ୟୁଜ ବ୍ୟୁରୋ**

ଶନିବାର ଥିଲା ରଥ ନିର୍ମାଣର ୬୭ତମ ଦିବସ। ରଥ ନିର୍ମାଣକାରୀ ସେବକ ମୁଖ୍ୟ ମହାରଣାଙ୍କ ମାର୍ଗଦର୍ଶନ ପ୍ରକାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ତିନି ରଥର ୪ ଗୋଟି ଲେଖାଏଁ ୧୨ ଦୁଆର ବେଢ଼ା ରଙ୍ଗ କାର୍ଯ୍ୟ ସମ୍ପୁର୍ଣ୍ଣ ହୋଇଛି। ଚାରମାଳ ପାଇଁ ଗୋଟିଏ ମାଲ କାଠ ହଣା କାର୍ଯ୍ୟ କରାଯାଉଛି। ବେଦି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବେଦି ସିଂହାସନ ପ୍ରସ୍ତୁତି ପାଇଁ ତିନିରଥ ମହାରଣା ସେବକ ଏବଂ ଭୋଇ ସେବକମାନଙ୍କ ସହଯୋଗରେ ୫ ଗୋଟି ଜଗତ ପୃଷ୍ଠ ସେଣି ପଡ଼ି କଣ୍ଟା ବାଡ଼ିଆ କାର୍ଯ୍ୟ ଶେଷ ହୋଇଛି। ବେଦି ପରିସରକୁ ବଢ଼ାଇବା ପାଇଁ ସେଣି ପତନରେ ବେଦି ଉଭୟ ପାର୍ଶ୍ୱରେ ୩ ଗୋଟିଏ ଲେଖାଏଁ ୬ ଗୋଟି ବାହୁଟ ଫାଳିଆ ସଂଯୋଗ କରାଯାଇଛି। କନକ ମୁଣ୍ଡି ସେଟିଂ ପାଇଁ ଚାରି ପାର୍ଶ୍ୱରେ ୧୬ ଗୋଟି କାଠ ସେଟିଂ କରାଯାଉଛି। ରୂପକାର ସେବକମାନେ ପ୍ରଭାରେ ରୂପ ଖୋଦେଇ କରୁଛନ୍ତି। ପଠାଗୁଜ କାର୍ଯ୍ୟ ଚାଲିଛି। ଏହାପରେ ଅନ୍ୟ ମରାମତି କାର୍ଯ୍ୟ କରାଯିବ। ଦୁଆର ବେଢ଼ାଗୁଡ଼ିକରେ ପ୍ରାଇମର୍ ରଙ୍ଗ କାର୍ଯ୍ୟ ପରେ ରାହୁ ରୂପ ଚିତ୍ର କାର୍ଯ୍ୟ କରାଯାଉଛି। ଚକରେ ରଙ୍ଗ କାର୍ଯ୍ୟ କରାଯାଉଛି। ରାହୁ ମୁଖ ସହ ଛାୟା ମାୟା ଚିତ୍ର ଅଙ୍କନ ଜାରି ରହିଛି। କମାରଶାଳରେ ଓଝା ସେବକମାନେ ତିନିରଥର ପ୍ରଭା କଣ୍ଟା, ବେଦି କଣ୍ଟା ସହ ଘୋଡ଼ା ବାଗିଆ, ସାରଥୀ ବାଗିଆ କଣ୍ଟା, ଦୁଆର ବେଢ଼ା ପାଇଁ ଚଉରସ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ପାହି ମହାରଣାମାନେ ରଥଯାତ୍ରାରେ ସେବା ପୂଜା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ କାର୍ଯ୍ୟ କରୁଛନ୍ତି। ସେହିପରି ରଥ ଚାଳନା ବେଳେ ରଥକୁ ରୋକିବା ମୁସ୍କିଲ୍ ହୋଇଯାଏ । ରଥ ଚାଳନା ବନ୍ଦ ସୂଚନା ମିଳିଲେ ମଧ୍ୟ ଶ୍ରଦ୍ଧାଳୁମାନେ ଜାଣି ନପାରି ରଥ ଟାଣିନିଅନ୍ତି। ଏଣୁ ବ୍ରେକ୍ ପଡ଼ି ଚକର ଗତି ରୋଧ କରାଯାଏ । ଚଳିତ ବର୍ଷ ତିନି ରଥ ପାଇଁ ତିନୋଟି ନୂତନ ବ୍ରେକ୍ ତିଆରି କରାଯାଉଛି । ଶାଳ ଗଣ୍ଡିକୁ ବାରିସିରେ ହାଣି ଚଉପଟ କରୁଛନ୍ତି ବିଶ୍ୱକର୍ମା।

---

## ୧୫ ଏକର ଜମି ହେରଫେର ମାମଲା

# ନ୍ୟାୟ ମିଳୁ ମିଳୁ ଲାଗିଲା ୭୦ ବର୍ଷ



**ନୂଆଦିଲ୍ଲୀ, ୨୭/୦୬**

ନ୍ୟାୟ ମିଳୁ ମିଳୁ ହଜିଗଲେ ପିଢ଼ି ପରେ ପିଢ଼ି। ଜମି ବିବାଦକୁ ନେଇ କୋର୍ଟରେ ମାମଲା କେତେ ଲମ୍ବା ହୋଇପାରେ, ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ସୁପ୍ରିମକୋର୍ଟରେ। ୭୦ ବର୍ଷ ପୁରୁଣା ଏକ ମାମଲାର ରାୟ ଶୁଣାଇଛନ୍ତି ସୁପ୍ରିମକୋର୍ଟ। ଏହି ମାମଲା ସେତେବେଳେ ଆରମ୍ଭ ହୋଇଥିଲା ଯେତେବେଳେ ଦେଶର ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଥିଲେ । ପ୍ରଧାନମନ୍ତ୍ରୀଙ୍କ ପରେ ପ୍ରଧାନମନ୍ତ୍ରୀ ବଦଳିଛନ୍ତି କିନ୍ତୁ ମାମଲା ଯେମିତି କି ସେମିତି ରହିଛି । ହରିଦ୍ୱାରର ଏକ ଜମି ବିବାଦ ମାମଲାକୁ ନେଇ ସବୁଠି ଚର୍ଚ୍ଚା ଜୋର୍ । ଆଉ ଗୋଟିଏ ପ୍ରସଙ୍ଗକୁ ନେଇ ମଧ୍ୟ ଏହି ମାମଲା ଚର୍ଚ୍ଚାରେ ରହିଛି । ମାମଲା ରାୟ ଶୁଣାଇଥିବା ବିଚାରପତି ମଧ୍ୟ ବିବାଦ ଆରମ୍ଭ ସମୟରେ ଜନ୍ମ ମଧ୍ୟ ହୋଇନଥିଲେ। ୪ ଜୁନ୍ ୧୯୫୭ର ଜମି ବିବାଦ ମାମଲାରେ ସେଲ୍ ଡିଡକୁ ସୁପ୍ରିମକୋର୍ଟ ବୈଧ ସାବ୍ୟସ୍ତ କରିଛନ୍ତି । ଏହି ମାମଲାରେ ଗୋଟିଏ ପରିବାରର ୪ ପିଢି ଆଇନ କାନୁନର ଫନ୍ଦିରେ ଫସି ରହିଛନ୍ତି । ବିଚାରପତି ପ୍ରଶାନ୍ତ କୁମାର ମିଶ୍ର, ବି.ଏନ ଅଞ୍ଜରିଆ ମାମଲାର ଶୁଣାଣୀ କରି ୧୫ ଏକର ଜମି ବିବାଦରେ ପୂର୍ଣ୍ଣଛେଦ ପକାଇଛନ୍ତି । ଆବେଦନକାରୀ ସରାଫତ ଅଲ୍ଲୀଙ୍କ ପରିବାରଙ୍କ ସମର୍ଥନରେ ରାୟ ଶୁଣାଇଛନ୍ତି ।

# ସଂଶୋଧିତ ନିୟମାବଳୀ ଅନୁସାରେ ବାଲି ସଇରତ ଉତ୍ସ ବାତିଲ ପାଇଁ ତହସିଲଦାରଙ୍କ କ୍ଷମତା ନାହିଁ

- ବ୍ୟାଙ୍କର ଅସ୍ଥାୟୀ କର୍ମଚାରୀଙ୍କୁ ବହିଷ୍କୃତ କରିବା ପଡ଼ିଲା ମହଙ୍ଗା
- ୪୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୨୭/୦୬ ନ୍ୟୁଜ ବ୍ୟୁରୋ**

୨୦୨୨ରେ ଲଘୁ ଖଣିଜ ଦ୍ରବ୍ୟ ସଂପର୍କିତ ନିୟମାବଳୀ (ଓଏମଏମସି ରୁଲ୍ସ)ରେ ସଂଶୋଧନ ହେବା ପରେ କ୍ଷମତା ନଥିଲେ ମଧ୍ୟ ରାଜ୍ୟରେ ତହସିଲଦାରମାନେ ବାଲି ସଇରତ ଉତ୍ସ ନିଲାମ ବାତିଲ ଭଳି ନିର୍ଦ୍ଦେଶ ପ୍ରଦାନ କରୁଥିବା ଘଟଣାକୁ ନେଇ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ବାଲି ସଇରତ ଉତ୍ସ ସଂପର୍କିତ କ୍ଷମତା ବହିର୍ଭୂତ ନିର୍ଦ୍ଦେଶ ଗୁଡ଼ିକ ପାଇଁ ହାଇକୋର୍ଟରେ ବହୁ ସଂଖ୍ୟାରେ ମାମଲା ରୁଜୁ ହେଉଛି। ସଂଶୋଧିତ ନିୟମାବଳୀ ତହସିଲଦାରଙ୍କ ନିକଟରୁ ଏହି କ୍ଷମତା କାଢି ନେଇ ଖଣି ଅଧିକାରୀଙ୍କ ନିକଟରେ ନ୍ୟସ୍ତ କରିଛି। ଏଭଳି ସ୍ଥିତିରେ ତହସିଲଦାରଙ୍କ ଏ ସଂପର୍କିତ ନିର୍ଦ୍ଦେଶ ବେଆଇନ ଓ ଏହାକୁ ପ୍ରଶାସନିକ କ୍ଷେତ୍ରରେ ସ୍ଥାନ ପାଇବାକୁ ଅନୁମତି ଦିଆଯିବା ଉଚିତ୍ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ଏଥି ସହିତ ନୟାହାଟପାଟଣା ବୈତରଣୀ ନଦୀ ବାଲି ଉତ୍ସ ଲିଜ ବାତିଲ କରି ବ୍ୟାସନଗର ତହସିଲଦାର ୨୦୨୩, ଜୁଲାଇ ୧୭ରେ ପ୍ରଦାନ କରିଥିବା ନିର୍ଦ୍ଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଏ ସଂପର୍କିତ ସମସ୍ତ ରେକର୍ଡ ଦୁଇ ସପ୍ତାହ ଭିତରେ ଖଣି ଅଧିକାରୀଙ୍କ ନିକଟକୁ ତହସିଲଦାର ସ୍ଥାନାନ୍ତର କରିବେ। ଏହାପରେ ଏହି ପ୍ରସଂଗରେ ଖଣି ଅଧିକାରୀ ସ୍ୱାଧୀନ ଭାବେ ସାନି ନିଷ୍ପତ୍ତି ନେବେ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଶଶିକାନ୍ତ ଜେନାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଓଏମଏମସି ନିୟମାବଳୀରେ ୨୦୨୨ରେ ସଂଶୋଧନ ହୋଇଥିଲା ଓ ତହିସିଲଦାରଙ୍କ ଠାରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ସ ଲିଜ୍ ବାତିଲ ଓ ଅନ୍ୟାନ୍ୟ କେତେକ କ୍ଷମତା କାଢି ନିଆଯାଇ ଖଣି ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ସଂଶୋଧିତ ନିୟମାବଳୀ ନେଇ ୨୦୨୨, ଡିସେମ୍ବର ୨୮ରେ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆବେଦନକାରୀ ନୟାହାଟପାଟଣା ବୈତରଣୀ ନଦୀ ବାଲି ଉତ୍ସ ଲିଜ ପାଇଥିଲେ। ୨୦୨୩, ଜୁଲାଇ ୧୭ରେ ବ୍ୟାସନଗର ତହସିଲଦାର ଏହି ବାଲି ସଇରତ ଉତ୍ସ ଲିଜ ବାତିଲ କରିବା ସହିତ ଆବେଦନକାରୀଙ୍କ ସୁରକ୍ଷା ଜମା ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ତହସିଲଦାରଙ୍କ କ୍ଷମତା ନାହିଁ ଓ କ୍ଷମତା ପରିସର ବାହାରକୁ ଯାଇ ପ୍ରଦାନ କରାଯାଇଥିବା ନିର୍ଦ୍ଦେଶ ବେଆଇନ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେହିପରି ହାଇକୋର୍ଟରେ ଦୀର୍ଘ ତିନି ଦଶନ୍ଧି ଧରି ଭୁବନେଶ୍ୱରସ୍ଥିତ ଜାତୀୟକରଣ ବ୍ୟାଙ୍କ ଶାଖାରେ ଅସ୍ଥାୟୀ କର୍ମଚାରୀ ଭାବେ କାମ କରିବା ପରେ ବହିଷ୍କୃତ ହୋଇଥିବା ଦୁଇ ଜଣ ବ୍ୟକ୍ତିଙ୍କୁ ୨୦ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଚାକିରି ନିୟମିତ ଓ କାର୍ଯ୍ୟ ଜାରି ରଖିବା ବଦଳରେ ଦୁଇ ଜଣଙ୍କୁ ଏକ କାଳୀନ ୨୦ ଲକ୍ଷ ଟଙ୍କା ଲେଖାଁଏ କ୍ଷତିପୂରଣ ବ୍ୟାଙ୍କ ୮ସପ୍ତାହ ଭିତରେ ପ୍ରଦାନ କରିବ। ଯଦି ନିର୍ଦ୍ଧାରିତ ସମୟସୀମା ଭିତରେ ନିର୍ଦ୍ଦେଶ ପାଳନ ନ ହୁଏ ତେବେ ବ୍ୟାଙ୍କ ପ୍ରଥମ ମାସ କ୍ଷତିପୂରଣ ରାଶି ଉପରେ ୧ ପ୍ରତିଶତ ସୁଧ ଓ ପରବର୍ତ୍ତୀ ସମୟ ପାଇଁ ୨ ପ୍ରତିଶତ ସୁଧ ଦେବ। ଏଭଳି ସୁଧ ବାବଦ ଅର୍ଥ ତ୍ରୁଟି କରିଥିବା ବ୍ୟାଙ୍କର



ଅଧିକାରୀଙ୍କ ଦରମାରୁ ଭରଣା ହେବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମୟାଧର ନାୟକ ଓ ଅନ୍ୟ ଜଣଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଦୈନିକ ଦରମାରେ ଆବେଦନକାରୀ ବ୍ୟାଙ୍କରେ କାର୍ଯ୍ୟ କରୁଥିଲେ। ସେମାନଙ୍କ ଚାକିରି ନିୟମିତ କରାଯାଇ ନଥିଲା। ଅସ୍ଥାୟୀ କର୍ମଚାରୀ ଭାବେ ଆବେଦନକାରୀ ପ୍ରାୟ ତିନି ଦଶନ୍ଧି କାର୍ଯ୍ୟ କରିବା ପରେ ଅବସର ଗ୍ରହଣ ସମୟ ୧୦ ବର୍ଷ ବାକି ଥିବା ବେଳେ ସେମାନଙ୍କୁ ୨୦୨୫, ଜୁଲାଇ ୧୯ରେ ବ୍ୟାଙ୍କ କାର୍ଯ୍ୟରୁ ଅନ୍ତର କରିଥିଲା। ଉଭୟଙ୍କୁ ୩ ଲକ୍ଷ ୩୦ହଜାର ୯୩୪ ଟଙ୍କା ଲେଖାଏ ବ୍ୟାଙ୍କ ପ୍ରଦାନ କରିଥିଲା। ଅନ୍ୟପକ୍ଷରେ ଜୀବନର ପ୍ରମୁଖ ସମୟ ବ୍ୟାଙ୍କରେ କାର୍ଯ୍ୟ କରିଥିବା ବେଳେ ପରିଣତ ବୟସରେ ଏବେ ସାନି ନିଯୁକ୍ତି ମିଳିବା ସମ୍ଭାବନା କମ୍। ଏଭଳି ସ୍ଥିତିରେ କାର୍ଯ୍ୟରୁ ଅନ୍ତର ନିର୍ଦ୍ଦେଶ ବାତିଲ କରାଯାଉ ନଚେତ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରାଜୀବ ରଥ ଓ ସୋମଶେଖର ରଥ ମାମଲା ପରିଚାଳନା କରୁଥିଲେ।

---

# ଚାରି ଛୁଆଙ୍କୁ ଧରି ମୁକ୍ତ ଭାବରେ ବୁଲୁଛି ବାଘୁଣୀ ଜିନ୍ନତ

**ରାଇରଙ୍ଗପୁର, ୨୭/୦୬ ନ୍ୟୁଜ ବ୍ୟୁରୋ**

ଶିମିଳିପାଳରୁ ଆସିଲା ଖୁସିର ଖବର। ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ପୁଣି ଆନନ୍ଦର ପରିବେଶ ସୃଷ୍ଟି ହୋଇଛି । ମହାରାଷ୍ଟ୍ରରୁ ଅଣାଯାଇଥିବା ବାଘୁଣୀ ଜିନ୍ନତ ନିଜ ଶାବକମାନଙ୍କ ସହିତ ଶିମିଳିପାଳର ଜଙ୍ଗଲରେ ନିର୍ଭୟରେ ମୁକ୍ତ ଭାବରେ ବୁଲୁଥିବା ଦେଖିବାକୁ ମିଳିଛି । ଯାହାର ଫଟୋ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷ ସୋସିଆଲ ମିଡିଆ 'ଏକ୍ସ'ରେ ପୋଷ୍ଟ କରିଛନ୍ତି । ବାଘ ଶାବକମାନଙ୍କ ବୟସ ୨ ମାସରୁ କମ୍ ହେବ ଏବଂ ସେମାନେ ନିଜର ପ୍ରାରମ୍ଭିକ ବିକାଶ ପର୍ଯ୍ୟାୟର ଅଂଶ ସ୍ୱରୂପ ମାଆ ଜିନ୍ନତ ସହ ଶିମିଳିପାଳର ଘଞ୍ଚ ଜଙ୍ଗଲରେ ବୁଲିବାର



ଦୃଶ୍ୟ କ୍ୟାମେରାରେ କଏଦ କରାଯାଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ବାଘୁଣୀ ଜିନ୍ନତ ଏବଂ ତା'ର ଶାବକମାନଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ ଶିମିଳିପାଳ କର୍ତ୍ତୃପକ୍ଷ ଅଭୟାରଣ୍ୟ ଭିତରେ ୨୦ କିଲୋମିଟର ପରିଧି ମଧ୍ୟରେ ୨୦ରୁ ଅଧିକ କ୍ୟାମେରା ଟ୍ରାପ୍ ଲଗାଇଛନ୍ତି । ଏହା ସହିତ ବାଘୁଣୀ ଜିନ୍ନତର ଗତିବିଧି ଜାଣିବା ପାଇଁ ତାକୁ ଏକ ସାଟେଲାଇଟ୍ କଲାର୍ ପିନ୍ଧାଯାଇଛି ଏବଂ ଭିଏଚଏଫ୍ ଟ୍ରାକିଂ ସିଗ୍ନାଲ୍ ମାଧ୍ୟମରେ ତଦାରଖ କରାଯାଉଛି । କୋର୍ ଜଙ୍ଗଲ ଅଞ୍ଚଳରେ ଲଗା ଯାଇଥିବା ଟ୍ରାପ କ୍ୟାମେରା ମାଧ୍ୟମରେ ଏକ ସ୍ୱତନ୍ତ୍ର ଟିମ୍ ବାଘୁଣୀ ଓ ତା'ର ଶାବକମାନଙ୍କ ଉପରେ କ୍ରମାଗତ ନଜର ରଖିଛନ୍ତି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କର୍ତ୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ମହାରାଷ୍ଟ୍ରରୁ ଶିମିଳିପାଳ ଅଣାଯାଇଥିବା ବାଘୁଣୀ ଜିନ୍ନତ ୪ଟି ଶାବକକୁ ଜନ୍ମ ଦେଇଥିଲା । ଏହା ବନ୍ୟପ୍ରେମୀ ଓ ବନ ବିଭାଗ ପାଇଁ ଏକ ବଡ଼ ସଫଳତା ହୋଇଥିବା ବେଳେ ଶିମିଳିପାଳ ଜାତୀୟ ଅଭୟାରଣ୍ୟରେ ପୁଣି ଖୁସି ଏବଂ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି । ବାଘୁଣୀ ଜିନ୍ନତକୁ ୨୦୨୪ ନଭେମ୍ବର ମାସରେ ମହାରାଷ୍ଟ୍ରର ତଡ଼ବା–ଅନ୍ଧାରି ଅଭୟାରଣ୍ୟରୁ ଆଣି ଶିମିଳିପାଳରେ ଛଡ଼ାଯାଇଥିଲା । ସେବେ ଠାରୁ ତା'ର ଗତିବିଧି ଉପରେ ବନ ବିଭାଗ ନିରନ୍ତର ନଜର ରଖୁଥିଲା । ୨୦୨୪ ମସିହାରେ ଜଙ୍ଗଲରେ ଛାଡିବା ପରେ ସେ ଭୟରେ ପ୍ରାୟ ୩୦୦ କିଲୋମିଟର ଯାତ୍ରା କରି ରାଜ୍ୟ ସୀମା ପାର କରି ଓଡ଼ିଶା, ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ଦେଇ ଗତି କରିଥିଲା । ପରେ ଏକ ବିଶେଷଜ୍ଞ ବନ୍ୟପ୍ରାଣୀ ଟିମ୍ ତାକୁ ଟ୍ରାକ କରି ଶିମିଳିପାଳକୁ ଫେରାଇ ଆଣିଥିଲେ । ଜିନ୍ନତ ସଫଳତାର ସହିତ ମା' ହେବା ପରେ ଶିମିଳିପାଳର ବାଘ ସଂରକ୍ଷଣ ଯୋଜନାକୁ ନୂଆ ଆଶା ମିଳିଛି । ବନ ବିଭାଗ ଅଧିକାରୀମାନେ ଏହି ଘଟଣାକୁ ଏକ ଐତିହାସିକ ସଫଳତା ଭାବେ ଦେଖୁଛନ୍ତି । ଜିନ୍ନତ ଏବଂ ତା'ର ୪ଟି ଶାବକଙ୍କ ସୁରକ୍ଷା ପାଇଁ ବିଶେଷ ସୁରକ୍ଷା ବ୍ୟବସ୍ଥା ନିଆଯାଇଛି। ଗତ ମେ' ୨୮ ତାରିଖରେ ବାଘୁଣୀ ଜିନ୍ନତ ୪ଟି ଛୁଆ ଧରିକି ଯାଉଥିବାର ଏଆଇ କ୍ୟାମେରାରେ ଟ୍ରାପ ହୋଇଥିଲା।

## ଆମ ବସ୍ ଦୁର୍ଘଟଣାରେ ଲାଗୁନି ରୋକ୍

# ରଙ୍ଗ୍ ରୁଟରେ ଆସି ବାପା-ଝିଅଙ୍କ ଉପରେ ମାଡ଼ିଗଲା



**ଭୁବନେଶ୍ୱର, ୨୭/୦୬ ନ୍ୟୁଜ ବ୍ୟୁରୋ**

ରାଜଧାନୀରେ ପୁଣି ଆମ ବସ୍ ଦୁର୍ଘଟଣା। ସ୍କୁଲରୁ ଫେରୁଥିବା ବେଳେ ବାପା-ଝିଅଙ୍କୁ ଧକ୍କା ଦେଲା ଆମ ବସ୍। ରଙ୍ଗ୍ ରୁଟ୍‌ରେ ଆସି ଆମ ବସ୍ ଧକ୍କା ଦେଇଥିବା ସୂଚନା ମିଳିଛି। ଦୁର୍ଘଟଣାରେ ଝିଅର ଗୋଡ଼ରେ ଆଘାତ ଲାଗିଥିବା ବେଳେ ଗୁରୁତର ଅବସ୍ଥାରେ ବାପା-ଝିଅଙ୍କୁ ପିସିଆରରେ ମେଡିକାଲକୁ ପଠାଯାଇଥିଲା। ମଞ୍ଚେଶ୍ୱର ଗାଡ଼କଣ ରେଲଓ୍ୱେ ଷ୍ଟାଡିୟମ୍ ଛକ ରାସ୍ତା ନିକଟରେ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। କ୍ଷତି ପୂରଣ ଦାବି ନେଇ ସ୍ଥାନୀୟ ଲୋକେ ରାସ୍ତା ରୋକ୍ କରିଥିଲେ। ଏହି ଘଟଣାକୁ ନେଇ ସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିଲା। କମିଶନରେଟ ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିବା ସହିତ ଆମ୍ ବସ୍ ଡ୍ରାଇଭରକୁ ଅଟକ ରଖିଛି। ସେଠାରେ ଶାନ୍ତି ଫେରାଇ ଆଣିବାକୁ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରଯାଇଥିଲା। ଅତୀତରେ ଆମ ବସ୍ ଅନେକ ଦୁର୍ଘଟଣା ଘଟାଇଥିବା ବେଳେ ବାରମ୍ବାର ଏଭଳି ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଭୁବନେଶ୍ୱର ବାସିନ୍ଦା। ପୂର୍ବରୁ ଏନେଇ ଅନେକ ଉତ୍ତେଜନାତ୍ମକ ପରିସ୍ଥିତି ସୃଷ୍ଟି ହୋଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୨୭/୦୬/୨୦୨୬
୭,୫୩,୫୫୪/- ଟଙ୍କା
ସୁନା:- ୦ଗ୍ରାମ୍ ୨୦୦ ମିଲିଗ୍ରାମ
ରୂପା:- ୩୬ଗ୍ରାମ୍ ୦ ମିଲିଗ୍ରାମ




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସୂ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com

# ସୁରକ୍ଷା ଅଭାବରୁ ଚୋରି ହେଉଛି ଦୁର୍ଲଭ ମୂର୍ତ୍ତି : ପ୍ରତ୍ନତତ୍ତ୍ୱ ବିଭାଗ ଚୁପ୍ !

**ଭୁବନେଶ୍ୱର, ୨୭/୦୬ ନ୍ୟୁଜ ବ୍ୟୁରୋ**

ସଂରକ୍ଷଣ ଅଭାବରୁ ଧ୍ୱଂସ ପାଇବାକୁ ବସିଲାଣି କୋରାପୁଟର ପ୍ରାଚୀନ କୀର୍ତ୍ତିରାଜି। ଇତିହାସର ମୁଖସାକ୍ଷୀ ସାଜିଥିବା କୋରାପୁଟ ସୁବାଇ ଜୈନ ମନ୍ଦିର ଏବେ ପ୍ରତ୍ନତତ୍ତ୍ୱ ବିଭାଗର ଅବହେଳା ଯୋଗୁଁ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଚାରିଆଡ଼େ ମାଟି ତଳୁ ଦୁର୍ଲଭ ଜୈନ ମୂର୍ତ୍ତି ବାହାରୁଥିଲେ ବି ସୁରକ୍ଷା ବ୍ୟବସ୍ଥା ଶୂନ। ଚାରିଆଡ଼େ ପାହାଡ଼, ରାସ୍ତା କଡ଼ରେ ଶତାବ୍ଦୀ ପୁରୁଣା ଜୈନ ମନ୍ଦିର। ଯେଉଁଠି ଖୋଳିଲେ ସେହିଠି ମାଟି ତଳୁ ବାହାରୁଛି ଦୁର୍ଲଭ ଜୈନ ମୂର୍ତ୍ତି ଓ ମନ୍ଦିରର ଭଗ୍ନାବଶେଷ। ହେଲେ କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକର ସୁବାଇଠାରେ ଥିବା ଏହି ଜୈନ କୀର୍ତ୍ତିରାଜି ଆଜି ସମ୍ପୂର୍ଣ୍ଣ ଅସୁରକ୍ଷିତ। ସୁରକ୍ଷା ଅଭାବରୁ ନଷ୍ଟ ହେବାକୁ ବସିଲାଣି ଜୈନ ମନ୍ଦିର। ବହୁ ଦୁର୍ଲଭ ମୂର୍ତ୍ତିକୁ ଦୁର୍ବୃତ୍ତମାନେ ଚୋରି କରି



ନେଲେଣି। ୨୦୧୪ରେ ୩ଟି ଏବଂ ୨୦୨୫ ଅଗଷ୍ଟରେ ଆଉ ଏକ ଦୁର୍ଲଭ ମୂର୍ତ୍ତି ଚୋରି ହୋଇସାରିଛି। ଏହାର ପୁନରୁଦ୍ଧାର ହୋଇପାରୁନି କି ସୁରକ୍ଷା ଦିଗରେ ପ୍ରତ୍ନତତ୍ତ୍ୱ ବିଭାଗର ନଜର ନାହିଁ। ଇତିହାସ କହେ, ଚତୁର୍ଥ ଶତାବ୍ଦୀ ବେଳକୁ କୋରାପୁଟରେ ଜୈନ ଧର୍ମର ବ୍ୟାପକ ପ୍ରଚାର ଓ ପ୍ରସାର ହୋଇଥିଲା। ନନ୍ଦପୁର ଅଞ୍ଚଳରୁ ଆରମ୍ଭ ହୋଇ ଏହା ଛତିଶଗଡ଼ ପର୍ଯ୍ୟନ୍ତ ବ୍ୟାପିଥିଲା। ସେହି ସମୟରେ ସୁବାଇରେ ୫ଟି ଜୈନ ମନ୍ଦିର ନିର୍ମାଣ କରି ଭିନ୍ନ ଭିନ୍ନ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ଯାହାକୁ ସ୍ଥାନୀୟ ଲୋକେ ଏବେ ବିଭିନ୍ନ ଦେବାଦେବୀ ଭାବି ପୂଜା କରୁଛନ୍ତି। ଆନ୍ଧ୍ର, ଓଡ଼ିଶା ଓ ଛତିଶଗଡ଼ରୁ ଅନେକ ପର୍ଯ୍ୟଟକ ଏଠାକୁ ଆସୁଛନ୍ତି ସତ, ହେଲେ ଅବହେଳିତ ବ୍ୟବସ୍ଥା ଦେଖି ମୁହଁ ଫେରାଉଛନ୍ତି। ସମୟ ଥାଉ ଥାଉ ସରକାର ଓ ପ୍ରତ୍ନତତ୍ତ୍ୱ ବିଭାଗ ଯଦି ଏଥିପ୍ରତି ଦୃଷ୍ଟି ନଦେବେ, ତେବେ ଦିନେ ଇତିହାସର ମୂକସାକ୍ଷୀ ସାଜିଥିବା ଏହି ସ୍ଥାନ ନିଜେ ଇତିହାସର ପୃଷ୍ଠାରେ ହଜିଯିବ। ପୁଣି ମନ୍ଦିରକୁ ଲୁଟେରାଙ୍କ ଟାର୍ଗେଟ। ମନ୍ଦିରରୁ କଲେ ଲୁଟ । ଲୁଟିନେଲେ ଦାନ ଟଙ୍କା ଓ ଠାକୁରଙ୍କ ସୁନା ରୁପା ଅଳଙ୍କାର । ଉଦଳା ଥାନା ଶ୍ମଶାନ କାଳୀ ମନ୍ଦିରରୁ ବିଳମ୍ବିତ ରାତିରେ ଲୁଟ ହୋଇଥିବା ସୂଚନା ମିଳିଛି । ଉଦଳା ପୁଲିସ ସୂଚନା ପାଇ ତଦନ୍ତ ଆରମ୍ଭ କରିଛି। ହୁଣ୍ଡି ବାକ୍ସ ଭାଙ୍ଗି ଲୁଟିନେଲେ ଦାନ ଅର୍ଥ, ମା'ଙ୍କର ଦୁଇ ରୂପା ମୁକୁଟ, ସୁନା ଅଳଙ୍କାର । ପ୍ରାୟ ୩୦ ହଜାର ଟଙ୍କାର ଦାନ ଅର୍ଥ ଲୁଟ କରିଥିବା ଅଭିଯୋଗ। ସକାଳେ ପୂଜାରୀ ମନ୍ଦିରକୁ ଆସିବା ପରେ ଲୁଟ ଘଟଣା ଜଣାପଡିଥିଲା । ପୁଲିସ ଖବର ପାଇ ଅପରାଧୀଙ୍କୁ ଧରିବାକୁ କସରତ ଆରମ୍ଭ କରିଛି। ବାରମ୍ବାର ମନ୍ଦିରରୁ ଲୁଟ୍ କରି ପୁଲିସକୁ ଚ୍ୟାଲେଞ୍ଜ ଦେଉଛନ୍ତି ଲୁଟେରା।

## ଏବେ ବଜାରରେ ଉପଲବ୍ଧ...

### ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ଜୁଲାଇ-୨୦୨୬ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ।
**ସମକାଳର କଥା :** ରମେଶ ପଟ୍ଟନାୟକ, ବିନୋଦ, ସୁଜାତା ମହାପାତ୍ର, ପ୍ରଣିତାରାଣୀ ବେହେରା, ସନ୍ତୋଷୀସ୍ୱାଇଁ, ରାଜଲକ୍ଷ୍ମୀ ତ୍ରିପାଠୀ, ସ୍ନିଗ୍ଧା ନାୟକ, ରାଧାଶ୍ୟାମ ରାଉଳ, ପୀତାମ୍ବର ମହାପାତ୍ର, ସୁଷମା ପରିଜା।
**ଅନ୍ୟ ଭାଷାର କଥା :** ଚିତ୍ତରଂଜନ ପଟ୍ଟନାୟକ।
**ଯୁବ ମାନସର କଥା :** ଲିପିକା ଦାସ ପଟ୍ଟନାୟକ, ଅନୁସୂୟା ପଣ୍ଡା, ଚିନ୍ମୟୀ ପଣ୍ଡା, ଇନ୍ଦୁମତୀ ପାତ୍ର, ରୁମୁଲୀ ନନ୍ଦ।
ଏବଂ ଶେଷରେ 'କଥା ସାଗର' : ମଳିନ ଚନ୍ଦ୍ର-ଅଶୋକ ବିଶ୍ୱାଳ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)